JANUARY 2025 . VOL-I . ISSUE. I

ସଂବେଦ ସଂବୀକ୍ଷଣ

SAMBEDA SAMBEEKSHYANA

ଜାନୁଆରୀ-ମାର୍ଚ୍ଚ 2025

ସଂବେଦ
ସଂବୀକ୍ଷଣ

ଜନଜାତି ଜୀବନ ଓ ସଂସ୍କୃତି ଆଧାରିତ ସମାଲୋଚନାତ୍ମକ ପତ୍ରିକା

ପ୍ରଥମ ବର୍ଷ, ପ୍ରଥମ ସଂଖ୍ୟା
ଜାନୁଆରୀ - ମାର୍ଚ୍ଚ ୨୦୨୫

Volume No:. 01, Issue No:. 01
JANUARY - MARCH 2025

ପ୍ରତିଷ୍ଠାତା, ସମ୍ପାଦକ ଓ ପ୍ରକାଶକ
ପ୍ରଫେସର ଦେବାଶିଷ ପାତ୍ର

Founder, Editor & Publisher
Prof. Debashis Patra

ଠିକଣା

ଫ୍ଲାଟ ନମ୍ବର- ୧୦୬,
ଅରୋ ପାରାଡାଇଜ୍ ଅପାର୍ଟମେଣ୍ଟ,
ନଲମଗଞ୍ଜ, ମୋତିଗଞ୍ଜ, ବାଲେଶ୍ୱର,
୭୫୬୦୦୩

Contact

Flat no 106,
Oro Paradise Apartment, Nalam-
ganj, Motiganj, Baleswar 756003

ଉପଦେଷ୍ଟା ମଣ୍ଡଳୀ

ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ
କୁଳପତି
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

ଡ. ମହେନ୍ଦ୍ର କୁମାର ମିଶ୍ର
ପ୍ରତିଷ୍ଠାତା
ଲୋକସାହିତ୍ୟ ପ୍ରତିଷ୍ଠାନ, ଭୁବନେଶ୍ୱର

ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ
ସଂଯୁକ୍ତ ପ୍ରଫେସର, ଓଡ଼ିଆ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

ଡ. ଦମୟନ୍ତୀ ବେଶ୍ରା
ଜନଜାତି ଗବେଷିକା ଓ ଲେଖିକା
ବାରିପଦା

ସମ୍ପାଦକ ମଣ୍ଡଳୀ

ପ୍ରଫେସର ଦେବାଶିଷ ପାତ୍ର
ବିଭାଗ ମୁଖ୍ୟ, ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

ପରମାନନ୍ଦ ପଟେଲ
ଜନଜାତି ଗବେଷକ ଓ ଲେଖକ,
ଭୁବନେଶ୍ୱର

ଡ. ରାଜେନ୍ଦ୍ର ପାଢ଼ୀ
ଅତିଥି ପ୍ରଫେସର
ସ୍ନାତକୋତ୍ତର ବିଭାଗ, ଜନଜାତି ଗବେଷଣା ପରିଷଦ, କୋରାପୁଟ

ନମିତା ପରିଡ଼ା
ଜନଜାତି ଗବେଷିକା ଓ ଲେଖିକା
ବାରିପଦା

ଡ. ଅନୁପ କୁମାର ଚାନ୍ଦ
ଜନଜାତି ଚିତ୍ରକାର, ଗବେଷକ ଓ ଲେଖକ
ବାରିପଦା

ଡ. ସୌମ୍ୟଜିତ୍ ପଣ୍ଡା
ସହାୟକ ଅଧ୍ୟାପକ, ଦୂରନ୍ତର ଶିକ୍ଷାକେନ୍ଦ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

Advisory Board

Prof. Santosh Kumar Tripathy
Vice Chancellor
Fakir Mohan University, Balasore

Mahendra Kumar Mishra
Founder Trustee, Folklore Foundation, Bhubaneswar

Prof. Krushnachandra Pradhan
Adjunct Professor Department of Language and Literature
Fakir Mohan University, Balasore

Dr. Damayanti Beshra
Writer,
Folklore and Tribal Studies,
Baripada

Editorial Board

Prof. Debashis Patra
Head, Department of Language and Literature
Fakir Mohan University, Balasore

Paramananda patel
Writer,
Free lancer ATLC and SCSTRTI

Dr. Rajendra Padhy
Guest Professor of M.A in Tribal Studies(COATS)S Koraput

Namita Parida
Writer,
Folklore and Tribal Studies

Dr. Anup Kumar Chand
Freelance Artist & Art Educator,
Writer,
Folklore and Tribal Studies

Dr. Soumyajit Panda
Assistant Professor in Odia
CDOE, Fakir Mohan University,
Balasore

ଆମ ବିଷୟରେ

- **ସଂବେଦ ସଂବୀକ୍ଷଣ** ଏକ ତ୍ରୈମାସିକ ଆଦିବାସୀ ଜୀବନ, ସାହିତ୍ୟ ଓ ସଂସ୍କୃତି ଆଧାରିତ ସମାଲୋଚନାଧର୍ମୀ ପତ୍ରିକା।
- ଏଣୁ ଏଥିରେ କୌଣସି ପ୍ରକାର ସର୍ଜନାତ୍ମକ ରଚନା (ଗଳ୍ପ, କବିତା, ଉପନ୍ୟାସ, ଅନୁବାଦ ବା ନାଟକ ଇତ୍ୟାଦି) ଗ୍ରହଣୀୟ ନୁହେଁ।
- ଏହି ପତ୍ରିକା ଜନଜାତି ସମ୍ପର୍କିତ ଗବେଷଣା ପାଇଁ ଜନଜାତି ସମ୍ପର୍କିତ ପୁସ୍ତକ ସମୀକ୍ଷା, ଜନଜାତି ଗବେଷକ ବା ଲୋକଧାରା ବିଶେଷଜ୍ଞଙ୍କ ସାକ୍ଷାତକାର ଓ ଜନଜାତି ମିଥ୍‌ଧର୍ମୀ କାହାଣୀଗୁଡ଼ିକ ପ୍ରକାଶନ ପାଇଁ ଉଦ୍ଦିଷ୍ଟ ।
- ପତ୍ରିକାଟି କେବଳ ମୌଳିକ ସମାଲୋଚନା ପାଇଁ ଉଦ୍ଦିଷ୍ଟ। ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ଲେଖା ଏଥିରେ ଗ୍ରହଣୀୟ ହେବନାହିଁ।
- ଲେଖାଗୁଡ଼ିକ କେବଳ(ଓଡ଼ିଆ ଓ ଆଲଚିକି ଲିପି) ୟୁନିକୋଡ଼ ଅକ୍ଷରରେ ଓ ମାଇକ୍ରୋସଫ୍ଟ ୱାର୍ଡ଼ ଫାଇଲରେ ଗ୍ରହଣୀୟ।
- ଲେଖାର ଅକ୍ଷର ଓଡ଼ିଆ କଳିଙ୍ଗ ଲିପିରେ ରହିବା ଆବଶ୍ୟକ। ଇଂରାଜୀ ପାଇଁ ଟାଇମସ ନିଉ ରୋମାନ ଲିପିରେ ଲେଖିବା ବିଧେୟ।
- ଲେଖାର ନାମ ୧୬(ବୋଲ୍ଡ), ଲେଖକଙ୍କର ନାମ ୧୩(ବୋଲ୍ଡ) ଓ ତାଙ୍କର ଠିକଣା ୧୧ ଅକ୍ଷର ସାଇଜରେ ରହିବ। ଏହା ସହିତ ଆଲୋଚନାଟି ୧୨ ଅକ୍ଷର ସାଇଜରେ ରହିବ । ଆଲୋଚନା ମଧ୍ୟରେ ଉପଶୀର୍ଷକ ଥିଲେ ଏହା ୧୨ ବୋଲ୍ଡ ଅକ୍ଷର ସାଇଜରେ ରହିବା ବିଧେୟ ।
- ଏହା ଏକ ଦେୟମୁକ୍ତ ପ୍ରକାଶନ ମଞ୍ଚ ଏଣୁ ସମୀକ୍ଷକ ଓ ସମ୍ପାଦକମଣ୍ଡଳୀଙ୍କର ଅନୁମୋଦନ ପରେ ଲେଖାଟି ପ୍ରକାଶ ପାଇବ ।
- ଏହା ତ୍ରୈମାସିକ ଆଧାରରେ ପ୍ରକାଶ ପାଉଥିବାରୁ ଲେଖା ପଠାଇବାପରେ ପ୍ରେରକଙ୍କୁ ୬ ମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଅନୁରୋଧ । ଏହି ସମୟରେ ଲେଖାଟି ଅନ୍ୟ କୌଣସି ପତ୍ରିକାକୁ ପ୍ରେରଣ କରିବା ନିଷେଧ।
- ପ୍ରବନ୍ଧ ପ୍ରେରଣ ସମୟରେ ଲେଖକ ପ୍ରକାଶକଙ୍କୁ ଲେଖାଟି ପ୍ରକାଶ କରିବା ପାଇଁ ନିଜର ସ୍ୱୀକୃତି ପତ୍ର ପ୍ରେରଣ କରିବା ଅନିବାର୍ଯ୍ୟ । ଏହା ବିନା ଲେଖାଟି ଗ୍ରହଣୀୟ ନୁହେଁ ।

- ସମ୍ପାଦକ ମଣ୍ଡଳୀ

About Us.

- **Sambeda Sambeekshyana** is a quarterly magazine based on tribal life, literature, and culture.
  Hence, no creative writings (story, poetry, novel, translation, or drama Etc.) are accepted.
- This magazine is intended for tribal-related research, tribal book reviews, interviews with tribal researchers or folklore experts, and tribal myth-based narratives.
- The magazine is solely meant for original analytical articles. Articles published elsewhere will not be accepted. Submissions will only be accepted in Unicode fonts (Odia or Alchiki script) and Microsoft Word file format.
- The font must be in Odia Kalinga script. For English, it should be written in Times New Roman font.
- The article title should be in 16pt bold, the author's name in 13pt bold, and their address in 11pt font. The main article content must be in 12pt font. If subheadings are included, they must be in 12pt bold.
- This is a non-remunerative publication platform, and articles will only be published after approval from the reviewers and editorial board.
- Since the magazine is published quarterly, contributors are requested to wait up to six months post-submission. During this period, the submitted article should not be sent to any other magazine.
- It is mandatory to include a consent letter from the author permitting the article's publication. Submissions without this will not be accepted.

-Editorial Board

ସମ୍ପାଦକୀୟ

ଶାଳଗଛର ମଥାନକୁ ଛୁଇଁ ଚଇତିଜହ୍ନ ଉଠିଲା ତ' କୁନିକୁନି କାକରବିନ୍ଦୁ ପରି ଝରିପଡ଼ିଲା ମହୁଲଗଛର ଫୁଲ। ଛଳଛଳ ଆବେଗରେ ପଥର ଦେହରେ ଲେଖି ହୋଇଗଲା ଅନ୍ଧାରର ଗୀତ; ଯେଉଁ ଗୀତରେ ଥିଲା ଢେମ୍‌ସାର ଛନ୍ଦ, ମାଦଳର ଆବେଗ। ଡଙ୍ଗର ଗାଁରୁ ଭାସିଆସୁଥିଲା ବଗିଚା ଭର୍ତ୍ତି ମିଠା ସପନ ଓ ଅସରନ୍ତି କଥା। ପାଂଶୁଳ ରାତିର ଆଲିଙ୍ଗନ ଭିତରେ ଦୂରରୁ ଦିଶୁଥିଲା ଶୁକ୍ରୁଜାନି, ନନ୍ଦୁକବାସି, ଘନକିସାନି ପୁଅ ସାନନ୍ଦ ମୁର୍ମୁ ପରି ଅନେକଙ୍କ ଜୀବନଗାଥା। ଛଳଛଳ ଆବେଗ ଭିତରୁ ତଥାପି ଦିଶୁଥିଲା ସମ୍ଭାବନାମୟ ହଳଦୀ ଗୁରୁଗୁରୁ ଫୁଲର ଲହଡ଼ି, ଯାହାଥିଲା ଛଳନାହୀନ ମଣିଷପଣିଆର ଓ ଯେଉଁଠି ପ୍ରତିନିୟତ ଯୋଡ଼ି ହେଉଥିଲା ଅନନ୍ତ ଅନୁଭବର କଥା।

ଜନଜାତିର ସମ୍ବେଦନକୁ ଅଢେଇ ଦଶନ୍ଧି ଧରି ସାଉଁଟିସାଉଁଟି ଏକ ଅଦୃଶ୍ୟ ସମ୍ପର୍କରେ ବାନ୍ଧି ହୋଇଯାଇଛି ସେମାନଙ୍କ ସହ। ମୋତେ ସବୁଠି ଦିଶିଛି ଅରଣ୍ୟମନସ୍କ ମୁହଁ ଓ ଶିରାଳ ହାତର ଛୁଆଁରେ ଗଢ଼ିଉଠିଥିବା ଡଙ୍ଗରଖେତ ସବୁ ବିଜନ ବନଭୂମିରୁ ଅନବରତ ଖୋଜିଚାଲିଛି ବିସ୍ମୟରେ ଭରା ସେମାନଙ୍କ ସଂସ୍କୃତିର କଥା। ଅନ୍ୱେଷଣ ଜାରି ରଖିଛି। ଜନଜାତିର ଗାଁରେ ରାତି କଟାଇଛି, ବିନିଦ୍ର ହେଇ ଚଇତି ପରବର ଡୁଗ୍‌ଡୁଗା ଶୁଣିଛି। ମାରଂଗୁରଠାରେ ଅଭିପ୍ରାୟ ଜଣାଇଛି। କ୍ଷେତ୍ର ପର୍ଯ୍ୟବେକ୍ଷଣପାଇଁ ଧାଇଁଯାଇଛି କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରିର ଗାଁ ସମୂହକୁ ପୁଣି ଉତ୍ତର ଓଡ଼ିଶାର ବାଲେଶ୍ୱର, କେନ୍ଦୁଝର, ମୟୂରଭଂଜଠାରୁ ଆରମ୍ଭ କରି ପଶ୍ଚିମାଞ୍ଚଳର କଳାହାଣ୍ଡି, ସମ୍ବଲପୁର ଓ ସୁନ୍ଦରଗଡ଼ର ଜନଜାତି ଗାଁକୁ । ବଣ୍ଡା, କୋୟା, ଡିଡାଇ, ପରଜା, କନ୍ଧ, ଜୁଆଙ୍ଗ, ସାନ୍ତାଳ, ସୌରା, କହ୍ନ, ଗଦବା, ହଲବୀ, ଓରାମ ଓ ଭୂମିଜ ପରି ଅନେକଙ୍କ ସହ କଟାଇଛି କେତେ ମୁହୂର୍ତ୍ତ। ସେମାନଙ୍କୁ ନେଇ କିଛି କରିବାର ବିଶ୍ୱାସ ଦାନା ବାନ୍ଧିଛି ମୋ ଭିତରେ ଯାହାର ପରିଣତିରେ ଜନଜାତିର ଜୀବନ ଓ ସଂସ୍କୃତିକୁ ନେଇ ଲେଖିପାରିଛି କିଛି ଆତ୍ମୀୟ ଓ ଗବେଷଣାଭରା କଥା, ଗବେଷଣା ଲବ୍ଧ ତଥ୍ୟକୁ ନିବନ୍ଧ ରୂପରେ ପ୍ରକାଶନପାଇଁ ଅନେକ ସମସ୍ୟାର ସାମ୍ନା କରିବାକୁ ପଡ଼ିଛି; ବିଶେଷ କରି ଅନେକ ପତ୍ରିକା ସାହିତ୍ୟ ସମାଲୋଚନା ପ୍ରକାଶପାଇଁ ଆଗ୍ରହ କରୁଥିବା ବେଳେ ଜନଜାତି ବିଷୟଭିତ୍ତିକ ଆଲୋଚନାକୁ ଗୌଣ ଭାବେ ଦେଖିଥାନ୍ତି। ଏପରି କି ଏହିସବୁ ନିବନ୍ଧପାଇଁ ସ୍ଥାନଟିଏ ମିଳିବା କଷ୍ଟ ହୋଇଥାଏ। ସଂପାଦକଙ୍କ ଯୁକ୍ତି ଥାଏ ଜନଜାତି ଗବେଷଣା ନିବନ୍ଧର ପାଠକ ସୀମିତ। ଏହା ଅବଶ୍ୟ ଆଂଶିକ ଭାବରେ ସତ୍ୟ ଏହିସବୁ ଗବେଷଣା ନିବନ୍ଧର ପାଠକ ସ୍ୱତନ୍ତ୍ର। ଦୁଇ ଦଶନ୍ଧି ପୂର୍ବରୁ କତିପୟ ଗବେଷକ ଜନଜାତିର କ୍ଷେତ୍ରକୁ ଗବେଷଣାପାଇଁ ଚୟନ କରୁଥିବା ବେଳେ ଏବେ ସେହି ଧାରା ବଦଳିଛି। ଯୁବପିଢ଼ି ଜନଜାତି ଗବେଷଣାପାଇଁ ଆଗଭର ହୋଇଛନ୍ତି। ଏପରିକି ଜନଜାତିର ଗବେଷଣା ବହୁ ବିଷୟକ କ୍ଷେତ୍ର ଭାବରେ ନିଜକୁ ସାବ୍ୟସ୍ତ କରିଛି। ଯେପରିକି; ଭାଷା, ସଂସ୍କୃତି, ପରମ୍ପରା, ପର୍ଯ୍ୟାବରଣ, ମିଥ୍, ବାଚିକ ପରମ୍ପରା ଓ ଲୋକଭେଷଜ ବିଜ୍ଞାନ ଇତ୍ୟାଦି। ଅତଏବ ଜନଜାତି କ୍ଷେତ୍ର ଗବେଷଣାର ଏକ ବୃହତ୍ କ୍ଷେତ୍ର ପାଲଟିଛି। ଏହି ଗବେଷଣା ସେମାନଙ୍କ ଅସ୍ତିତ୍ୱ ଓ ଅସ୍ମିତାର ପରିଚୟ ବହନ କରିବାକୁ ମଧ୍ୟ ସମର୍ଥ।

ଅନେକ ଦିନରୁ ସଂକଳ୍ପ ଥିଲା ଜନଜାତି ଗବେଷଣା ନିମନ୍ତେ ଏକ ସ୍ୱତନ୍ତ୍ର ଗବେଷଣାଧର୍ମୀ ପତ୍ରିକାର ପ୍ରକାଶନପାଇଁ ଯାହା ଜନଜାତି ଗବେଷକଙ୍କପାଇଁ ଏକ ଭୂମି ଯୋଗାଇବ। ସେହି ଚିନ୍ତନଭିତରୁ ଜନ୍ମ **'ସଂବେଦ**

ସଂବୀକ୍ଷଣ’ ପତ୍ରିକା। **‘ସଂବେଦ ସଂବୀକ୍ଷଣ’**ର ଅର୍ଥ ହେଉଛି ଜ୍ଞାନର ଅନ୍ୱେଷଣ। ଜନଜାତି ଜୀବନଧାରାର ଦୃଶ୍ୟ - ଅଦୃଶ୍ୟ ଅନୁଭବକୁ ଆପଣାଇ ନେବା ଯାହାର ଉଦ୍ଦେଶ୍ୟ। ଏହି ପତ୍ରିକା ଆଠଟି ଭାଷାରେ ନିବନ୍ଧକୁ ସ୍ଥାନ ଦେବ ଯଥା- ଓଡ଼ିଆ, ଇଂରାଜୀ, ହିନ୍ଦୀ, ସଂସ୍କୃତ, ସାନ୍ତାଳୀ, ବୋଡ଼, ବଣ୍ଡା, କୁଇ। ଯେଉଁ ଭାଷାର ଲିପି ନାହିଁ ତାହା ଓଡ଼ିଆ ଲିପି କିମ୍ବା ଦେବନାଗରୀ ଲିପିଦ୍ୱାରା ଲେଖାଯାଇ ପ୍ରକାଶନପାଇଁ ପ୍ରେରଣ କରାଯାଇପାରିବ।

ତେବେ ଏହି ପତ୍ରିକା ଜନଜାତି ସମ୍ପର୍କିତ ଗବେଷଣାପାଇଁ ଜନଜାତି ସମ୍ପର୍କିତ ପୁସ୍ତକସମୀକ୍ଷା, ଜନଜାତି ଗବେଷକ ବା ଲୋକଧାରା ବିଶେଷଜ୍ଞଙ୍କ ସାକ୍ଷାତକାର ଓ ଜନଜାତି ମିଥ୍‌ଧର୍ମୀ କାହାଣୀଗୁଡ଼ିକ ପ୍ରକାଶନପାଇଁ ଉଦ୍ଦିଷ୍ଟ। ଏହି ପତ୍ରିକା ପ୍ରକାଶନରେ ସହୃଦୟତାର ହାତ ବଢ଼ାଇଥିବା ପୂଜ୍ୟ ଉପଦେଷ୍ଟା ମଣ୍ଡଳୀ, ସମ୍ପାଦନା ମଣ୍ଡଳୀ ଓ ଜନଜାତି ଗବେଷକ ସମସ୍ତଙ୍କୁ ମୋର କୃତଜ୍ଞତା। ଶେଷରେ ଦାରୁଦେବତାଙ୍କ ନିକଟରେ ପ୍ରାର୍ଥନା ଜନଜାତି ସଂସ୍କୃତିର ପ୍ରାଣବାଣୀ ସମସ୍ତଙ୍କ ନିକଟରେ ପହଞ୍ଚାଇବାର ସଂକଳ୍ପରେ **‘ସଂବେଦ ସଂବୀକ୍ଷଣ’** ସମର୍ଥ ହେଉ, ଏହା ହିଁ କାମନା କରି ରହୁଛି।

- ସମ୍ପାଦକ
ପ୍ରଫେସର ଦେବାଶିଷ ପାତ୍ର

ଜାନୁଆରୀ-ମାର୍ଚ୍ଚ 2025

ସଂବେଦ
ସଂବୀକ୍ଷଣ

ପ୍ରଥମ ବର୍ଷ, ପ୍ରଥମ ସଂଖ୍ୟା,ଜାନୁଆରୀ - ମାର୍ଚ୍ଚ ୨୦୨୫
Volume No:. 01, Issue No:. 01
JANUARY - MARCH 2025

ଏହି ସଂଖ୍ୟାରେ...

ପ୍ରବନ୍ଧ ଓ ସମାଲୋଚନା

ଜନଜାତି ଓ ଆମ୍ବ ରଜା — ଡକ୍ଟର ଦ୍ୱିତୀ ଚନ୍ଦ୍ର ସାହୁ

ବାଥୁଡ଼ି ମୌଖିକ ସାହିତ୍ୟରେ ସାମାଜିକ ଓ ସାଂସ୍କୃତିକ ଚେତନା — ଡକ୍ଟର ରଞ୍ଜନ ପ୍ରଧାନ

ଆଦିବାସୀଙ୍କ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଆଲୋକପାତ ଦାରୁ ଉପାସନା ଉପାସନାରୁ : ସମ୍ୟକ — ଡକ୍ଟର ରାଜେନ୍ଦ୍ର ପାଢ଼ୀ

Folk Art in Chhattisgarh: Related to vow and festival — Dr..Shubhra Chand

WOMEN AT THE CENTRE OF FOLK TRADITIONS — Dr. Anup Kumar Chand

ପୁସ୍ତକସମୀକ୍ଷା

ନବରଙ୍ଗପୁର ଆଦିବାସୀ ଲୋକସାହିତ୍ୟ ଓ ସାଂସ୍କୃତିକ ପରମ୍ପରା : ଏକ ବିଶ୍ଲେଷଣ — ସୁଜାତା ମହାପାତ୍ର

ସାକ୍ଷାତକାର

ଲୋକସଂସ୍କୃତି ଗବେଷକ ନିରଞ୍ଜନ ଖୁଣ୍ଟିଆଙ୍କ ସହିତ ଆଳାପ — -ସମ୍ପାଦକ

ଆମ ସହିତ ଯୋଡ଼ି ହୁଅନ୍ତୁ ଓ
ନିଜର ମତାମତ ପ୍ରଦାନ କରନ୍ତୁ ।
ଇ-ମେଲ୍- sambeekshana@gmail.com
ଦୂରଭାଷ- +91 79789 03345
sambedasambeekshana.in

ଜନଜାତି ଓ ଆମ୍ବ ରଜା

ଡକ୍ଟର ଦ୍ୱିତୀ ଚନ୍ଦ୍ର ସାହୁ

୬୬- ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା -୭୬୫୦୦୧, ମୋ - ୯୪୩୭୯୦୯୬୭୫

ସ୍ଥାନୀୟ ଭାଷାରେ ଏକ ଢଗ ରହିଛି – "ଆମ୍ବ ଦିନରେ ଆମ୍ବ ରଜା, ଆମ୍ବ ସରିଗଲେ ବାଇଦ ବଜା ।" ଅର୍ଥାତ ଆମ୍ବ ଜନଜାତିଙ୍କ ରୋଜଗାରକୁ ବହୁଗୁଣିତ କରି ଦେଇଥାଏ । ସେଥିପାଇଁ ଖରାଦିନ ଆସିଲେ ଜନଜାତି ଲୋକେ ଆମ୍ବ ସଂଗ୍ରହ ଓ ପ୍ରକ୍ରିୟାକରଣରେ ମାତିଯାନ୍ତି । ଆମ୍ବ ଦିନ ସରିଗଲେ ପାରଂପରିକ ଭାବେ ଜୀବନ ନିର୍ବାହ କରିବାକୁ ବାଧ୍ୟ ହୁଅନ୍ତି ଜନଜାତି । ଆମ୍ବ ଫଳର ରାଜା। ଓଡିଶାର ଅନେକ ଭାଗରେ ବିଶେଷ କରି ଆଦିବାସୀ ଅଂଚଳରେ ଅର୍ଥନୀତି ଏବଂ ପୁଷ୍ଟିକର ଖାଦ୍ୟ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଆମ୍ବ । ଆମ୍ବ ଗଛର ବହୁଳ ଅଂଶ ଜନଜାତି ଲୋକମାନେ ବ୍ୟବହାର କରିଥାନ୍ତି। ଏହାର ଛାଲି, ଡାଳ, ପତ୍ର, କଂଚା ଆମ୍ବ ଓ ପାଚିଲା ଆମ୍ବ, ଆମ୍ବର ଚୋପା, ଆମ୍ବର ରସ ଓ ଆମ୍ବର କୋଇଲିକୁ ଜନଜାତି ଲୋକ ପାରଂପରିକ ପଦ୍ଧତିରେ ବ୍ୟବହାର କରନ୍ତି । ମୁଖ୍ୟତଃ ଜଙ୍ଗଲୀ କିସମର ଆମ୍ବ ଜନଜାତିଙ୍କ ଅର୍ଥନୈତିକ ଅଭିବୃଦ୍ଧିର ପ୍ରମୁଖ ଉତ୍ସ । ଓଡିଶାର ଦକ୍ଷିଣ ଓ ପଶ୍ଚିମ ପ୍ରାନ୍ତର ଆଦିବାସୀ ଅଂଚଳର ଗଭୀର ଜଙ୍ଗଲରେ ଓ ପାହାଡ଼ିଆ ଜିଲ୍ଲାମାନଙ୍କରେ ପ୍ରଚୁର ପରିମାଣରେ ଦେଶୀ ଜାତୀୟ ଆମ୍ବ ମିଳେ। ବର୍ଷ ବର୍ଷ ଧରି ଆଦିବାସୀମାନେ ଆମ୍ବ ପ୍ରକ୍ରିୟାକରଣ ଏବଂ ସଂରକ୍ଷଣ ପାଇଁ ଯେଉଁ ପଦ୍ଧତି ଗ୍ରହଣ କରି ଆସିଛନ୍ତି ତାହା ଏଯାବତ ସେମିତି ରହିଛି। ଏହା ଆଦିବାସୀମାନଙ୍କ ପାଇଁ ଖାଦ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ । ଆଦିବାସୀମାନେ ଆମ୍ବ ଫଳର କୌଣସି ଅଂଶକୁ ନଷ୍ଟ କରନ୍ତି ନାହିଁ। ଆଦିବାସୀମାନେ ସେମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ଜଙ୍ଗଲଜାତ ଦ୍ରବ୍ୟ ଉପରେ ଅଧିକ ନିର୍ଭର କରନ୍ତି । ଜଙ୍ଗଲ ଫଳ ଏବଂ ବିକ୍ରୟ ଦୃଷ୍ଟିରୁ ଗ୍ରୀଷ୍ମ ଋତୁ ସେମାନଙ୍କ ପାଇଁ ଏକ ବଡ଼ ସୁଯୋଗ ଦେଇଥାଏ । ସେମାନେ ଆମ୍ବକୁ ସାପ୍ତାହିକ ହାଟ ଓ ବଜାରରେ ବିକ୍ରି କରନ୍ତି । ସେହି ଅର୍ଥରେ ଖାଦ୍ୟ ସାମଗ୍ରୀ (ଯଥା ଲୁଣ, ତେଲ, ମସଲା), ପୋଷାକ ଏବଂ ଖାଦ୍ୟ ସାମଗ୍ରୀ ଆଦି କିଣିଥାନ୍ତି ।

ଫଳର ଋତୁ –

ଖରାଦିନେ ପ୍ରଚୁର ପରିମାଣର ଫଳ ଓ କୋଳିର ପସରା ମେଲି ଦେଇଥାଏ ଆମ ଓଡିଶାର ଜଂଗଲ । ଚାଷବାସ ସରି ଯାଇଥିବାରୁ ଘରେ ହାତ ବାନ୍ଧି ବସିଥିବା ଜନଜାତି ସ୍ତ୍ରୀ ଓ ପୁରୁଷ ଖରାଦିନେ ଜଂଗଲ ଉପରେ ନିର୍ଭର କରନ୍ତି । ଜନଜାତି ଲୋକେ ବିଭିନ୍ନ କିସମର ଫଳ ବଣରୁ ସଂଗ୍ରହ କରିଥାନ୍ତି ଓ ବିକ୍ରି ମଧ୍ୟ କରିଥାନ୍ତି । ଆମ୍ବ, ପଣସ, ସପୁରୀ, ତାଳ, ଖଜୁରୀ, ଜାମୁ କୋଳି, କୁସୁମ୍ କୋଳି, ଡିମ୍ବିରି, କେନ୍ଦୁ, ଭାଲିଆ, ଭାଲିଆ ପାଣ୍ଡୁ, କଂଟେଇ କୋଳି, ନାର କୋଳି, ଚାର କୋଳି, ଅଁଳା, ରାଜ ଅଁଳା ଭଳି ଅନେକ ବଣୁଆ କୋଳି ମିଳେ । ଏସବୁ କୋଳିର ସ୍ୱାଦ ପରଖିବା ଲାଗି ସହରୀ ଲୋକେ ବି ଚାହିଁ ବସିଥାନ୍ତି।

ବିଭିନ୍ନ କିସମର ଦେଶୀ ଆମ୍ବ -

କେବିକେ ଜିଲ୍ଲାର ଜଙ୍ଗଲରେ ବିଭିନ୍ନ କିସମର ଦେଶୀ ଆମ୍ବ ମିଳିଥାଏ । ଏହା ଆକାରରେ ଛୋଟ ଓ ମଧ୍ୟମ ଧରଣର । ଅନେକ ଆମ୍ବର ସ୍ୱାଦ ମିଠା ଥିବାବେଳେ ଆଉ କିଛି ପ୍ରଚୁର ଖଟା କିସମର । ଏଇ ଆମ୍ବ ଗଛ ଗୁଡିକର ଆକାର ବିରାଟ ବଡ ଓ ଝାଙ୍କାଳିଆ ହୋଇଥାଏ । ଆମ୍ବ ପାଚି ଝଡିଲେ ଜନଜାତି ଲୋକ ସେସବୁ ସଂଗୃହିତ କରି ଘରକୁ ଆଣିଥାନ୍ତି । ଆମ ଓଡିଶାରେ ଉପଲବ୍ଧ ଜଂଗଲୀ

କିସମର ଆମ୍ବର ନାମ ଖୁବ ରୋଚକପୂର୍ଣ୍ଣ । ଆମ ଜଂଗଲରେ ଠୁରୀ, କଦଳୀ ଫେଣି, ଦହି ପାଚିଡି, ସିନ୍ଦୁରମୁଣ୍ଡି, ମାଙ୍କଡ ଆଙ୍ଗୁଠି, ବଡ ମୁଣ୍ଡି, ସାନ ମୁଣ୍ଡି, ବାର ମାସି, ଗୁଡ ହାଣ୍ଡି , ସୁନ୍ଦରୀ, ଗୁଡ ଭେଲି, ଦାସରୀ, କଳା ଜିରା, ମହୁ ହାଣ୍ଡି, ରଙ୍ଗଣି, ମାଆ ପିଲା ଏବଂ ରସଣି ଭଳି ଅନେକ ନାମ ରହିଛି। ଏସବୁର ସ୍ୱାଦ ଏବଂ ସୁଗନ୍ଧ ଅନନ୍ୟ ।

ଆମ୍ବୁଲ

ଟାକୁଆ ହୋଇ ନଥିବା କଂଚା ଆମ୍ବ ପବନରେ ଝଡିଗଲେ ସେଗୁଡିକୁ ଜନଜାତି ଲୋକ ସଂଗ୍ରହ କରି ଘରକୁ ଆଣନ୍ତି। ତାକୁ ଧୋଇ ଶାମୁକା ସହାୟତାରେ କଂଚା ଆମ୍ବରୁ ଚୋପା ଛଡେଇ ଦି ଫାଳ କରି ଆମ୍ବୁଲ ଉଦ୍ଦେଶ୍ୟରେ ବିକ୍ରି କରନ୍ତି । ଏହାକୁ ଖରିଦ କରୁଥିବା ପରିବାର ଖରାରେ ଶୁଖାଇଥାନ୍ତି । ଜଳୀୟ ଅଂଶ ଶୁଖିଯିବା ପରେ ଲୁଣ ପାଣିରେ ବତୁରାଇ ପୁଣି ଶୁଖାଇ ବର୍ଷସାରା ତାକୁ ଚାରୁ, ଖଟା, ତରକାରୀ ଆଦି ରୂପେ ବ୍ୟବହାର କରାଯାଏ।

ଚମ୍ପେଇତ -

ଆଦିବାସୀମାନେ ପାଚିଲା ଆମ୍ବ ସଂଗ୍ରହ କରି ଘରକୁ ଆଣିବା ପୂର୍ବରୁ ଝରଣାରେ ଧୋଇଥାନ୍ତି । ସେମାନେ ଆମ୍ବକୁ ସେମାନଙ୍କର ଆକାର ଅନୁଯାୟୀ ସଜାଇଥାନ୍ତି ଏବଂ ଛୁରୀ ସାହାଯ୍ୟରେ ଆମ୍ବକୁ ଫୁଲ ଆକାରରେ ଖୋଦେଇ କରି ପାଚିଲା ଆମ୍ବର ଚୋପାକୁ ବାହାର କରନ୍ତି। ରସଯୁକ୍ତ ଏଇ ଚୋପା ଖଣ୍ଡକୁ ସୂର୍ଯ୍ୟ କିରଣରେ ଶୁଖାଇ ଦିଅନ୍ତି। ଏଥିପାଇଁ ଦୁଇ ଖୁଂଟରେ ଲହିରେ ସେମାନେ ଆମ୍ବ ଖଣ୍ଡଗୁଡ଼ିକୁ ଦଉଡି ହ୍ୟାଙ୍ଗର ଭାବରେ ଶୁଖାଇଥାନ୍ତି । ସେଗୁଡ଼ିକ ସମ୍ପୂର୍ଣ୍ଣ ଶୁଖିଗଲେ ଏହାକୁ ସ୍ଥାନୀୟ ଭାଷାରେ "ଚମ୍ପେଇତ" କୁହାଯାଏ । ଏହାର ସ୍ୱାଦ ମିଠା ଏବଂ ଖଟା। ଏହାକୁ ସିଧାସଳଖ ଖାଇପାରିବେ କିମ୍ବା ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ମସଲା ସହ ଗୁଡ ଓ ସ୍ୱାଦ ଅନୁଯାୟୀ ଲୁଣ ଦେଇ ନିଆଁରେ ପାଗେଇ ଦିଆଯାଏ । ଏହାର ସ୍ୱାଦ ନିଆରା । ବର୍ଷସାରା ଏହାକୁ ଖାଇବାରେ ବ୍ୟବହାର କରାଯାଏ । ଚମ୍ପେଇତର ବଜାର ଦର ସ୍ଥାନୀୟ ବଜାରରେ କିଲୋଗ୍ରାମ ପିଛା ୧୦୦-୧୫୦ ଟଙ୍କା ଅଟେ ଯାହା ଆଦିବାସୀ ଲୋକଙ୍କୁ କିଛି ନଗଦ ରୋଜଗାର ମିଳିଥାଏ ।

ଆମ୍ବ ସଢା -

ଚମ୍ପେଇତ ଉଦ୍ଦେଶ୍ୟରେ ଆମ୍ବର ଚୋପା ବାହାର କରିବା ପରେ ରସପୂର୍ଣ୍ଣ ବଳକା ଆମ୍ବକୁ ଏକତ୍ର ଏକ ହାଣ୍ଡି / ପଥର କୁଣ୍ଡ / କାଠ କୁଣ୍ଡରେ ରଖାଯାଏ ଏବଂ କୁଟଣି (କାଠ ନିର୍ମିତ ସ୍ତମ୍ଭ) ସାହାଯ୍ୟରେ ଭଲ ଭାବରେ ଦଳାଯାଏ । ଦଳିବା ପରେ ସେଥିରୁ ସଂଗୃହିତ ରସକୁ ବାଉଁଶ ପଟି (ଡଂଗଳା)ରେ ଶୁଖାଯାଏ । ଗୋଟିଏ ସ୍ତର ଶୁଖିଗଲେ ତା ଉପରେ ଆଉ ଏକ ସ୍ତରର ଆମ୍ବ ରସକୁ ଢାଳି ଦିଆଯାଇ ଶୁଖାଯାଏ । ସ୍ତର ସ୍ତର ହୋଇ ଥିବା ଏହି ଆମ୍ବ ରସ ଶୁଖି ବାଦାମୀ ରଂଗ ଧାରଣ କରେ । ଏହାକୁ ଜନଜାତି ଲୋକେ ଲମ୍ବ ଭାବରେ ଛୁରୀରେ କାଟି ପତ୍ରରେ ଗୋଡେଇ ବିକ୍ରି କରନ୍ତି । ସ୍ଥାନୀୟ ଭାଷାରେ ଏହାକୁ ଆମ୍ବସଢା ବୋଲି କୁହାଯାଏ। ଏହାକୁ ସିଧାସଳଖ ଖିଆ ଯାଇ ପାରିବ କିମ୍ବା ଚମ୍ପେଇତ ପରି ପ୍ରକ୍ରିୟାକରଣ କରି ବର୍ଷ ସାରା ଖାଇ ପାରିହେବ । ଏହି ଉତ୍ପାଦର ମୂଲ୍ୟ ସ୍ଥାନୀୟ ବଜାରରେ କିଲୋଗ୍ରାମ ପିଛା ୧୦୦ ରୁ ୧୨୦ ଟଙ୍କା ।

କୋଇଲି ଜାଉ

ଚମ୍ପେଇତ ଏବଂ ଅମ୍ବାସଢା ପ୍ରସ୍ତୁତି ପରେ ଲୋକମାନେ ଆମ୍ବ ଟାକୁଆକୁ ନ ଫିଙ୍ଗି ତାକୁ ଛେଚି ତାରି ଭିତରେ ଥିବା କୋଇଲିକୁ ବାହାର କରିଥାନ୍ତି । ଆମ୍ବ କୋଇଲିକୁ କପଡାରେ ବାନ୍ଧି ସେଥିରେ ଥିବା କଷା ଅଂଶ ହଟାଇବା ପାଇଁ ଏହି କପଡା ଗଣ୍ଠିଲିକୁ ଦୁଇରୁ ତିନି ଦିନ ପର୍ଯ୍ୟନ୍ତ ଝରଣାର ଜଳରେ ପଥର ଚାପି ରଖାଯାଏ । ଏହାକୁ ଆଣି ଖରାରେ ଶୁଖା ଯାଏ । ଶୁଖା ଆମ୍ବ କୋଇଲିକୁ ଛେଚି ଗୁଣ୍ଡ କରି ରଖାଯାଏ । ଏହାକୁ ବିଭିନ୍ନ ସମୟରେ ଜନଜାତି ଲୋକ ଜାଉ କରି ଖାଇଥାନ୍ତି । ଅନେକ ସମୟରେ ଏହା ଗଣମାଧ୍ୟମର ଶୀର୍ଷକ ବି ପାଲଟିଯାଏ । ଅବଶ୍ୟ ବର୍ତ୍ତମାନ ଆଉ ଆମ୍ବ କୋଇଲିରୁ ପ୍ରସ୍ତୁତ ଜାଉ

ଖାଇବାକୁ ଆଉ ପସନ୍ଦ କରୁ ନଥିବା ଦେଖିବାକୁ ମିଳେ । ପୂର୍ବେ ଆମ୍ବ କୋଇଲି ଖାଇବା ନେଇ ଜନଜାତିରେ ପର୍ବ ପାଳନ ହେଉଥିଲା । ତାର ନାମ ହେଲା ଟାକୁ ପର୍ବ । ଏହି ପର୍ବ ପରେ ଗାଁରେ ଅନୁକୂଳ କରି ଆମ୍ବ ଟାକୁଆରୁ କୋଇଲି ଗୁଣ୍ଡ ପ୍ରସ୍ତୁତ କରି ଖାଇବା ଆରମ୍ଭ କରିଥାନ୍ତି ।

କାଇ ଭଜା

ଆମ୍ବଗଛ ଝାଙ୍କାଳିଆ ଓ ଥଣ୍ଡା ହୋଇଥିବାରୁ ଏଥିରେ ବିଭିନ୍ନ ପ୍ରକାର କୀଟପତଙ୍ଗ ଓ ସରିସୃପ ବସବାସ କରନ୍ତି। ସେଥିମଧ୍ୟରୁ ନାଲି ବଡ ପିମ୍ପୁଡି ଜାତୀୟ ଏକ ଜୀବ ରହେ । ଏହାକୁ ଜନଜାତି ଲୋକେ ସ୍ଥାନୀୟ ଭାଷାରେ କାଇ ବୋଲି କହିଥାନ୍ତି । ଏହାକୁ ସଂଗ୍ରହ କରି ଭାଜି ବା ସେଥିରେ ତେନ୍ତୁଳି, ଲଙ୍କା ଓ ଲୁଣ ଦେଇ ସ୍ୱତନ୍ତ୍ର ଭାବେ ଖାଇଥାନ୍ତି । ଏହା ଏକ ବିଶେଷ ଖାଦ୍ୟ ଭାବେ ଜନଜାତିମାନେ ଗ୍ରହଣ କରିଥାନ୍ତି । ପଖାଳ ସହିତ କାଇ ଚଟଣି, କାଇ ଭଜା, କାଇ ଆଚାର, କାଇ ପତ୍ରପୋଡା ଓ କାଇ ତରକାରୀ ଭାବେ ଖାଇଥାନ୍ତି ।

ଆମ୍ବ ପାଣି

ଆମ୍ବ ପାଣି କନ୍ଧ ସଂପ୍ରଦାୟର ବିଶେଷ କାର୍ଯ୍ୟ ବୋଲି ବିବେଚନା କରାଯାଏ । କନ୍ଧ ସଂପ୍ରଦାୟରେ ଜଣେ ବ୍ୟକ୍ତିର ମୃତ୍ୟୁ ପର ଦିନ ଆମ୍ବ ପାଣି ପରଂପରା ପାଳନ ହୁଏ । ଏହି ପର୍ବ ପାଳନ କଲେ ହିଁ ଶବଦାହ କରୁଥିବା ବ୍ୟକ୍ତିମାନଙ୍କ ଶୁଦ୍ଧି ହୁଏ ବୋଲି ବିଶ୍ୱାସ ରହିଛି । ତେଣୁ ଏହି ପରଂପରାକୁ ଗୁରୁତର ସହ ନିଅନ୍ତି କନ୍ଧ ଜନଜାତି । ମୃତ୍ୟୁର ଦ୍ୱିତୀୟ ଦିନ ଜାନି କିମ୍ବା ବେଜୁଣୀ ମୃତ୍ୟୁ ଲୋକଙ୍କ ଘରକୁ ଯାଇ ଇଷ୍ଟ ନିକଟରେ ପାରଂପରିକ ଭାବେ ପୂଜା କରେ । ସେଠାରୁ ସେ ଝାଙ୍କିରୀ ପୀଠକୁ ଯାଇ ସେଠାରେ ପୂଜା କରେ । ବେଜୁଣୀ ଦେହକୁ କାଳିସୀ ଲାଗେ । କାଳିସୀ ଜରିଆରେ ମୃତ ବ୍ୟକ୍ତିର ଆତ୍ମା ଆସି ମୃତ୍ୟୁର ବିବରଣୀ ଦିଏ । ସେହି ବ୍ୟକ୍ତିର କିଭଳି ମୃତ୍ୟୁ ହେଲା ବେଜୁଣୀ କହେ । ଏହା ପରେ ପୁଣି ଇଷ୍ଟ ନିକଟକୁ ଫେରି ଆସେ ବେଜୁଣୀ । ଶବଦାହକୁ ଯାଇଥିବା ଗାଁ ଭାଇ ଜ୍ଞାତିକୁଟୁମ୍ବ ବସନ୍ତି । ବେଜୁଣୀ ତାର ମୃତ୍ୟୁର କାରଣ କହେ । ପୂର୍ବରୁ ଏକ ହାଣ୍ଡିରେ ଆମ୍ବ ଗଛର ଛାଲି ବତୁରା ପାଣିକୁ ମନ୍ତ୍ରାଇ ଆମ୍ବ ଡାଳ ସହାୟତାରେ ସମସ୍ତ ମାଲବାହୀଙ୍କ ମୁଣ୍ଡରେ ପାଣି ସିଂଚନ କରି ଶୁଦ୍ଧି କରେ । ଏହା ପରେ ମୃତ୍ୟୁରେ ସାମିଲ ହୋଇଥିବା ସମସ୍ତେ ନିଜ ନିଜ ଘରକୁ ଯିବାରେ ବାଧକ ନଥାଏ । ତେଣୁ ଜନଜାତିରେ ଆମ୍ବ ପାଣିର ଗୁରୁତ୍ୱ ଅଧିକ ।

ଆମ୍ବ ପତ୍ର

ଜନଜାତିଙ୍କ ପ୍ରାୟ ସବୁ ପର୍ବପର୍ବାଣୀରେ ଆମ୍ବ ପତ୍ର ଓ ମହୁଲ ଡାଳ ଜରୁରୀ ଦ୍ରବ୍ୟ ରୂପେ ବ୍ୟବହାର ହୋଇଥାଏ । ବ୍ୟକ୍ତିଗତ ହେଉ କିମ୍ବା ସାମୂହିକ ପର୍ବପର୍ବାଣୀରେ ଆମ୍ବ ଡାଳ ଓ ପତ୍ରର ବ୍ୟବହାର କରିଥାନ୍ତି। ନୂଆ ଖିଆ, ମାଣ୍ଡିଆ ରାଣୀ, ଲାକବିକିନ, ହାଡୁପର୍ବ, ଘଂଟ ପର୍ବ, ଟୋକିମରା, ମେରିଆ ବହଲାଣି ଭଳି ବହୁ ପର୍ବରେ ଆମ୍ବ ପତ୍ର ବ୍ୟବହାର କରାଯାଏ । ଘରେ ଏବଂ ଗାଁର ପ୍ରବେଶ ଦ୍ୱାରରେ ଆମ୍ବ ପତ୍ରର ତୋରଣ କରାଯାଇଥାଏ । ସେହିପରି ପୂଜା ଉପଚାରରେ ଆମ୍ବ ପତ୍ରକୁ ବ୍ୟବହାର କରାଯାଏ । ସେହିପରି ଆମ୍ବ ଛାଲିକୁ ଗୋଡ ଫୁଲିବା, ଦରଜ ଏବଂ ବାତ ଆଦି ରୋଗର ଉପଶମ ପାଇଁ ଜନଜାତି ଲୋକେ ବହୁଳ ଭାବେ ବ୍ୟବହାର କରିଥାନ୍ତି ।

ସାମଗ୍ରୀକ ଦୃଷ୍ଟିରୁ ଆମ୍ବ ଗଛ ଜନଜାତିଙ୍କ ପାଇଁ ବେଶ ଦରକାରୀ । ଜନଜାତି ଗାଁର ଆଖପାଖରେ ପ୍ରଚୁର ଆମ୍ବ ଗଛ ଦେଖିବାକୁ ମିଳେ । ଆମ୍ବ କେବଳ ଜନଜାତିଙ୍କ ପସନ୍ଦ ନୁହେଁ । ଏହା ସମସ୍ତଙ୍କର ପସନ୍ଦର ଫଳ। ଏହାର ଅଦ୍ଭୁତ ଚାହିଦା ରହିଥିବାରୁ ଜନଜାତି ଲୋକେ ପାରଂପରିକ ଭାବେ ପ୍ରକ୍ରିୟାକରଣ ଓ ସଂରକ୍ଷଣ ପୂର୍ବକ ଏହାର ବିଭିନ୍ନ ଅଂଶକୁ ବିକ୍ରି କରି ଖରାଦିନେ ବେଶ ରୋଜଗାରକ୍ଷମ ହୋଇପାରନ୍ତି ।

□□□

ବାଥୁଡ଼ି ମୌଖିକ ସାହିତ୍ୟରେ ସାମାଜିକ ଓ ସାଂସ୍କୃତିକ ଚେତନା

ଉତ୍କର ରଞ୍ଜନ ପ୍ରଧାନ

କଥାକାର, ଜନଜାତି ସାହିତ୍ୟ ଓ ସଂସ୍କୃତି ଗବେଷକ, 'ଉପତ୍ୟକା', ନିଗିନିପୁର, ସାନଜରିଆ, କେନ୍ଦ୍ରାପଡ଼ା

ବାଥୁଡ଼ି ଜନଜାତି ସଙ୍ଗୀତ, କାହାଣୀ ଓ ଗୀତ ମୁଖ୍ୟତଃ ମୌଖିକ ପ୍ରକ୍ରିୟା ଦ୍ୱାରା ସଞ୍ଚରଣଶୀଳ। ଏହା ପିଢ଼ି ପରେ ପିଢ଼ି, ଯୁଗଯୁଗର କ୍ରମ ବିବର୍ତ୍ତିତ ଅଭିବ୍ୟକ୍ତି। ଏହା କୌଣସି ନିର୍ଦ୍ଦିଷ୍ଟ କାଳଖଣ୍ଡର କୃତି ନୁହେଁ। ଏସବୁ ଲୋକସାହିତ୍ୟର ଉପାଦାନ ବାଥୁଡ଼ିମାନଙ୍କର ସାମାଜିକ ଓସାଂସ୍କୃତିକ ଚେତନାକୁ ରୁଦ୍ଧିମନ୍ତ କରିଥାନ୍ତି। ବାଥୁଡ଼ିମାନଙ୍କ ସାମାଜିକତା ଓ ସାଂସ୍କୃତିକତା ବୋଧ, ବିଧିବିଧାନ, ଧର୍ମବିଶ୍ୱାସ ସ୍ୱତବ। ଏମାନଙ୍କ ସାମାଜିକ କର୍ମକର୍ମାଣି, ପାରିବାରିକ ଜୀବନଯାତ୍ରା, ବିବାହ ଉତ୍ସବ, ଧାର୍ମିକ କର୍ମକ୍ରିୟା, ପର୍ବପର୍ବାଣି, ରୀତିନୀତି ବେଶ ଶୃଙ୍ଖଳିତ। ବାଥୁଡ଼ି ମୌଖିକ ସାହିତ୍ୟ କହିଲେ ସେମାନଙ୍କର ଲୋକଗୀତ, ଲୋକକାହାଣୀ, ଲୋକଗାଥା / ଲୋକକାବ୍ୟ, ଲୋକୋକ୍ତି, ପ୍ରବାଦ, ପ୍ରବଚନ, ପହଳି (ପ୍ରହେଳିକା), ଲୋକ ଆଖ୍ୟାନ, କିମ୍ବଦନ୍ତୀ, ଲୋକନାଟ୍ୟ, ଲୋକାଚାର, ରୂଢ଼ି, ଢଗଢମାଳି, ପୌରାଣିକ ଆଖ୍ୟାନ, ଧର୍ମାଚାର ଗାଥା, ବିଧି ନିଷେଧ ଓ ଧାରଣା ଆଦିର ସମାହାରକୁ ବୁଝାଯାଏ। ଲୋକସାହିତ୍ୟର ଏସବୁ ଉପାଦାନ ମୁଖ୍ୟତଃ ମୌଖିକ ପରମ୍ପରା ମାଧ୍ୟମରେ ପିଢ଼ିରୁ ପିଢ଼ିକୁ ସଞ୍ଚରିତ ହୋଇଥାଏ। ବାଥୁଡ଼ି ମୌଖିକ ସାହିତ୍ୟର ପ୍ରମୁଖ ବିଭବ ହେଉଛି ଲୋକଗୀତ। ବାଥୁଡ଼ି ଲୋକଗୀତର ପୁଣି ନାନାବିଧ ବିଭାଗ ରହିଛି। ଚାଙ୍ଗୁଗୀତ, ଦୋଳିଗୀତ, ଡାଳଭଙ୍ଗାଗୀତ, ବାଦିଗୀତ, ବାରମାସୀ ଗୀତ, ଧାନବୁଣା ଗୀତ (କୃଷି ଗୀତ), ବିଲବଛା ଗୀତ, ଶିଶୁ ଗୀତ, ହେଣ୍ଡାଗୀତ, ନାବକେଳି ଗୀତ, ବିବାହ ଗୀତ, ଜନ୍ମ ଓ ମୃତ୍ୟୁକାଳୀନ ଗୀତ ଆଦି ବାଥୁଡ଼ି ଲୋକଗୀତର ଗୋଟିଏ ଗୋଟିଏ କ୍ଷେତ୍ର। ଜନଜାତି ଭାଷାଗୁଡ଼ିକ ସାଧାରଣତଃ କଥିତ ଭାଷା। ଏକଦା ଭାଷା ଓ ଭାବକୁ ପ୍ରକାଶ କରିବାକୁ ଆଦିବାସୀଙ୍କର କୌଣସି ଲିପି ନଥିଲା। ଆଦିବାସୀଙ୍କର ଲିଖିତ ସାହିତ୍ୟ ନଥିଲା। ସେମାନଙ୍କ ସାହିତ୍ୟ କେବଳ ମୌଖିକ ଆଧାରରେ ପ୍ରଚଳିତ ଥିଲା। ଏଣୁ ଆଦିବାସୀ ସମାଜରେ ମୌଖିକ ସାହିତ୍ୟ ପରମ୍ପରା ଖୁବ୍ ପ୍ରାଚୀନ। ପରମ୍ପରା କ୍ରମେ ଯୁଗଯୁଗ ଧରି ଗୋଟିଏ ପିଢ଼ିରୁ ପରବର୍ତ୍ତୀ ପିଢ଼ିକୁ ମୁଖରୁ ମୁଖକୁ ଗଡ଼ି ଆସିଥିବା ସାହିତ୍ୟକୁ ମୌଖିକ ସାହିତ୍ୟ କୁହାଯାଏ। ଏହାର ଆଦି ଉତ୍ସ ହେଉଛି ଆଦିବାସୀଙ୍କ ଜୀବନ ଓ ତାର ପରିବେଶ। ଏହାର ସ୍ରଷ୍ଟା କିଏ, ତାହା କହିବା ମୁସ୍କିଲ୍। କେଉଁ ଅଜଣା ଇତିହାସର ପ୍ରାକ୍ କାଳରେ କିଏ ଗୀତ ପଦିଏ ବୋଲିଦିଏ- ପିଲାଟିଏ ଜନ୍ମ ହେଲାବେଳେ କି ତାର ନାଁଟିଏ ଗାଁର ବୁଢ଼ୀମାନେ ଦେଲାବେଳେ, ପ୍ରେମ କି ବିବାହ, କି ମୃତ୍ୟୁ ବେଳକୁ, କି କୃଷି କର୍ମର ବିଭିନ୍ନ ପର୍ଯ୍ୟାୟରେ; ଆଉ ତାହା ସେମିତି ଯୁଗ ପରେ ଯୁଗ ଗଡ଼ି ଆସିଲା। କିଛି ପରିବର୍ତ୍ତନ ଏଠିସେଠି ହେଲା ସିନା, ମୂଳତଃ ତାହା ଅପରିବର୍ତ୍ତିତ ରହିଲା। ତେଣୁ ଏହାର ସ୍ରଷ୍ଟା ସମାଜ, ସମୂହ ସମ୍ପ୍ରଦାୟ। ନିଜେ କୌଣସି ବିଶିଷ୍ଟ ଗୋଷ୍ଠୀର ସ୍ରଷ୍ଟା ବୋଲି କୌଣସି ଆଦିବାସୀ ସମ୍ପ୍ରଦାୟରେ କେହି କେବେ ନାଁ କମାଇ ନାହିଁ କି ଯଶ ଖୋଜିନାହିଁ। [୧] ଆଜିର ଦିନରେ କେତେକ ଆଦିବାସୀ ଭାଷାର ସ୍ୱତବ ଲିପି ବିକଶିତ ହୋଇଛି। ସାନ୍ତାଳୀ ଭାଷା ପାଇଁ 'ଅଲ୍‌ଚିକି' ଲିପି, ସଉରା ଭାଷା ପାଇଁ 'ସଉରା ଲିପି', କୁଇ ଭାଷା ପାଇଁ 'କୁଇ ଲିପି', ହୋ ଭାଷା ପାଇଁ 'ଓରାଂଚିତି' ଲିପି, ମୁଣ୍ଡାରୀ ଭାଷା ପାଇଁ 'ମୁଣ୍ଡାରୀ ବାନି'ର ପ୍ରକାଶ ପାଇବା ଦ୍ୱାରା ସେସବୁ ଭାଷା

ଓ ସାହିତ୍ୟର ଲିଖିତ ପରମ୍ପରାର ବିକାଶ ଘଟିଛି। ମାତ୍ର, ବାଥୁଡ଼ି ଜନଜାତିର ସେଭଳି ଲିପି ନଥିବାରୁ, ଏହାର ମୌଖିକ ପରମ୍ପରା ପୂର୍ବଭଳି ପ୍ରଚଳିତ ହୋଇ ଆସୁଛି। ବିଶେଷକରି ବାଥୁଡ଼ିମାନଙ୍କର ଭାଷା ଓଡ଼ିଆ ଭାଷା (ଆର୍ଯ୍ୟ ଗୋଷ୍ଠୀ)ର ନିକଟତର ହୋଇଥିବାରୁ ଏମାନଙ୍କର ଭାଷାରେ ଓଡ଼ିଆ ଭାଷାର ପ୍ରଭାବ ପରିଲକ୍ଷିତ ହୋଇଥାଏ। ମୌଖିକ ପରମ୍ପରା କହିଲେ ମୌଖିକ ସାହିତ୍ୟକୁ ବୁଝାଏ ନାହିଁ। ପରମ୍ପରା ଏକ ବ୍ୟାପକ ଶବ୍ଦ। ଜୀବନଚର୍ଯ୍ୟାର ସାମଗ୍ରୀକତାକୁ ଏହା ବୁଝାଏ। ପରମ୍ପରାର ପୃଷ୍ଠଭୂମି ତେଣୁ ଜୀବନ। ପ୍ରତି ସମାଜର ନିଜସ୍ୱ ପରମ୍ପରା ରହିଛି; ଯାହାକୁ ନେଇ ଉକ୍ତ ସମାଜ ନିଜର ପରିଚିତି, ଅସ୍ମିତା ନିର୍ଦ୍ଧାରଣ କରେ ଓ ଗର୍ବ କରେ। ଜୀବନାନୁଭୂତି ହିଁ ପରମ୍ପରାର ପୋଷାକ। ସ୍ଥାନ, କାଳ ଓ ପାତ୍ର ପରମ୍ପରାକୁ ରୁଦ୍ଧିମନ୍ତ କରେ।

ମୌଖିକ କାହାଣୀରେ ଲୋକଜୀବନର ସାମାଜିକ, ସାଂସ୍କୃତିକ, ଧାର୍ମିକ ସମେତ ଅନ୍ୟାନ୍ୟ ସମସ୍ତ ବ୍ୟାବହାରିକ ଦିଗଗୁଡ଼ିକ କଳାତ୍ମକ ଓ ରୁଚିପୂର୍ଣ୍ଣ ଶୈଳୀରେ ଉପସ୍ଥାପିତ ହୋଇଥାଏ। ମଣିଷ ଜୀବନଚକ୍ରର ଜନ୍ମ, ମୃତ୍ୟୁ, ବିବାହ ଆଦି ବର୍ଣ୍ଣନାର ସମାବେଶରେ ଲୋକକାହାଣୀ ଏକ ବର୍ଣ୍ଣିଳ ଚିତ୍ରଶାଳୀ ।[9] ପ୍ରାଗ୍ ଐତିହାସିକ କାଳରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଆଦିବାସୀମାନେ ବସବାସ କରିଆସୁଛନ୍ତି। ଏମାନଙ୍କର ଜୀବନଚର୍ଯ୍ୟା ମନମୁଗ୍ଧକର। ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀର ସ୍ୱତବ ଜୀବନଧାରା ରହିଛି। ସେହିଭଳି ଆଦିବାସୀ ଜୀବନଧାରାରେ ମୌଖିକ ସାହିତ୍ୟ ପରମ୍ପରାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ବାଥୁଡ଼ି ମୌଖିକ ସାହିତ୍ୟ ପରମ୍ପରା ଏଥିରୁ ବାଦ୍ ଯାଆନ୍ତା କିଭଳି ? ବାଥୁଡ଼ି ମୌଖିକ ସାହିତ୍ୟ ସେ ଗୋଷ୍ଠୀର ସାମାଜିକ ଓ ସାଂସ୍କୃତିକ ଜୀବନକୁ ସର୍ବାଧିକ ପ୍ରଭାବିତ କରିଆସିଛି। ବାଥୁଡ଼ି ଲୋକଗୀତରେ ସାମାଜିକ ଓ ସାଂସ୍କୃତିକ ଚିତ୍ର କିଭଳି ପ୍ରତିଫଳିତ ହୋଇଥାଏ ତାହା ନିମ୍ନ ଗୀତରୁ ସ୍ପଷ୍ଟ ହୋଇଥାଏ। ବର୍ଷାକାଳୀନ ପଲ୍ଲୀ ଓ କୃଷି କାର୍ଯ୍ୟର ମାର୍ମିକ ଚିତ୍ର ଏହି ଗୀତରେ ପ୍ରତିଫଳିତ ।

"ଆସିଲା ବରଷା ମାଡ଼ି
ଚାରିଆଡ଼େ ବେଙ୍ଗ ଛାଡ଼ିଲେ ରଡ଼ି
ଛାଡ଼ିଲେ ରଡ଼ି ଲୋ,
ଶୂନ୍ୟେ ଶୁଭେ ଘଡ଼ଘଡ଼ି
ନଈ ବନ୍ଧ ଗେଲା ପୂରି
ବଢ଼ି ଦେଖି ପିଲା ଛାଡ଼ିଲେ ହୁରି
ଛାଡ଼ିଲେ ହୁରିଲୋ
ଚାଷୀ ମଲେ ଝୁରି ଝୁରି
କାଠି କୁଟା ସାଙ୍ଗେ ମିଶି
କେତେ ଜୀବଜନ୍ତୁ ଗନେଇ ଭାସି
ଗନେଇ ଭାସି ହୋ
ମାଛ ହେନେ ବଡ଼ ଖୁସି ।" [୩]

ବାଥୁଡ଼ିମାନେ ଖୁବ୍ ପରିଶ୍ରମୀ ଓ ଜିଦ୍‌ଖୋର ସ୍ୱଭାବର। ବାଥୁଡ଼ି ଜନଜାତି ଗୋଷ୍ଠୀର ସାମାଜିକ ଚରିତ୍ରକୁ ବୁଝାଇବା ଉଦ୍ଦେଶ୍ୟରେ ନିମ୍ନ 'ଢଗ'ଟି ଉଦ୍ଧିଷ୍ଟ ।

"ରେଂଘା ବାଥୁଡ଼ି ଚେଙ୍ଗା ଭୂୟାଁ"

ବାଥୁଡ଼ିମାନେ ଶସ୍ୟ ଅମଳ ବେଳେ ଖୁବ୍ ଉଲ୍ଲସିତ ହୋଇ ପଡ଼ନ୍ତି। ଖାଦ୍ୟଶସ୍ୟ ମହଜୁଦ ଥିବାରୁ ସେମାନେ ଆନନ୍ଦ ମନରେ ଗୀତ ବୋଲି ଜୀବନକୁ ଉପଭୋଗ କରନ୍ତି ।

"ଭୁଜା କର୍ରେ ମା' ଖାଇବା
ପିଠା କର୍ରେ ମା' ଖାଇବା
ଏଇ ଦୁଇଦିନ ଫୁଟୁଲ୍ ଫାଟେଲ୍
ପଛେ ସିନା ଦୁଃଖ ପାଇବା ।"

ବାଥୁଡ଼ି ସାମାଜିକ ଓ କୃଷି ଜୀବନରେ ବର୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଦୀର୍ଘଦିନ ଧରି ବର୍ଷା ନ ହେଲେ ବାଥୁଡ଼ିମାନଙ୍କ ମନରେ ଆଲୋଡ଼ନ ସୃଷ୍ଟି ହୁଏ। ଏଣୁ ସେ ଗାଇ ଉଠେ-

"କେଙ୍ଗ୍‌ଟୋ (ଏଣ୍ଡୁଅ) ଖାଇଲା ନାଲିଆ ମାଟି,
ଦେ ବରଷା ଝାଟିପିଟି ।"

ଭାଦ୍ରବ ମାସ ବେଳକୁ ଖେଳି (ଏକ ପ୍ରକାର ଘାସ ମଞ୍ଜି) ଓ

କାଙ୍ଗୁ (ବାଜରା) ପାଚି ଯାଇଥାଏ। କ୍ଷେତରେ ଦୋଳି ଖେଳୁଥିବା ଖେଳି ଓ କାଙ୍ଗୁକୁ ଦେଖି ବାଥୁଡ଼ିମାନଙ୍କ ମନରେ ଏକ ନୂତନ ଆଶାର ସଞ୍ଚାର ହୋଇଥାଏ। ବର୍ଷା ଦିନିଆ ଖାଦ୍ୟ ଅଭାବଜନିତ କଷଣକୁ ଭୁଲି ବାଥୁଡ଼ି ଆନନ୍ଦରେ ଚାଙ୍ଗୁ ବଜେଇ ନାଚିଥାଏ। ଚାଙ୍ଗୁ ବାଥୁଡ଼ିମାନଙ୍କ ସାଂସ୍କୃତିକ ଓ ସାମାଜିକ ଜୀବନର ପ୍ରମୁଖ ଅଂଶ। ଚାଙ୍ଗୁ ବିନା ବାଥୁଡ଼ିମାନଙ୍କ ନାଚଗୀତ, ଭୋଜିଭାତ, ଉତ୍ସବ, ପର୍ବପର୍ବାଣି କଥା ଭାବି ହେବନି ।

"ଖେଳି, କାଙ୍ଗୁ ପାଚିଲା,
ବାଥୁଡ଼ି ଚାଙ୍ଗୁ ବାଜିଲା,
ଢାଙ୍ଗୁଳୀ ନାନୀ ନାଚିଲା ।"

ବାଥୁଡ଼ିମାନେ ସିନା ଜଙ୍ଗଲରେ ପ୍ରକୃତି କୋଳରେ ବଢ଼ିଥାନ୍ତି। କିନ୍ତୁ ଦାରିଦ୍ର୍ୟ ସେମାନଙ୍କର ପିଛା ଛାଡ଼ି ନଥାଏ। ଦାରିଦ୍ର୍ୟର ତାଡ଼ନାରେ ବି ବାଥୁଡ଼ି ଯୁବକ, ଯୁବତୀମାନେ ନାଚ, ଗୀତ କରିବାକୁ କେବେ ଭୁଲନ୍ତି ନାହିଁ। ବାଥୁଡ଼ି ସମାଜରେ ଦାରିଦ୍ର୍ୟର ଚିତ୍ରକୁ ପ୍ରତିଫଳିତ କରିବାରେ ଏହି ଲୋକୋକ୍ତିଟି ଯଥେଷ୍ଟ ।

"ଛାଇନି ପତର ଛତା
ରହ କହିଦେମି ହୋ ଦୁଖର କଥା
ଶୁଣିନେ ଖାଇବ ମଥା
ବାଳିରି ବାଳିଆ ଗେବ
ଦିନୁ ଦିନୁ ଭାଇ ହେନୁ ଗରିବ ।"

ଅସ୍ପୃଶ୍ୟତା ଏକ ସାମାଜିକ କଳଙ୍କ। ମାତ୍ର ବାଥୁଡ଼ି ସମାଜରେ ଛୁଆଁ ଅଛୁଆଁ ଭେଦଭାବ ଦେଖିବାକୁ ମିଳି ନଥାଏ।

"କାଳିଆ ପୁଟୁରି ବାସ
ଆସ ସାଙ୍ଗ ଘରି ଦୁଳିରେ ବସ
ନାଇଁ ନାଗିଯିବ ଦୁଷ
ହେଙ୍କୁଚୁ କୁରୁ ହୋ, ହସିଦିଅ ମୁଚୁମୁଚୁ ।"

ବାଥୁଡ଼ିମାନଙ୍କ ସାମାଜିକ ଜୀବନରେ ପୋଷାକ ପରିଚ୍ଛଦର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ବାଥୁଡ଼ିମାନଙ୍କ ପୋଷାକକୁ ନେଇ ଏହି ଲୋକଗୀତଟି ବେଶ ଭାବୋଦ୍ଦୀପକ ।

"କାନ୍ଧକୁ ସାଜେ ପଇତା,
ପୂରା ଜଂଘିଆକୁ ପାଣ୍ଡେଇ ଜୁତା,
ହାତରେ ଧରିଥା ଛତା ।"

ବାଥୁଡ଼ି ସାମାଜିକ ଜୀବନରେ 'ପ୍ରେମ'ର ଏକ ନିଆରା ସ୍ଥାନ ରହିଛି। ପ୍ରେମିକ, ପ୍ରେମିକା ପରସ୍ପରକୁ ପ୍ରେମ କରୁଛନ୍ତି। ରାସ୍ତାରେ ଯାଉଥିବାବେଳେ ପ୍ରେମିକକୁ ଦେଖି ଯଦି ପ୍ରେମିକାଟି କିଛି କହେ ନାହିଁ ବା ସେମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ହୁଏ ନାହିଁ, କଥାଟା ଠିକ୍ ଲାଗେ ନାହିଁ। ପ୍ରେମିକ-ପ୍ରେମିକାଙ୍କ ଏ ଭାବକୁ ନେଇ ଗୀତାଂଶଟିକୁ ଲକ୍ଷ୍ୟ କରାଯାଇପାରେ ।

"ରଙ୍ଗ ପିଆଜ, ରଙ୍ଗଣୀ ସାଙ୍ଗରେ ବଡ଼ ମଉଜ
ରଙ୍ଗ ସୂତା ଦେନି ସାଇକି
ହସିକରି କଥା ଯେବେ ନ କହିବୁ
କିଏ ଯିବ ତୁମ ସାଇକି ?"

ବାଥୁଡ଼ି ଡାଲଭଙ୍ଗା ଗୀତରେ ପ୍ରଣୟ ଓ ଶୃଙ୍ଗାର ଚିତ୍ର ଆଦିବାସୀର ହୃଦୟରେ ଗୀତ, ଓଠରେ ଗୀତ ଓ ରକ୍ତରେ ଗୀତ। କେତେ ନିଆରା ତା' ପ୍ରାଣ। ଗୀତ ପୁଲକିତ କରେ କିନ୍ତୁ କିଛି ପ୍ରାପ୍ତିର କାମନାରୁ ସେମାନେ ନିବୃତ୍ତ, କାମନା ଦୁଃଖ ଦିଏ, କାମନା ନଥିଲେ ଦୁଃଖ ନାହିଁ, କ୍ଷୋଭ ନାହିଁ, ବିତୃ ଣ ୪ ନାହିଁ। ଜୀବନରେ ଏହି ମହାନ୍ ସତ୍ୟଟି ଯାହା ଗୌତମ ବୁଦ୍ଧ ସାଧନାରୁ ପାଇଥିଲେ। ତାହା ଆଦିବାସୀ ଜୀବନରେ କେତେ ଜୀବନ୍ତ। ନିଜର ଗୀତ, ସଂସ୍କୃତି ଓ ପରମ୍ପରାକୁ ନେଇ ସେମାନେ ସନ୍ତୁଷ୍ଟ ।[୪]

ମଣିଷର ଆଦିମ ମୌଳ ଅଭିଜ୍ଞତା ରୂପେ ପ୍ରେମ, ଜୀବନ ଓ ମୃତ୍ୟୁର ଏକ ମହତ୍ତମ ଭୂମିକା ରହିଛି। କ୍ଷୁଧା, ତୃଣ ୪◌ା, ନିଦ୍ରା, ମୈଥୁନ, ବିଶ୍ରାମ, ଭୟ, ଆଶା ଓ ଆଶଙ୍କା ପରି ପ୍ରବୃତ୍ତିମାନଙ୍କ ଗହଣରେ ମଣିଷର ଜୀବନ ବନ୍ଧା। କିନ୍ତୁ ଶାରୀରିକ ଓ ଜୈବିକ ସତ୍ତାର ଊର୍ଦ୍ଧ୍ୱରେ ଓ ସାଙ୍ଗରେ ପ୍ରେମ ଓ ମୃତ୍ୟୁର ଛାଇ ଆଲୁଅ ଖେଳ ହିଁ ଜୀବନର ମହତ୍ତ୍ୱ ।[୫] ବାଥୁଡ଼ି ଯୁବକ (ଢାଙ୍ଗୁଆ), ଯୁବତୀ (ଢାଙ୍ଗୁଳୀ)ମାନେ ଡାଲଭଙ୍ଗା ଗୀତ ମାଧ୍ୟମରେ ପରସ୍ପରକୁ

ପ୍ରେମ ନିବେଦନ କରିଥାନ୍ତି। ଏହି ଗୀତ ମାଧ୍ୟମରେ ପରସ୍ପର ମଧ୍ୟରେ କୌତୁକ, ରହସ୍ୟ, ଛଟା ଓ ଥଟାମଜା ଚାଲିଥାଏ। ଡାଳଭଙ୍ଗା ଗୀତ ଗାଇ ଯୁବକ, ଯୁବତୀମାନେ ଅବସର ବିନୋଦନ କରିଥାନ୍ତି। ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ବୁଲୁଥିବାବେଳେ କି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ବେଳେ କି ବର୍ଷାଦିନେ ବିଲରେ ଧାନ ରୁଆ, ଉପଡ଼ା ଓ ବଛାବଛି ସମୟରେ ବାଥୁଡ଼ି ଯୁବକ, ଯୁବତୀମାନେ ଡାଳଭଙ୍ଗା ଗୀତ ଗାଇ ସମୟ ଓ ଜୀବନକୁ ଉପଭୋଗ କରିଥାନ୍ତି। ବାଥୁଡ଼ି ଯୁବତୀଟି ଅନ୍ୟ ଗାଁର ଜଣେ ଯୁବକର ପ୍ରେମରେ ପଡ଼ିବାର ଅନୁଭୂତି ଖୁବ୍ ଅନନ୍ୟ ।

"ଛଣି ମଞ୍ଜି ଖାଲିଖଲା,
ପର ବିଦଶିଆ ମନ ମହିଲା,
ମ' ମନ ଉଡ଼ି ବୁଲିଲା ।"

ବାଥୁଡ଼ି ଯୁବକ, ଯୁବତୀ ରାଧା-କୃଷ୍ଣ ୪ଙ୍କୁ ନିଜ ପ୍ରେମ ଜୀବନର ଆଦର୍ଶ ମଣିଛନ୍ତି। ରାଧା-କୃଷ୍ଣ ୪ଙ୍କ ପ୍ରେମ ଛଳରେ ପରସ୍ପରକୁ ପ୍ରେମର ଇସାରା କରନ୍ତି। ପ୍ରେମର ସ୍ୱରୂପ ଆଙ୍ଗିକ ଓ ଆତ୍ମିକ ହୋଇପାରେ। ପ୍ରେମ ଦୈହିକ କିମ୍ବା ଦେହାତୀତ ହୋଇପାରେ। ସେଥିପ୍ରତି ବାଥୁଡ଼ି ଯୁବକ, ଯୁବତୀର ପରବାୟ ନଥାଏ। ବାଥୁଡ଼ି ଯୁବକ ଶ୍ରୀରାଧାଙ୍କୁ ନିଜ ପ୍ରଣୟର ଆଦର୍ଶ ମଣୁଥିବାବେଳେ ଯୁବତୀ ଶ୍ରୀକୃଷ୍ଣ ୪ଙ୍କୁ ନିଜର ଆଦର୍ଶ ପୁରୁଷ ଭାବେ ଗ୍ରହଣ କରିଥାଏ ।

"ହାଣ୍ଡିରେ ଘାଣ୍ଟିଲି ଖିରି
ରାଧା ଚାଲିଗଲେ କୃଷ୍ଣ ୪ଙ୍କୁ ଧରି
ବଡ଼ ନଈ ସେଇପାରି ।" (ଯୁବତୀ ବୋଲିଥାଏ)

"ବଣରେ ଡାକେ ମୟୂରୀ
ରାଧା ଠାନେ ଭେଟ ହେବ କିପରି
ବଂଶୀ ଭାଡ଼ନ୍ତି ମୁରଲୀ ।" (ଯୁବକ ବୋଲିଥାଏ)

"ଆହାରେ, କୁଦୁମ୍ବ ଝରି
କୃଷ୍ଣ ୪ ପାଦ ତଳେ ମୁଁ ଯାନ୍ତି ମରି
ପର୍ବତେ ବିଦାରି କରି ।" (ଯୁବତୀ ବୋଲିଥାଏ)

ବାଥୁଡ଼ିମାନେ ବୋଲୁଥିବା 'ଡାଳଭଙ୍ଗା' ଗୀତରେ ଅନ୍ୟାନ୍ୟ ଭାବ ଓ ରସ ତୁଳନାରେ ପ୍ରେମ ଓ ଶୃଙ୍ଗାର ରସର ପ୍ରାବଲ୍ୟ ଲକ୍ଷ୍ୟ କରାଯାଇଥାଏ। ବାଥୁଡ଼ି ସମାଜରେ 'ମନବଦା' ବା 'ଘିନ୍‌ପଳା' ବିବାହ ପ୍ରଚଳିତ ଅଛି। ଏହା ଏକ ପ୍ରେମଜନିତ ବିବାହ। ଯୁବକ, ଯୁବତୀ ପ୍ରେମରେ ପଡ଼ିଲେ ଏବଂ ସେମାନେ ବିବାହ କରିବାକୁ ଇଚ୍ଛା କଲେ, ଯଦି ସମାଜ ଓ ପରିବାର ଏହାକୁ ଗ୍ରହଣ ନ କରନ୍ତି, ଦୁହେଁ ଗାଁ ଛାଡ଼ି ଚାଲି ଯାଆନ୍ତି। ସେମାନେ ପରସ୍ପରକୁ ବିବାହ କରି ଗାଁଠାରୁ ଦୂରରେ ରହନ୍ତି। ଏହାକୁ ଘିନ୍‌ପଳା ବିବାହ କୁହାଯାଏ। ଜାତି, ଭାଇଙ୍କ ଭୟରେ ଯୁବକ, ଯୁବତୀମାନେ ରାତି ସମୟରେ ହିଁ ଗାଁ ଛାଡ଼ି ଚାଲିଯିବାକୁ ଶ୍ରେୟ ମଣିଥାନ୍ତି। ବାଥୁଡ଼ି ସମାଜରେ ପ୍ରେମ ବିବାହ ପ୍ରଚଳନ ଥିବାରୁ ବିବାହ ପୂର୍ବରୁ ଯୁବକ, ଯୁବତୀମାନଙ୍କ ମଧ୍ୟରେ ହାସ, ପରିହାସ, ରୂପ, ଗୁଣ ବର୍ଣ୍ଣନା, ଉକ୍ତି-ପ୍ରତ୍ୟୁକ୍ତି, ପ୍ରେମ-ପ୍ରଣୟ ପାଇଁ ସ୍ୱାଧୀନତା ରହିଥିବାରୁ ଏମାନେ ମନରୁ ପଦ ଯୋଡ଼ି ଗୀତ ମାଧ୍ୟମରେ ଭାବ ବିନିମୟ କରିଥାନ୍ତି।

"ନୂଆ ହାରିକିନି ବାତି
ଦିନବେଳେ ଧରିବେ ଜାତି
ଚାଲିଯିବା ରାତାରାତି ।" (ଯୁବକଟି ବୋଲିଥାଏ)

"ହାତକୁ ଭଣଙ୍ଗା ଚୁଡ଼ି
ତୁମେକି ହୋଇଚ ମୋହରି ଯୋଡ଼ି
ଠେଲିଦେନେ ଯିବ ପଡ଼ି ।" (ଯୁବତୀଟି ବୋଲିଥାଏ)

ପ୍ରେମର ମଦିରା ପାନ କରି ବାଥୁଡ଼ି ଯୁବକ ନିଶାସକ୍ତ ହୋଇପଡ଼େ। ପ୍ରେମିକା ବିନା ପ୍ରେମିକ ଘଡ଼ିଏ ବଞ୍ଚିବା କଷ୍ଟକର ହୋଇପଡ଼େ। ପ୍ରେମିକ ଘନଘନ ପ୍ରେମିକାର ଘରକୁ ଯାଉଥିବାରୁ ପ୍ରେମିକା ବଡ଼ ସମସ୍ୟାରେ ପଡ଼ିଯାଏ। ସେ ତା'ର ପ୍ରେମିକକୁ ବାରମ୍ବାର ନ ଆସିବାକୁ ଗୀତ ମାଧ୍ୟମରେ ଅନୁରୋଧ କରେ ।

"ଗଚରେ ଧଇନି କୁଳି,
ତ' ଦେଇ ପିଲା ତ ମ' ଘରେ କଳି
କେନେ ଆସ ଘଡ଼ି ଘଡ଼ି ?" (ପ୍ରେମିକା ତାର ପ୍ରେମିକ ଉଦ୍ଦେଶ୍ୟରେ ଗାଇଥାଏ)

ବାଥୁଡ଼ି ସମାଜରେ ନାରୀଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଥାଏ। ଏଣୁ ବାଥୁଡ଼ି ସମାଜରେ 'କନ୍ୟାସୁନା' ପ୍ରଥା ପ୍ରଚଳିତ ଥାଏ। ବରପକ୍ଷ, କନ୍ୟାପକ୍ଷଙ୍କୁ ଟଙ୍କା, କୁକୁଡ଼ା ଓ ଅନ୍ୟାନ୍ୟ ଉପହାର ଦେଇ ବିବାହ କରିବାକୁ ସହମତି ପ୍ରକାଶ କରିଥାନ୍ତି। ଅତୀତରେ 'କନ୍ୟାମୂଲ' କହିଲେ ଟଙ୍କା, ଧାନ, ଚାଉଳ, ଶାଢୀ, କୁକୁଡ଼ା, ବୋଦା ଆଦିକୁ ବୁଝାଉଥିଲା। ଯୁବକର ବାପା କନ୍ୟା ପିତାଙ୍କୁ 'କନ୍ୟାମୂଲ' ଆକାରରେ କ'ଣ ଦେବ, ଯୁବକଟି ଯୁବତୀକୁ ତାହାର ଆଗୁଆ ସୂଚନା ଦେଇଛି ଏହି ଗୀତ ମାଧ୍ୟମରେ ।

"ଗଛରେ ଧଇଲା କୁଳି
ମ' ବାପା ରଖିଚି ଟଙ୍କା ପୁଟୁଳି
ଦବତ ସେତିକି ଭରି ।"

ଯୌବନ ବିଭବ ବର୍ଣ୍ଣନା ଓ ଯୌନ ଆବେଦନର ହୃଦୟର ମିଳନ ହିଁ ପ୍ରେମ। ପ୍ରଣୟରେ ଲିପ୍ତ ବାଥୁଡ଼ି ଯୁବତୀଟିର ମନରେ ଭୟ ଓ ଆଶଙ୍କା ଭରିଯାଇଥାଏ। କାଳେ ପ୍ରେମିକ ତାକୁ ଭୁଲିଯିବ ଏବଂ ପ୍ରତାରଣା କରିବ, ଏହି ଭୟ ତାକୁ ଘାରିଥାଏ ।

"ନଈ ପାଣି ତରତର
ଯେତେ ଦୂର ଗନେ ମୁଁ ଯେ ତୁମର
ମତେ ନ କରିବ ପର ।"

ପ୍ରେମିକ ନିଜର ପ୍ରେମିକାକୁ ତୀବ୍ର କଟାକ୍ଷ କରି ଗୀତ ବୋଲିଥାଏ। ସେ ତା' ପ୍ରେମିକା ଗାଁକୁ ବୁଲି ଆସିଥିଲା। ମାତ୍ର, ପ୍ରେମିକା ତାକୁ ବସିବାକୁ ବି କହିଲା ନାହିଁ। ଏଣୁ ପ୍ରେମିକର ମନରେ ଅଭିମାନ ସୃଷ୍ଟି ହୋଇଛି ।

"ଅସନ ପତର ନାଲି
ଆସିଥିନି ମୁଁଇ ତୁମର ଗାଁ ବୁଲି
ନ କଇଲ ବସ ବୋଲି ।"

"ଯାଇଥନି ବିଲ ବାଛି
ଘରେ ନଥିଲେ ସିନା ବସ କଇତି
ପାଣି ନୋଟେ ହେନେ ଦେତି ।"

ପ୍ରେମର ଜ୍ୱଳନ ବଡ଼ ତୀବ୍ର। ପ୍ରେମିକ ନିଜ ପ୍ରେମିକା ଦେହରେ ଓ ମନରେ ଏଭଳି ଏକ ନିଶାଣି ଛାଡ଼ିବାକୁ ଇଚ୍ଛା କରୁଛି; ଯାହାକୁ ପ୍ରେମିକା ଯେତେ ଇଚ୍ଛା କଲେ ବି ଭୁଲି ପାରୁ ନଥିବ। ନିରୋଳାରେ ଏକାକିନୀ ଥିଲାବେଳେ ସେ ଏ ସ୍ମୃତିକୁ ରୋମନ୍ଥନ କରୁଥିବ ଆଉ ଜଳୁଥିବ ମଧୁର ଜ୍ୱଳନରେ ।

"ଶାଳ ଫୁଲ ବନେ ବନେ
ଫୁଲ ଖୋସିଦେବି ଡାହାଣ କାନେ
ଘରେ କରୁଥିବୁ ମନେ ।"

ଡାଳଭଙ୍ଗା ଗୀତ ମାଧ୍ୟମରେ ବାଥୁଡ଼ି ଯୁବକଟି ନିଜ ପ୍ରେମିକାର ରୂପ ବର୍ଣ୍ଣନା କରିଥାଏ। ପ୍ରେମିକାର ବାଙ୍କ ଚାହାଁଣୀ ଓ ଲମ୍ବା ବେଣୀ ପ୍ରେମିକକୁ ପାଗଳ କେରି ଦେଉଛି ।

"କାଟିଲି ବାଉଁଶ କଣି
କି ସୁନ୍ଦର ତର ଆଡ଼ ଚାହାଁଣି
ଜୁଲାଇ ଛାଡ଼ିବୁ ବେନୀ ।"

ପ୍ରେମ ଓ ପ୍ରତାରଣା ପ୍ରେମ ଜୀବନର ଦୁଇଟି ପାଶ୍ୱର। ଯିଏ ପ୍ରେମର ବର୍ଷାରେ ଭିଜିଛି, ସେ ବି ପ୍ରତାରଣାର ବହ୍ନିରେ ଜଳିଛି। ଭିଜିବା ଓ ଜଳିବା; ପ୍ରେମ ଓ ପ୍ରତାରଣାର ସ୍ୱରୂପ। ଏହା ବି ବାଥୁଡ଼ି ମୌଖିକ ଗୀତରେ ପ୍ରତିଫଳିତ ହୋଇଥାଏ।

"ଉଡ଼ିଲା ଚଡ଼େଇ କାଟିଲି ପର
ଆଗୁ କରିଥିଲ ଗଳାର ହାର
ଏବେ କରିଦେଲ ପର ।"

ପ୍ରେମରେ ଗଭୀର କଟାକ୍ଷ ଓ ଆକ୍ଷେପ-ପ୍ରତି ଆକ୍ଷେପ ବାଥୁଡ଼ି ଡାଳଭଙ୍ଗା ଗୀତରେ ପରିଲକ୍ଷିତ ହୋଇଥାଏ। 'ପ୍ରେମ' ଜୀବନର ଏକ ମୌଳିକ ଆବେଗ। ଏହା ଅନିର୍ବଚନୀୟ ଅନୁଭବ। ଏହା ଦୁଇ ବିପରୀତ ଲିଙ୍ଗରେ ସଞ୍ଚରିଥାଏ। ଆକର୍ଷଣ କରେ ଦୁଇ ହୃଦୟକୁ। ଦେହକୁ ନେଇ ସାମାଜିକ ଜୀବନକୁ ନେଇ ନୈତିକ ଓ ବିଭୁ ଚେତନାର ଆଭିମୁଖ୍ୟକୁ ନେଇ ପ୍ରେମର ଜୟଗାନ ଓ ପ୍ରତିଷ୍ଠା ହୋଇଥାଏ। ପ୍ରେମର ପ୍ରକୃତ ସ୍ୱରୂପ ଏବେ ବି କଳ୍ପନା ଇନ୍ଦ୍ରଜାଲରେ ବନ୍ଦୀ ଏକ ନିର୍ଦ୍ଦିଷ୍ଟ ଅସ୍ପଷ୍ଟ

ଅନୁଭବ। ପ୍ରେମର ବହୁବର୍ଣ୍ଣୀ କାନ୍‌ଭାସରେ ପ୍ରେମିକ ପ୍ରେମିକାର ପ୍ରଥମ ଦେଖା, ନିକଟ ହେବାର ସ୍ୱପ୍ନ, ଭାବ ବିନିମୟ, ମିଳନ, ବିରହ, ଶୃଙ୍ଗାର, ସ୍ପର୍ଶ, ଆତ୍ମସମର୍ପଣର ଅଦ୍ଭୁତ ରଙ୍ଗ ବିନ୍ୟାସ। ପ୍ରେମ ଏକ ସାର୍ବଜନୀନ ଅନୁଭବ। ଜୀବନର ଚଲାପଥରେ କେବେ ନା କେବେ ଏହା ସବୁ ମଣିଷକୁ ଛୁଇଁଥାଏ। (୭)

"ଉଡ଼ିଲା ପାରିଆ ପାଞ୍ଝୀ
ପର ଝିଅ ଦେଖି କରୁଚୁ ଆଖି
କିଏ ନେଇଯିବ ଟେକି। (ଡାଙ୍ଗୁଳୀ)
"ଉଡ଼ିଲା ପାରିଆ ପାଞ୍ଝୀ
ନାଲିଆବାଲିକୁ ପଡ଼ିଲା ଆଖି
ଆମେ ନେଇଯିବୁ ଟେକି ।" (ଡାଙ୍ଗୁଆ)

ବାଥୁଡ଼ି ଯୁବତୀଟି ନିଜକୁ ଅତି ଚତୁରୀ ଓ ବିଚକ୍ଷଣା ବୋଲି ମନେ କରିଥାଏ। ନିଜକୁ 'ନାଲି କଇଁ' ସହ ତୁଳନା କରି ସେ କାହାର ନୁହଁ କହି ଯୁବକକୁ ଟାପରା କରିଥାଏ। ସେ ଅନେକ ପୁରୁଷଙ୍କ ଆଶା ଭାଙ୍ଗି ଦେଇଛି। ଅନେକ ପୁରୁଷ ତା' ପିଛା କରି ମଧ୍ୟ ପ୍ରାପ୍ତ ହୋଇପାରି ନାହାନ୍ତି। ଏଣୁ ତା'ଠାରେ ଆଶା ନ ରଖିବାକୁ ଯୁବତୀଟି ଯୁବକକୁ ସ୍ପଷ୍ଟ ଭବେ କହି ଦେଉଛି। ଯୁବତୀଟି ଯୁବକକୁ ତା' ତୁଳନାରେ ହେୟ ମନେ କରିଛି। ଯୁବତୀର ଏଭଳି ଆକ୍ଷେପ ଓ ଅହଂକାରକୁ ଯୁବକ ସହଜରେ ଗ୍ରହଣ କରିପାରିନି। ସେ ତୁରନ୍ତ ଏହାର ଜବାବ ଗୀତ ମାଧ୍ୟମରେ ପ୍ରଦାନ କରିଛି। ଯୁବକଟି ନିଜକୁ 'କୁନ୍ଧିଆ ବାଡ଼ିର କୋବି' ସହ ତୁଳନା କରି ନିଜ ଦକ୍ଷତାର ପରିଚୟ ଦେଉଛି। ଯୁବତୀଟି ନିଜକୁ ଯେତେ ଚତୁରୀ ଭାବୁ କି ଯେତେ ପୁରୁଷଙ୍କ ମନ ଭାଙ୍ଗିଦେଉ; ମାତ୍ର ତା' ମନକୁ ସେ ଭାଙ୍ଗି ପାରିବ ନାହିଁ ବୋଲି ଯୁବକ ଦୃଢୋକ୍ତି କରିଛି। ଯଦି ବି ଯୁବତୀ ତା' ମନ ଭାଙ୍ଗିଦିଏ, ଭାଙ୍ଗିଯାଇଥିବା ମନକୁ ଯୋଡ଼ି ଦେବାର ସାମର୍ଥ୍ୟ ତା' ନିକଟରେ ରହିଛି ବୋଲି ଯୁବକ ଯୁବତୀକୁ ପାଲଟା ଜବାବ ଦେଇ ନିଜକୁ ଜଣେ ସମର୍ଥ ପୁରୁଷ ଭାବେ ଚିତ୍ରଣ କରିଛି ।

"ଗଡ଼ିଆର ନାଲି କଇଁ
ମରଠାରେ ଆଶା ରଖିଥା' ନାଇଁ
ଭାରି ଆଶାଭାଙ୍ଗୀ ମୁଇଁ ।" (ଡାଙ୍ଗୁଳୀ)
"କୁନ୍ଧିଆ ବାଡ଼ି (ପରିବା ବଗିଚା)ର କୁବି
ଭାଙ୍ଗିଗନେ ମନ ଯୋଡ଼େଇ ଦେବି
ତେବେ ଯାଇ ଘର ଯିବି ।" (ଡାଙ୍ଗୁଆ)

ଯୁବକ, ଯୁବତୀଙ୍କ ପ୍ରେମରେ ଗଭୀର ଛଟା ଓ ବ୍ୟଙ୍ଗୋକ୍ତି ମଧ୍ୟ ବାଥୁଡ଼ି ମୌଖିକ ପରମ୍ପରାରେ ଲକ୍ଷ୍ୟ କରାଯାଇଥାଏ। ଯୁବକ ଓ ଯୁବତୀ ଛଟା ମାଧ୍ୟମରେ ନିଜ ପ୍ରେମ ଜୀବନକୁ ଅଧିକ ଗଭୀର କରିଥାନ୍ତି ।

"ନଈ ପାଣି ହୁକୁହୁକୁ
ଧରିଦେମି ତର କଲିଜା ଭୁକ୍କୁ
କାନ୍ଦୁଥିବୁ ସୁଙ୍କୁସୁଙ୍କୁ ।" (ଡାଙ୍ଗୁଆ)
"ନଈପାଣି ଗନା ଚିତେ
ଚିତେକେ (ଛାତିଏ) ପାଣିରେ ଧରିମି ତତେ
ଚିହ୍ନି ନ ପାରିବେ ମତେ ।" (ଡାଙ୍ଗୁଳୀ)

ସ୍ୱାଭାବିକ ଭାବେ ପ୍ରେମିକ ନିଜ ପ୍ରେମିକାର ଚରିତ୍ରକୁ ସନ୍ଦେହ କରିଛି। ସେ କାଳେ ପର ପୁରୁଷଙ୍କ ନିକଟକୁ ଯାଉଛି, ଏହା ପ୍ରେମିକର ଛାତିରେ ସନ୍ଦେହର କ୍ଷତଟିଏ ସୃଷ୍ଟି କରୁଛି। ଅନ୍ୟ ପୁରୁଷଙ୍କ ସହ ଅଧିକ ମିଳାମିଶା କଲେ କାଳେ ସେ ପୁରୁଷ ତା' ପ୍ରେମିକାକୁ ପ୍ରେମ ଫାଶରେବାନ୍ଧି ପକାଇବ; ଏଭଳି ଏକ ଆଶଙ୍କା ପ୍ରେମିକର ମନରେ ଦାନା ବାନ୍ଧିଥାଏ। ଏଣୁ ସେ ନିଜ ପ୍ରେମିକାକୁ ବଣ, ବୁଦା ବୁଲିବାକୁ ବାରଣକରୁଛି। କାରଣ ବଣରେ ଥିବା 'ପତରଚାଇଁ' ନାମକ ଏକ ପ୍ରକାର ବିଷାକ୍ତ ପୋକ ତା' ପ୍ରେମିକାକୁ ଦଂଶନ କରିବାର ଭୟ ପ୍ରେମିକକୁ ଆତଙ୍କିତ କରିପକାଉଛି। ଏଠାରେ ବାଥୁଡ଼ି ମୌଖିକ ସାହିତ୍ୟରେ 'ପତରଚାଇଁ' ଭଳି ଏକ 'ପ୍ରତୀକ'ର ପ୍ରୟୋଗ କରାଯାଇଛି। 'ପତରଚାଇଁ' ଭଳି କଳଙ୍କିତ ପୁରୁଷ ନିକଟକୁ ନ ଯିବାକୁ ପ୍ରେମିକ ତା' ପ୍ରେମିକାକୁ ବାରଣ କରିଛି ।

"ଚାଉଳ ଭାଜିଲି ଝାଇଁ

ଅତି ବଣବୁଦା ବୁଲିବୁ ନାଇଁ
ମାରିବ ପତରଚାଇଁ ।" (ଢାଙ୍ଗୁଆ)

ପ୍ରେମିକା ନିଜ ପ୍ରେମିକ ସହ ମିଠା ମିଠା କଥା ହୋଇ ପ୍ରେମରେ ଭଳେଇ ଦେବା ପରେ ଭୁଲିଯିବା ଆଜିକାଲି ପ୍ରେମରେ ଖୁବ୍ ସାଧାରଣ ।

ବାଥୁଡ଼ି ଯୁବତୀଟି ଏଭଳି ମଧୁର କଥା କହି, ନିଜ ପ୍ରେମିକ ସହ କରିଥିବା ଛଳନା ଓ ପ୍ରତାରଣାର ଚିତ୍ର ବାଥୁଡ଼ି ମୌଖିକ ସାହିତ୍ୟ ପରମ୍ପରାରେ ପ୍ରତିଫଳିତ ହୋଇଥାଏ। ବାଥୁଡ଼ି ଡାଳଭଙ୍ଗା ଗୀତରେ ଏହାର ଏକ ଝଲକ ଦେଖିବାକୁ ମିଳିଥାଏ ।

"କୋବତୀ (କପୋତୀ) ଚଳେଇ ଭୁଙ୍କୁ (କଲିଜା)
ମିଠା କଥା କହି କେନେ ଯେ ଫାଙ୍କୁ
ମନ ଦେଇ ମନ ଛେଙ୍କୁ ।" (ଢାଙ୍ଗୁଆ)

ସହାୟକ ସୂଚୀ

୧. ମହାପାତ୍ର ଖଗେଶ୍ୱର, 'ଓଡ଼ିଶାର ଆଦିବାସୀ ଭାଷା ଓ ଲିପି', 'କୋଣାର୍କ', ୮୧ତମ ସଂଖ୍ୟା, ପ୍ରକାଶକ: ଓଡ଼ିଶା ସାହିତ୍ୟ ଏକାଡେମୀ-୧୯୯୦, ପୃଷ୍ଠା: ୨

୨. ପସାୟତ ଚିତ୍ରସେନ, 'ପୁରୋଦୃଷ୍ଟି', 'ଆଦିବାସୀ ମୌଖିକ ସାହିତ୍ୟ ପରମ୍ପରା', ପ୍ରକାଶକ: ସାହିତ୍ୟ ଅକାଦେମୀ, ନୂଆଦିଲ୍ଲୀ, ୨୦୦୭, ପୃଷ୍ଠା: ୭

୩. ନାଏକ ଶରତ ଚନ୍ଦ୍ର, 'ଆଦିବାସୀ ବାଥୁଡ଼ି ସମ୍ପ୍ରଦାୟ: ସମାଜ ସଂସ୍କୃତି ଓ ସାହିତ୍ୟ; ଏକ ଅଧ୍ୟୟନ', ଅପ୍ରକାଶିତ ପିଏଚ୍‌ଡ଼ି ଥେସିସ୍, ପୃଷ୍ଠା: ୨୧୨

୪. ମହାପାତ୍ର ଡ. ଖଗେଶ୍ୱର, 'ମୁଖବନ୍ଧ', 'ଆଦିବାସୀ ଲୋକକାହାଣୀ', ପ୍ରକାଶକ: ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର-୧୯୯୬

୫. ମିଶ୍ର ଡ. ମହେନ୍ଦ୍ର କୁମାର, 'ସଉରା ଲୋକ ପରମ୍ପରାରେ ପ୍ରେମ ଓ ମୃତ୍ୟୁ ଚେତନା', 'କୋଣାର୍କ', ସଂଖ୍ୟା: ୧୨୧, ପ୍ରକାଶକ: ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର-୨୦୦୧, ପୃଷ୍ଠା: ୧୫

୬. ମିଶ୍ର ସୁବାସ ଚନ୍ଦ୍ର, 'ଆଦିବାସୀ ଲୋକଗୀତରେ ଜୀବନର ଦୁଇଟି ବିଶିଷ୍ଟ ରୂପାୟିତ ଦିଗ- ପ୍ରେମ ଓ ମୃତ୍ୟୁ', 'କୋଣାର୍କ', ସଂଖ୍ୟା: ୧୨୧, ପ୍ରକାଶକ: ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର-୨୦୦୧, ପୃଷ୍ଠା: ୯୩

କ୍ଷେତ୍ର ସହାୟକ/ସହାୟିକା

୧. କବିତା ନାୟକ, ଡ. ରାଜକିଶୋର ନାୟକ ଭୁଗୁଡ଼ାକଟା, ୱାର୍ଡ଼ ନମ୍ବର-୨୧, ବାରିପଦା, ଜିଲ୍ଲା: ମୟୂରଭଞ୍ଜ

୨. ଝାଡ଼େଶ୍ୱର ରାଉତ, ନିଝାରୀ ବଡ଼ାମ୍ ପୂଜକ, ଘୋଷପାଳ (ରାଣୀଭୋଳ), ଶିମିଳିପାଳ ଜୈବମଣ୍ଡଳର ବଣିଆବସା ଫାଟକ ନିକଟ, ବ୍ଲକ୍: ଖୁଣ୍ଟା, ଜିଲ୍ଲା: ମୟୂରଭଞ୍ଜ

୩. ବାଇଧର କଣ୍ଟାବାଇଁସିଆ, ଗୋଲି ପଢ଼ିଆଳ, ଦ୍ରୁପଦୀ କଣ୍ଟାବାଇଁଶିଆ ଗ୍ରାମ: ପରାଶିବାଡ଼ି, ବ୍ଲକ୍: କପ୍ତିପଦା, ଜିଲ୍ଲା: ମୟୂରଭଞ୍ଜ

୪. ରବୀନ୍ଦ୍ର ନାଥ ନାଏକ ଗ୍ରାମ: ଦୁବେଇପାଣ୍ଟ, ଗ୍ରାମ ପଞ୍ଚାୟତ: ସାହାରପଡ଼ା, ବ୍ଲକ୍: ସାହାରପଡ଼ା, ଜିଲ୍ଲା: କେନ୍ଦୁଝର

୫. ପଞ୍ଚୁ ନାଏକ, ପୂର୍ଣ୍ଣଚନ୍ଦ୍ର ନାଏକ (ଦେହୁରୀ) ଗ୍ରାମ: ସାନକାଶିରା, ଗ୍ରାମ ପଞ୍ଚାୟତ: ଗୁଡୁଗୁଡ଼ିଆ, ବ୍ଲକ୍: ଯଶୀପୁର, ଜିଲ୍ଲା: ମୟୂରଭଞ୍ଜ

୬. ଡ. ଶରତ ନାଏକ, କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ

୭. ସୁଶାନ୍ତ ନାଏକ (ସଭାପତି), ତପନ ନାଏକ, (ସମ୍ପାଦକ), 'ଜୟ ବଡ଼ାମ ଯୁବକ ସଂଘ' ଗ୍ରାମ: ଟଭାଗଡ଼ି, ଗ୍ରାମ ପଞ୍ଚାୟତ: ବଡ଼ଫେଣୀ, ବ୍ଲକ୍: ଖୁଣ୍ଟା, ଜିଲ୍ଲା: ମୟୂରଭଞ୍ଜ

୮. ଲାଲ୍ ମୋହନ ନାଏକ, ଡାକ ନାଏକ, ଟୁନି ନାଏକ, ମଞ୍ଜୁଲତା ନାଏକ ଗ୍ରାମ: ଖାଣ୍ଡିଆ, ଗ୍ରାମ ପଞ୍ଚାୟତ: ଖାଣ୍ଡିଆ, ବ୍ଲକ୍: ଶ୍ୟାମାଖୁଣ୍ଟା, ଜିଲ୍ଲା: ମୟୂରଭଞ୍ଜ

୯. ଭାଗିରଥୀ ମହାନ୍ତ, ଗ୍ରାମ: ନାଗପାଳ, ବ୍ଲକ: ଉଦଳା, ଜିଲ୍ଲା: ମୟୂରଭଞ୍ଜ

୧୦. ସୁନୀତା ବିଶ୍ୱାଳ, ଗ୍ରାମ: ପଣସଗଡ଼ି, ଗ୍ରାମ ପଞ୍ଚାୟତ: ବଡ଼ସିଙ୍ଗାରିଆ, ବ୍ଲକ୍: ଉଦଳା, ଜିଲ୍ଲା: ମୟୂରଭଞ୍ଜ

୧୧. ପଞ୍ଚୁ ନାଏକ, ପୂର୍ଣ୍ଣଚନ୍ଦ୍ର ନାଏକ (ଦେହୁରୀ), ପୂର୍ଣ୍ଣମୀ ନାଏକ, ସୁକାନ୍ତି ନାଏକ, କୁଇ ନାଏକ,

ସାବିତ୍ରୀ ନାଏକ, ସରସ୍ୱତୀ ନାଏକ, ପ୍ରମିଳା ନାଏକ, ସୁକୁମତୀ ନାଏକ ଗ୍ରାମ: ସାନକାଶିରା, ଗ୍ରାମ ପଞ୍ଚାୟତ: ଗୁଡୁଗୁଡ଼ିଆ, ବ୍ଲକ୍: ଯଶୀପୁର, ଜିଲ୍ଲା: ମୟୂରଭଞ୍ଜ

୧୨. ରତିକାନ୍ତ ପଢିଆଳ, ଗ୍ରାମ: ମହୁଲପଙ୍ଖା, ଗ୍ରାମ ପଞ୍ଚାୟତ: ମଝିଘରିଆ, ବ୍ଲକ୍: କପ୍ତିପଦା, ଜିଲ୍ଲା: ମୟୂରଭଞ୍ଜ

୧୩. ସୋରିଆ ନାଏକ, ସୁନିମଣୀ ନାଏକ, ତ୍ରିଲୋଚନା ନାଏକ, ଲାଲ୍ ମୋହନ ନାଏକ,

ପରେଶ ଚନ୍ଦ୍ର ମଢେଇ, ସୁରେଶ ଚନ୍ଦ୍ର ମଢେଇ, ରତ୍ନାକର ନାଏକ ଗ୍ରାମ: ଦନାମରା, ଗ୍ରାମ ପଞ୍ଚାୟତ: ବାଲିଡିହା, ବ୍ଲକ୍: ଶ୍ୟାମାଖୁଣ୍ଟା, ଜିଲ୍ଲା: ମୟୂରଭଞ୍ଜ

୧୪. ବିଜୟ ମଢେଇ, ନକୁଳ ମଢେଇ, ଶାନ୍ତିଲତା ବିଶ୍ୱାଳ, ପାର୍ବତୀ ଖଣ୍ଡେଇ ଗ୍ରାମ: ଗଡ଼ିଗାଁ, ଗ୍ରାମ ପଞ୍ଚାୟତ: ଗଡ଼ିଗାଁ, ବ୍ଲକ୍: ଖୁଣ୍ଟା, ଜିଲ୍ଲା: ମୟୂରଭଞ୍ଜ

୧୫. ଗୌର ଶିମିନାକିଆ, ସୁବାସିନୀ ମଢ଼େଇ ଗ୍ରାମ: ବଳଭଦ୍ରପୁର, ବ୍ଲକ: ଉଦଳା, ଜିଲ୍ଲା: ମୟୂରଭଞ୍ଜ

□□□

ଆଦିବାସୀଙ୍କ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଆଲୋକପାତ ଦାରୁ ଉପାସନା ଉପାସନାରୁ : ସମ୍ୟକ

ଡକ୍ଟର ରାଜେନ୍ଦ୍ର ପାଢୀ

ସା/ପୋଷ୍ଟ: କୁନ୍ଦୁରା, ଭାୟା :ଜୟପୁର, ଜି: କୋରାପୁଟ -764002

ଅଷ୍ଟିକ୍, ଦ୍ରାବିଡ ଓ ଆର୍ଯ୍ୟ,ଏହି ତିନି ଶ୍ରେଣୀର ମଣିଷଙ୍କ ସମନ୍ୱିତ ରୂପ ହେଉଛନ୍ତି ମହା ପ୍ରଭୁ ଜଗତର ନାଥ ଶ୍ରୀଦାରୁ ବ୍ରହ୍ମ ଜଗନ୍ନାଥ । ବୈଷ୍ଣବ, ଶାକ୍ତ, ଗାଣପତ୍ୟ, ସୌର, ବୌଦ୍ଧ, ଜୈନ ପ୍ରଭୃତି ସଂପ୍ରଦାୟ ପନ୍ଥୀ ଓ ସନ୍ଥମାନେ ଶ୍ରୀ ଜଗନ୍ନାଥଙ୍କଠାରେ ନିଜ ନିଜର ଆରାଧ୍ୟ ଦେବତାଙ୍କ ପରିକଳ୍ପନା କରିଥାନ୍ତି। କିନ୍ତୁ,ଏହି ରହସ୍ୟମୟ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଦାରୁ ନିର୍ମିତ ଅଧଗଢା ବିଗ୍ରହର ରହସ୍ୟ, ଦୈନିକ ନୀତିକାନ୍ତି, ଅଣସର ଗୁପ୍ତ ସେବା, ନବକଳେବର ବିଧାନ, ରଥ ଯାତ୍ରା ପ୍ରଭୃତିରେ ଯେଉଁ ନିଚ୍ଛକ ଶାବର ସଂସ୍କୃତିର ପ୍ରଭାବ ରହିଛି, ଏ ଦୃଷ୍ଟିରୁ ବିଚାର କାଲେ ଶ୍ରୀକ୍ଷେତ୍ରରେ ପୂଜିତ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମୂଳତଃ ଶବର ଦେବତା ବୋଲି ସ୍ୱୀକାର କରାଯାଇପାରେ । ଆଙ୍ଗୁଠି ଗଣତି କିଛି ଗବେଷକ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମ ଉପାସନା ସହ ଶାବର ଧର୍ମଧାରାର ସମନ୍ୱୟ ସମ୍ପର୍କରେ ଆଲୋଚନା କରିଥିବା ବେଳେ ଅଧିକାଂଶ ପଣ୍ଡିତ ମହାପ୍ରଭୁଙ୍କ ଶାସ୍ତ୍ରୀୟତା ପ୍ରସଙ୍ଗରେ ବିଶେଷ ଚର୍ଚ୍ଚା କରିଥିବା ଜଣାଯାଏ । ଶ୍ରୀ ଜଗନ୍ନାଥଙ୍କ ଉପାସନାର ସୃଷ୍ଟି, ତତ୍ତ୍ୱ ଓ ମାହାତ୍ମ୍ୟକୁ ନେଇ ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଆଲୋଚକମାନେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ ହେଁ ଶ୍ରୀଜଗନ୍ନାଥ ମୂଳତଃ ଶାବର ଦେବତା, ଏ ସମ୍ପର୍କରେ ବିଶିଷ୍ଟ ଗବେଷକ ଡ.ବେଣୀ ମାଧବ ପାଢୀଙ୍କ 'ଦାରୁ ଦେବତା' ଗ୍ରନ୍ଥଟି ଏକ ମାର୍ଗଦର୍ଶୀ ଗବେଷଣା ଗ୍ରନ୍ଥ । ପ୍ରସ୍ତୁତ ପ୍ରବନ୍ଧରେ ଆଦିବାସୀଙ୍କ ପୂଜିତ ଦାରୁ ଦେବତାରୁ ଶ୍ରୀ ଜଗନ୍ନାଥଙ୍କ ଦାରୁ ବ୍ରହ୍ମ ଉପାସନା ସମ୍ପର୍କରେ ସମ୍ୟକ୍ ଆଲୋକପାତ କରାଯାଉଛି।

ଶାବର ଜନଗୋଷ୍ଠୀ (ଆଜିର ଆଦିବାସୀ)ପ୍ରାଚୀନ ଶାସ୍ତ୍ର ଓ ପୁରାଣରେ ଶବର, ନିଶାଦ, ପୁଳିନ୍ଦ ନାମରେ ବର୍ଣ୍ଣିତ । ପରବର୍ତ୍ତୀ କାଳରେ ଶବର, ଗଣ୍ଡ, ଭିଲ୍, ଲୋଧା, ପରଜା, କୋୟା,କନ୍ଧ, ଭୂୟାଁ, ଭତରା, ଜୁଆଙ୍ଗ, ଖଡିଆ, ଲୋଧା ପ୍ରଭୃତି ନାମରେ ପରିଚିତ ହୋଇ ଥିଲେ ହେଁ ସାମଗ୍ରିକ ଭାବେ 'ଶାବରଗୋଷ୍ଠୀ' ଭାବେ ପରିଚିତ । ଏମାନେ ଭାରତର ଦକ୍ଷିଣ ପୂର୍ବରେ ମହେନ୍ଦ୍ରାଞ୍ଚଳରୁ ବିନ୍ଧ୍ୟାଞ୍ଚଳ ଯାଏଁ ବଂଶଧାରା, ନାଗାବଳୀ ମହାନଦୀର ଅବବାହିକାର ବିସ୍ତୃତ ଅଞ୍ଚଳରେ ବସବାସ କରୁଥିବାରୁ ଏହି ଭୂଖଣ୍ଡକୁ 'ଶାବର ଭୂମି' 'ବା 'ସଉରା ମଣ୍ଡଳ' ଭାବେ ନାମିତ କରାଯାଇଛି। ପ୍ରସଙ୍ଗରେ ପ୍ରଥମ ଶତାବ୍ଦୀର ରୋମୀୟ ଐତିହାସିକ ପ୍ଲିନୀ ଓ ଟୋଲେମି (୨ୟ ଶତାବ୍ଦୀ) ଓଡ଼ିଶାର ଅଧିବାସୀମାନଙ୍କୁ ଯଥାକ୍ରମେ 'ଶଉରୀ' ଓ 'ଶବରାଇ' ଭାବେ ଉଲ୍ଲେଖ କରିଛନ୍ତି । ବଳରାମ ଦାସଙ୍କ ଦାଣ୍ଡି ରାମାୟଣ ଓ ସାରଳାଦାସଙ୍କ ମହାଭାରତରେ ବର୍ଣ୍ଣିତ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସହ ଗୁହକ ଶବରଙ୍କ ସହ ସହ ମିତ୍ରତା, ଶବରୀ ହାତରୁ ଅଇଁଠା କୋଳି ଭକ୍ଷଣ, ସାରଳା ଦାସଙ୍କ ମହାଭାରତରେ ଜାରା ଶବରଙ୍କ ତୀରରେ ଶ୍ରୀକୃଷ୍ଣଙ୍କ ଦେହ ତ୍ୟାଗ, ଶବର ଯୁବକ ଏକଲବ୍ୟଙ୍କ ଧନୁବିଦ୍ୟା ଶିକ୍ଷା ଓ ଶବରୀ ନାରାୟଣ ଉପାଖ୍ୟାନ ଆଦି ଶବର ଜନଜାତିଙ୍କ ପ୍ରାଚୀନତା ସମ୍ବନ୍ଧରେ ବହୁ ପ୍ରାମାଣିକ ତଥ୍ୟ ଉପଲବ୍ଧ । ଶବରମାନଙ୍କ ଆଦିମ ଜୀବନ ଚର୍ଯ୍ୟା ଓ ଧର୍ମଧାରାରୁ ଏମାନେ ପ୍ରାଗ୍-ବୈଦିକ ଓ ପୁରାଣଯୁଗ ପୂର୍ବର ପ୍ରାଗ୍-

ଐତିହାସିକ ମଣିଷ ବୋଲି କୁହାଯାଇ ପାରେ । ଏମାନଙ୍କ ସାମାଜିକ ରୀତିନୀତି ଓ ଧର୍ମୀୟ ପ୍ରଥାପରମ୍ପରା ଉତ୍କଳୀୟ ସଂସ୍କୃତିକୁ ବହୁଳ ଭାବେ ପରିପୁଷ୍ଟ କରିଥିବାରୁ ଓଡ଼ିଶାର ସଂସ୍କୃତିକୁ ଶାବର ସଂସ୍କୃତି ଭାବେ ବହୁ ପଣ୍ଡିତ ଅଭିହିତ କରିଛନ୍ତି ମହାଭାରତରୁ ସ୍କନ୍ଦ ପୁରାଣ ଯାଏଁ ବିଭିନ୍ନ ପୁରାଣରେ ଶ୍ରୀ ଜଗନ୍ନାଥଙ୍କ ସମ୍ପର୍କରେ ବହୁଳ ବର୍ଣ୍ଣନା ଉପଲବ୍ଧ । ଶବର ରାଜା ବିଶ୍ୱାବସୁଙ୍କ ପୂଜିତ ନୀଳ ମାଧବଙ୍କୁ ଅବନୀର ରାଜା ଇନ୍ଦ୍ରଦ୍ୟୁମ୍ନ ବ୍ରାହ୍ମଣ ଯୁବକ ବିଦ୍ୟାପତିଙ୍କ ଦ୍ୱାରା ସନ୍ଧାନ କରି ଶ୍ରୀ କ୍ଷେତ୍ରରେ ଦାରୁ ବ୍ରହ୍ମ ଜଗନ୍ନାଥ ଭାବେ ସ୍ଥାପନ କରିଥିବା ଆଖ୍ୟାନ ଆଦିକବି ସାରଳା ଦାସଙ୍କ ମହାଭାରତ, ନୀଳାମ୍ବର ଦାସ ଓ ଶିଶୁ କୃଷ୍ଣ ଦାସଙ୍କ ଦେଉଳ ତୋଳା, ଯଶବନ୍ତ ଦାସଙ୍କ ଦାରୁ ବ୍ରହ୍ମଗୀତା ପ୍ରଭୃତି ପୁରାଣ ରାଣରେ ବର୍ଣ୍ଣିତ ।ପ୍ରାଚୀନ କାଳରେ ଶାବର ଜନଗୋଷ୍ଠୀଙ୍କ ଭାରତ ବର୍ଷର ସାମାଜିକ, ଧର୍ମୀୟ ଓ ସାଂସ୍କୃତିକ ଇତିହାସରେ ଶାବର ଜନ ଗୋଷ୍ଠୀର ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ।

ଶ୍ରୀଜଗନ୍ନାଥ ଥଙ୍କ ସହ ଶବରମାନଙ୍କ ସମ୍ପର୍କ ସମ୍ପର୍କକୁ ନେଇ କେତେକ ଲୋକ ଯେ କୌଣସି ବ୍ୟକ୍ତି ପାପ କର୍ମ ଅନ୍ୟାନ୍ୟ ବିଶ୍ୱାସ ପ୍ରଚଳିତ ଏମାନଙ୍କ ଦୃଢ ବିଶ୍ୱାସ କରି ଜାତିରୁ ବହିସ୍କୃତ ହେଲେ ସେ ଶ୍ରୀକ୍ଷେତ୍ର ଯାଇ ପାପ ମୁକ୍ତି ହେବାକୁ ପଡିଥାଏ । ଅନ୍ୟଥା ତାଙ୍କୁ ଜାତିରେ ଗ୍ରହଣ କରାଯାଏ ନାହି । ଅନ ଆଦିବାସୀ ସମାଜରେ ଅନୁରୂପ ଭାବେ ଜାତିରେ ମିଶିବା ପାଇଁ ଓ ପାପ ମୁକ୍ତି ପାଇଁ ନିର୍ମାଲ୍ୟ ପାଇବାକୁ ହୁଏ ।ଏହି ବିଶ୍ୱାସ ବହୁ ଆଦିବାସୀଙ୍କ ସମାଜରେ ଏବେ ମଧ୍ୟ ପ୍ରଚଳିତ । ମୟୂରଭଞ୍ଜ ଜିଲାର ଆଦିମ ଜନଜାତି ଲୋଧା ସଂପ୍ରଦାୟଙ୍କ ବିଶ୍ୱାସ ଯେ ବ୍ରାହ୍ମଣ ଯୁବକ ବିଦ୍ୟାପତି ତାଙ୍କ ଝିଅକୁ ବିବାହ କରିଥିବାରୁ ବ୍ରାହ୍ମଣମାନେ ହେଉଛନ୍ତି ସେମାନଙ୍କର ଜ୍ୱୋଇଁ । ଏଥିପାଇଁ ଏମାନେ ଆଜି ମଧ୍ୟ ବ୍ରାହ୍ମଣମାନଙ୍କୁ ଜୁହାର କରନ୍ତି ନାହିଁ।

ଦାରୁ ବ୍ରହ୍ମ ଶ୍ରୀ ଜଗନ୍ନାଥଙ୍କ ମହିମା ଅପାର । ଏହି ରହସ୍ୟ ଠାକୁରଙ୍କ ଆଦି ଅନୁ ନିରୂପଣ କରିବା ଦୁଃସାଧ୍ୟ। ସକଳ ଧର୍ମ, ଦର୍ଶନର ପ୍ରତୀକ ପତିତପାବନ ଦାରୁବ୍ରହ୍ମଙ୍କ ସମ୍ପର୍କରେ ଓଡିଆ ପ୍ରବନ୍ଧ, ଆଲୋଚନା, ନାଟକ, କାବ୍ୟ, କବିତା, ଗୀତ, ଲୋକକଥା, କିମ୍ବଦନ୍ତୀ, ଆଦି ଯେତେ ପୌରାଣିକ ଓ ଶାସ୍ତ୍ରୀୟ ବର୍ଣ୍ଣନା ରହିଛି, ପୃଥିବୀର ଅନ୍ୟ କୌଣସି ଦେବତାଙ୍କ ସମ୍ପର୍କରେ ଏହିପରି ବର୍ଣ୍ଣନା ବିରଳ। ତଥାପି ଏହି ରହସ୍ୟମୟ ଦେବତାଙ୍କ ରହସ୍ୟ ଉନ୍ମୋଚନ କରିବା ସମ୍ଭବ ହୋଇ ପାରି ନାହି । ସେ ଜଗତର ନାଥ ଶ୍ରୀ ଜଗନ୍ନାଥ । ଜଗତର ସକଳ ଧର୍ମ ଓ ଦର୍ଶନ ସହ ସେ ସମନ୍ୱିତ । ଆଦିବାସୀଙ୍କ ଧର୍ମଧାରା ଓ ଶ୍ରୀ ଜଗନ୍ନାଥଙ୍କ ଧର୍ମ ଓ ଦର୍ଶନରେ ଥିବା ଅପୂର୍ବ ସାମ୍ୟ ଓ ସମନ୍ୱୟରୁ ପ୍ରତୀୟମାନ ହୁଏ ଯେ ଆଦିମ ମଣିଷର ଦାରୁ ପୂଜା (ବୃକ୍ଷ ପୂଜା) ହିଁ ଶ୍ରୀ ଜଗନ୍ନାଥ ଉପାସନାର ମୂଳଭିତ୍ତି ।

ଆଦିମ ମଣିଷର ପ୍ରକୃତି ଉପାସନାରୁ ବିଭିନ୍ନ ଦେବଦେବୀଙ୍କ ସୃଷ୍ଟି ଓ ବୋଲି ବହୁ ପଣ୍ଡିତ ମତ ଜ୍ଞାନ,ଭୀମ,ଗର୍ଣୀଦ,ରାମ୍, ଶବରମାନେ ହିଁ ବୃକ୍ଷ ପୂଜାର ଆଦି ପୋଷଣ କରିଥାନ୍ତି । ଶବରମାନଜଙ୍କ ଯେଉଁ ଦଶଟି ଦେବତା ଅଛନ୍ତି, ସେମାନେ ହେଲେ କିତୁଙ୍ଗ୍, ଜଗନ୍ତ, ତୋଡ, ତୁମାନ, ଭୀ ଯୋଯେପନ୍, ପନ୍, ମତ୍, ତିତ୍ । ଏହି ଦଶ ଜଣ ଦେବତାଙ୍କ ସହ ଦଶ ଅବତାରର ସାମଞ୍ଜସ୍ୟ ପରିଲକ୍ଷିତ ହୋଇଥାଏ ଥାଏ । ଶ୍ରୀଜଗନ୍ନାଥ ସର୍ବ ପ୍ରଥମେ ଶବରମାନଙ୍କ ଦ୍ୱାରା 'କିତୁଙ୍ଗ' ବା 'ଜଗନ୍' ନାମରେ ଦାରୁ ଦେବତା ରୂପେ ପୂଜିତ ହେଉଥିଲେ ବୋଲି ବିଶିଷ୍ଟ ଗବେଷକ ଡ.ବେଣୀ ମାଧବ ପାଢୀ ତାଙ୍କ ଗବେଷଣା ଗ୍ରନ୍ଥ 'ଦାରୁ ଦେବତା'ରେ ଉଲ୍ଲେଖ କରିଛନ୍ତି ଛନ୍ତି । ଶବର ପୂଜିତ 'ଜଗନ୍ତ 'ରୁ 'ଜଗନ୍ନାଥ' ନାମର ସୃଷ୍ଟି । ପଣ୍ଡିତ ନୀଳକଣ୍ଠ ଦାଶ ତାଙ୍କ ଓଡିଆ ସାହିତ୍ୟର ର କ୍ରମ ପରିଣାମ ଗ୍ରନ୍ଥରେ ଶ୍ରୀଜଗନ୍ନାଥ ଶବର ଦେବତା ବୋଲି ବଳିଷ୍ଠ ମତ ପ୍ରଦାନ କରି ଲେଖିଛନ୍ତି " ବହୁ କାଳରୁ ଏହି ଓଡିଶା ଶବର ଭୂମି ବିରାଟ ଦୁର୍ଭେଦ ଶବର

ସଭ୍ୟତା ବହୁ ପ୍ରାଚୀନ କାଳରୁ ଏଇ ଓଡିଶା ଭୁଇଁରେ ଆଶ୍ରୟ ନେଇଥିଲେ। କାଳେ କାଳେ ଆର୍ଯ୍ୟ ଆକ୍ରମଣରେ ବାଧାଦେଇ ନିଜର ନି ପ୍ରାଣ ପ୍ରବାହର ପ୍ରତୀକ ଏଇ ଜଗନ୍ନାଥ ଶବର ଦେବତା ବୋଲି ସୃଷ୍ଟ କଥିତ ହୋଇ ଥିଲା।" ଶ୍ରୀ ଜଗନ୍ନାଥଙ୍କ ଦୈନନ୍ଦିନ ପୂଜାବିଧି,ରୀତିନୀତି ଓ ଗୁଣ୍ଡିଚା ଯାତ୍ରା ମୂଳତଃ ଶାବରୀୟ ସଂସ୍କୃତି ପ୍ରଭାବିତ। 'ଗୁଣ୍ଡିଚା' ଶବ୍ଦର ବ୍ୟୁତ୍ପତ୍ତି ସମ୍ପର୍କରେ ଭାଷାତାତ୍ତ୍ୱିକ ଅଧ୍ୟୟନରୁ ଜଣାଯାଏ ଯେ ସଉରା ଭାଷାର 'କୁନ୍' ଓ 'ଡିଜା' ମିଶି ଏହି ଶବ୍ଦଟି ଗଠିତ । ସଉରା ଭାଷାରେ 'କୁନ୍'ର ଅର୍ଥ ସେଇ ଓ 'ଡିଜାର' ଅର୍ଥ ଗଣ୍ଡି । ଅର୍ଥାତ, ଗୁଣ୍ଡିଚା ଶବ୍ଦର ଅର୍ଥ ସଉରା ଭାଷାରେ ସେଇ ଗଣ୍ଡି ବା ଦାରୁ। ଯାହାକି, ଗୁଣ୍ଡିଚା ଯାତ୍ରା ହେଉଛି ଦାରୁ ଦେବତାଙ୍କ ଯାତ୍ରା । ଶ୍ରୀ ଜଗନ୍ନାଥଙ୍କ ମହା ପ୍ରସାଦ 'ଅଭଡ଼ା' ଶବ୍ଦଟିର ମୂଳ ମଧ୍ୟ ସେଇ ସଉରା ଭାଷାର 'ଆବ୍ ଆଡ', ଯାହା ବଢ଼ା ହୁଏନି ଅର୍ଥ ବିଶେଷ। ଏହିପରି ଶ୍ରୀମନ୍ଦିରର ପ୍ରଚଳିତ ବହୁ ଶବ୍ଦକୁ ଖୋଜି ବସିଲେ ଏ ସବୁ ମୂଳତଃ ସଉରା ଭାଷାରୁ ସୃଷ୍ଟ ବୋଲି ଅନୁମାନ କରାଯାଇ ପାରେ।

ଦେବୀ ଦେବତାଙ୍କୁ ରଥ କିମ୍ବା ବିମାନରେ ବସାଇ ପରିକ୍ରମା କରାଇବା ଏକ ଆଦିମ ବିଶ୍ୱାସ ଓ ପରମ୍ପରା । ଦକ୍ଷିଣ ଓଡିଆଶାର ବିଭିନ୍ନ ଆଦିବାସୀ ସମ୍ପ୍ରଦାୟଙ୍କ ଗ୍ରାମରେ ଆଷାଢ ମାସରେ କିମ୍ବା ଅନ୍ୟ ସମୟରେ ପାଳିତ 'ବଉଲାନି' ପର୍ବରେ ଅନୁରୂପ ଭାବେ ଏକ କ୍ଷୁଦ୍ର ରଥ ନିର୍ମାଣ କରି ତହିଁରେ ବିଭିନ୍ନ ରଙ୍ଗର କନା/ପତାକା ବାନ୍ଧି ଥାନ୍ତି । ପରଜା, ଭୂମିଆ, ଭତରା, ପେଣ୍ଟିଆ ପ୍ରଭୃତି ଆଦିବାସୀମାନେ ବିଭିନ୍ନ ଖାଦ୍ୟ ପଦାର୍ଥ ଓ ପଶୁପକ୍ଷୀ ବଳି ଅର୍ପଣ ପୂର୍ବକ ପୂଜା କରି ଏହି ରଥକୁ ଗ୍ରାମରୁ ଟାଣି ଟାଣି ନେଇ ତିନି ଗ୍ରାମର ସନ୍ଧିରେ ଥିବା ଛକ ସ୍ଥାନରେ ଛାଡି ଦେଇ ଗ୍ରାମର ସାମୁହିକ ମଙ୍ଗଳ କାମନା କରିଥାନ୍ତି । ଶ୍ରୀ ମନ୍ଦିରରେ ଶ୍ରୀ ଜୀଉଙ୍କ ପୂଜାପଦ୍ଧତିରେ ଉଭୟ ଲୌକିକ ଓ ଶାସ୍ତ୍ରୀୟ ରୀତି ନୀତି ପାଳିତ ହୋଇଥାଏ । ଶାବରଗୋଷ୍ଠୀ ନିଜ ଆଦିମ ପ୍ରଥାପରମ୍ପରା ଅନୁଯାୟୀ ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେମାନଙ୍କର ବିଭିନ୍ନ ପୂଜା ପାର୍ବଣରେ ପଶୁପକ୍ଷୀ ବଳି, ମଦ୍ୟ ଅର୍ପଣ ସହ ନୃତ୍ୟ ଗୀତ କରିଥାନ୍ତି । ଏହି ଧାରାରେ ତନ୍ତ୍ରର ପଞ୍ଚ 'ମ'କାର ପ୍ରକାରେ ଶ୍ରୀଜଗନ୍ନାଥଙ୍କୁ ତାନ୍ତ୍ରିକ ମତରେ ବିରି ପିଠାକୁ ମାଂସ ଭାବେ, ତମ୍ବା ପାତ୍ରରେ ପଇଡ ପାଣିକୁ ମଦ୍ୟ ଭାବେ ଅର୍ପଣ କରଯାଇଥାଏ । ଶ୍ରୀ ମନ୍ଦିରରେ ଦୈନିକ ମାହାରୀ / ଦେବଦାସୀ ନୃତ୍ୟ ଓ ଗୀତଗୋବିନ୍ଦ ଗାନ କରିବା ପରମ୍ପରା ପ୍ରଚଳିତରହିଥିଲା । ଯାହାକି ଶାବର ସଂସ୍କୃତିର ନିଛକ ପ୍ରଭାବ ବୋଲି କୁହାଯାଇପାରେ।

ଆଦିବାସୀ ଅଞ୍ଚଳରେ ବିଭିନ୍ନ ଜାନିଯାତ୍ରା ଅବସରରେ ଦେବଦେବୀଙ୍କ ପ୍ରତୀକଙ୍କୁ ବିମାନରେ ବସାଇ ଗ୍ରାମ ପରିକ୍ରମା କରିବା ବହୁ ପ୍ରାଚୀନ ପରମ୍ପରା । ବିଭିନ୍ନ ଆଦିବାସୀଙ୍କ ଦଶହରା, ମଣ୍ଡେଇ, ବାଲିଯାତ୍ରା, ପରଜାମାନଙ୍କ ନାନ୍ଦୀ ପରବ, ମାଲକାନଗିରିର ବଡଯାତ୍ରା ପ୍ରଭୃତି ପର୍ବପର୍ବାଣିରେ ଦେବଦେବୀଙ୍କୁ ବିମାନ,ରଥ କିମ୍ବା ଖଟୁଲିରେ ବସାଇ ବାଦ୍ୟ ବାଦନ,ନୃତ୍ୟଗୀତ ସହ ଗ୍ରାମ ପରିକ୍ରମା କରାଯାଇଥାଏ ।ନୂଆ ରଥ ନିର୍ମାଣ,ରଥକୁ ରଙ୍ଗୀନ କନାରେ ସଜାଇ ଗୀତ ଗାଇ ଗ୍ରାମ ପରିକ୍ରମା କରିବା ଆଦିବାସୀଙ୍କ ଏହି ପ୍ରଥା ଓ ପରମ୍ପରା ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରାକୁ ପ୍ରଭାବିତ କରିଥିବା ଅମୂଳକ ନୁହେଁ । ପୁନଶ୍ଚ, ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା ବେଳେ ପ୍ରଚଳିତ ଡାହୁକ ବୋଲି ଖାଣ୍ଟି ଶାବରୀୟ । ଗବେଷକମାନଙ୍କ ମତରେ ଗୁଣ୍ଡିଚା ଯାତ୍ରାବେଳେ ଯେଉଁ ଅଶ୍ଳୀଳ ଡାହୁକ ବୋଲି ପ୍ରଚଳିତ,ତାହା ଶାବରୀୟ ସଂସ୍କୃତିରୁ ସୃଷ୍ଟି ଓ ପରବର୍ତ୍ତୀ କାଳରେ ତାହାକୁ ଅନ୍ୟମାନେ ମାନେ ଗ୍ରହଣ କରିଛନ୍ତି । ଏ ସମ୍ପର୍କରେ ଗବେଷକ ଗଣେଶ ପ୍ରସାଦ ପରିଜା କହନ୍ତି "ଶ୍ରୀ ଜଗନ୍ନାଥଙ୍କ ରଥ ଯାତ୍ରା ନିଛକ ଶାବରୋତ୍ସବ । ସେହି ରଥ ଯାତ୍ରାରେ ଡାହୁକ ବୋଲିରେ ସେହି କଥା ଶୁଣାଯାଏ ଓ ସେହି ଆଚରଣ ମଧ୍ୟ ପରିଲକ୍ଷିତ ହୁଏ । ଏହାର ମୂଳଭିତ୍ତ ଶାବର ସଂସ୍କୃତି ହେଲେ ମଧ୍ୟ ପରବର୍ତ୍ତୀ କାଳରେ ଶବରମାନଙ୍କ ଠାରୁ ବଜ୍ରଯାନୀ ମାନେ ଗ୍ରହଣ କରିଥିଲେ।"

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଅଣସର ସମୟରେ ମହାପ୍ରଭୁ ରତ୍ନ ସିଂହାସନ ସମ୍ମୁଖରେ ଥିବା ଅଣସର ଟାଟି ଘରେ ଜ୍ୟେଷ୍ଠ ସ୍ନାନ ପୂର୍ଣ୍ଣିମା ଠାରୁ ଆଷାଢ ଅମାବାସ୍ୟା ପର୍ଯ୍ୟନ୍ତ ଅବସ୍ଥାନ କରନ୍ତି । ଭାଷାବିତ୍ ଡ.ପଂଚାନନ ମହାନ୍ତିଙ୍କ ମତରେ 'ଅଣସର' ଶବ୍ଦଟି ସଂସ୍କୃତ ଶବ୍ଦ ନୁହେଁ। ପ୍ରକୃତରେ ଏହା ଆଦିବାସୀ ମୁଣ୍ଡା (ଅଷ୍ଟ୍ରିକ୍) ଶବ୍ଦ 'ଅନସର'ରୁ ସୃଷ୍ଟି । ଯାହାର ଅର୍ଥ ଶୁଖେଇବା । ସ୍ନାନ ପୂର୍ଣ୍ଣିମାରେ ଦିଅଁମାନଙ୍କ ସ୍ନାନ ପରେ ଦେହକୁ ଶୁଖାଇବା ଅର୍ଥରେ ଆଦିବାସୀ ମୁଣ୍ଡା ଭାଷାରୁ ଏହି 'ଅଣସର' ଶବ୍ଦଟି ଆସିଛି । ଅଣସର ସମୟରେ ପୁରାଣ ଓ କିମ୍ବଦନ୍ତୀ ବର୍ଣ୍ଣିତ ନୀଳମାଧବ ଓ ବିଶ୍ୱାବସୁଙ୍କ ପୃଷ୍ଠପୋଷକ ଭାବେ କେବଳ ଶବର ବିଶ୍ୱାବସୁ ବଂଶର ଦଇତାପତି ଓ ବିଦ୍ୟାପତି ବଂଶଜ ପତି ମହାପାତ୍ରମାନେ ଟାଟି ଖୋଲି ଗୁପ୍ତ ପୂଜା କରିବା ପରମ୍ପରା ରହିଛି। ଏମାନେ ଶାବରୀୟ ପରମ୍ପରା ଅନୁଯାୟୀ ଆମ୍ବ, ପଣସ, ନଡିଆ ଓ ବିଭିନ୍ନ ଫଳାହାରକୁ ନୈବେଦ୍ୟ ରୂପେ ଅର୍ପଣ କରିଥାନ୍ତି । ଶ୍ରୀ ଜଗନ୍ନାଥଙ୍କ ପୂଜା,ସେବା ଓ ମୂର୍ତ୍ତି ସଂସ୍ଥାପନରେ ଦଇତାପତିଙ୍କ ଦାୟିତ୍ୱ ଅଧିକ । ଦାରୁ ସନ୍ଧାନ ସମୟରେ ଦାରୁସନ୍ଧାନ ହୋଇଥିବା ସ୍ଥାନରେ ଏକ ଶବର ପଲ୍ଲୀ ନିର୍ମାଣ କରି ପର୍ଣ୍ଣ କୁଟୀରରେ ସେଠାରେ ରାତ୍ରିଯାପନ କରିବା, ନବ କଳେବରରେ ମହାପ୍ରଭୁଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା, କୋଇଲି ବୈକୁଣ୍ଠରେ ବିଗ୍ରହମାନଙ୍କୁ ସମାଧି ଦେଇ ନିଜ ବଂଶଜଙ୍କ ପାଇଁ ଅଶୌଚ ପାଳନ କରି ଶୁଦ୍ଧି ହେବା ଆଦି ବିଧିବିଧାନ ଦଇତାପତିମାନେ ପାଳନ କରିଥାନ୍ତି । ଏମାନେ ମହାପ୍ରଭୁଙ୍କ ଅଧିକାଂଶ ସେବାରେ ଆଦିବାସୀଙ୍କ ଅନୁରୂପ ଗୋଷ୍ଠୀଗତ ଭାବେ ସମ୍ପୃକ୍ତ ରହିଥାନ୍ତି । ଶ୍ରୀମନ୍ଦିରରେ ଅନ୍ୟାନ୍ୟ ସେବକଙ୍କ ବ୍ୟକ୍ତିଗତ ସେବା ରହିଥିବା ବେଳେ ଦଇତାପତିମାନଙ୍କ ଗୋଷ୍ଠୀଗତ ସେବାରୁ ଶାବର ସଂସ୍କୃତିର ପ୍ରଭାବ ସୁସ୍ପଷ୍ଟ।ସ୍ନାନ ପୂର୍ଣ୍ଣିମା ଦିନ ଶହେ ଆଠ ଗରା ଜଳରେ ମହା ସ୍ନାନ ହେତୁ ମହାପ୍ରଭୁଙ୍କୁ ଜ୍ୱର ହୋଇ ଥାଏ । ଏହାର ଉପଶମ ନିମନ୍ତେ ମହାପ୍ରଭୁଙ୍କୁ ଯେଉଁ ଚେରମୂଳି ପାଚନ ଅର୍ପଣ କରି ଉପଚାର କରାଯାଏ,ତାହା ଆଦିବାସୀଙ୍କ ଦେଶୀୟ ଚିକିତ୍ସାର ନିଛକ ପ୍ରଭାବ ବୋଲି କୁହାଯାଇ ପାରେ ।

ଆଦିବାସୀଙ୍କ ପ୍ରକୃତି ପୂଜାରେ ଦାରୁ (କାଠ)ର ବା ଖମ୍ବର ଗୁରୁତ୍ୱ :

ବଣଜଙ୍ଗଲ, ପାହାଡ ପର୍ବତ, ନଦୀ ଝରଣା, ମାଟି, ପାଣି, ପବନ, ସୂର୍ଯ୍ୟ,ଚନ୍ଦ୍ର, ଗ୍ରହ, ନକ୍ଷତ୍ର ଆଦି ଜଡ ଓ ଜୀବ ପ୍ରକୃତିର ଉପାସନା ଏକ ଆଦିମ ପରମ୍ପରା । ପ୍ରକୃତି କୋଳରେ ଲାଳିତ ପାଳିତ ଆଦିମ ମଣିଷ ପ୍ରକୃତି କୋଳରୁ ନିଜ ଜୀବନ ଧାରଣର ସକଳ ଉପାଦାନ ଲାଭ କରିଥିବାରୁ ଓ ପ୍ରକୃତିର ଅଲୌକିକ ଘଟନାରେ ସେ ବିସ୍ମିତ ହୋଇ ପ୍ରକୃତିର ବିଭିନ୍ନ ଉପାଦାନରେ ଦେବତ୍ୱ ଆରୋପ କରି ସେ ସାଜିଥିଲା ପ୍ରକୃତିର ଉପାସକ ।ଏମାନଙ୍କ ପ୍ରକୃତି ପୂଜାରେ ଦାରୁ ବା ବୃକ୍ଷ ପୂଜାର ବିଶେଷ ଗୁରୁତ୍ୱ ରହିଛି ।ଆଦିମ ମଣିଷ ବୃକ୍ଷ ଦେହରେ ଆତ୍ମା (spirit)କୁ ଉପଲବ୍ଧି କରିଥିଲେ । ସୈନ୍ଧବ ଉପତ୍ୟାକାରେ ହରପ୍ପା ଓ ମହେଞ୍ଜଦାରରୁ ମିଳିଥିବା ଏକ ଶିଳା ଚିତ୍ରରୁ ଦୁଇଟି ବୃକ୍ଷ ମଧ୍ୟରେ ଦଣ୍ଡାୟମାନ ଏକ ମନୁଷ୍ୟାକୃତି ଦେବତାଟି ବୃକ୍ଷାତ୍ମା ବୋଲି ଗବେଷକ ବୃଜେଟ୍ ଓ ରେମଣ୍ଡ ଆଲଚିନ୍ ମତ ପୋଷଣ କରନ୍ତି । ଆଦିବାସୀମାନେ ମହୁଲ, ଆମ୍ବ, ନିମ୍ବ,କେନ୍ଦୁ, ବର, ଅଶ୍ୱତଥ, ଅଁଳା,ତୁଳସୀ,ଶାଳ,କରମା ପ୍ରଭୃତି ବୃକ୍ଷକୁ ବିଭନ୍ନ ପର୍ବପର୍ବାଣିରେ ପୂଜା କରିଥାନ୍ତି । ଏମାନେ ବିଭିନ୍ନ ବୃକ୍ଷ ଓ ପଶୁ ପକ୍ଷୀଙ୍କୁ ନିଜ ଗୋତ୍ର ସନ୍ଧକ ଭାବେ ମଧ୍ୟ ଗ୍ରହଣ କରିଥାନ୍ତି ।ଏମାନେ । ଉକ୍ତ ବୃକ୍ଷକୁ ଛେଦନ ନ କରି କରିବା ସହ ଏହାର ସଂରକ୍ଷଣ କରିବାରେ ଯତ୍ନଶୀଳ । ବହୁ ପ୍ରାଚୀନ ପ୍ରୋଟ-ଆଷ୍ଟ୍ରଲୋଏଡ ଜନଜାତିଙ୍କ ଦ୍ୱାରା ଜଗନ୍ନାଥ ମହେଞ୍ଜୋଦାର ଓ ବେବିଲୋନିଆ ସଭ୍ୟତା ପୂର୍ବରୁ ବୃକ୍ଷ (ଦାରୁ) ରୂପରେ ପୂଜିତ ହେଉ ଥିଲେ ।ପରବର୍ତ୍ତୀ କାଳରେ ଏହା ଦାରୁ ବା ବୃକ୍ଷର ଗଣ୍ଡି ଯାହାକୁ ମାଦଳ କୁହାଯାଇଛି । ଏହି ମାଦଳରେ କାଳକ୍ରମେ ଦୁଇ ଗୋଲାକାର ବଡ ଆଖି ଅଙ୍କନ କରାଯାଇ ମହାଶକ୍ତି

(Supreme Power) ଭାବେ ମାନ୍ୟତା ପ୍ରଦାନ କରାଯାଇଛି। ଏମାନେ ବହୁ ଆଦିମ କାଳରୁ ସର୍ବ ପ୍ରଥମେ ଜୀବନ୍ତ ବୃକ୍ଷକୁ ପୂଜା କରୁଥିଲେ । ତାହା କାଳକ୍ରମେ ଶୁଷ୍କ ହୋଇଯିବାପରେ ବି ପରମ୍ପରା ରକ୍ଷା କରି କାଠ ଗଣ୍ଡିକୁ ପୂଜା କଲେ । ଶୁଷ୍କ ଦାରୁ ପୂଜାର ପ୍ରାଚୀନତା ସମ୍ପର୍କରେ ଡ.ବେଣୀ ମାଧବ ପାଢୀ କହିଛନ୍ତି "ସିନ୍ଧୁ ସଭ୍ୟତା ପୂର୍ବରୁ ବୃକ୍ଷ ପୂଜା ବା ଦାରୁ ପୂଜା ଶବରମାନଙ୍କ ଦ୍ୱାରା ସମାହିତ ।ସିନ୍ଧୁ ସଭ୍ୟତା ପ୍ରତିଷ୍ଠା ପୂର୍ବରୁ ଆଦିବାସୀ ଶବର ସଂପ୍ରଦାୟ ଘୋର ଜଙ୍ଗଲକୁ ପଳାଇ ଆସି ବସତି ସ୍ଥାପନ କରିଥିଲେ। ଆଗନ୍ତୁକ ଆର୍ଯ୍ୟମାନଙ୍କର ଅତ୍ୟାଚାରରୁ ପରିତ୍ରାଣ ପାଇବା ସକାଶେ ପୂର୍ବ ଉପକୂଳ ସୀମାନ୍ତକୁ ନିରାପଦ, ବାସୋପଯୋଗୀ ସ୍ଥାନ ରୂପେ ବାଛି ନେଇଥିଲେ। ପ୍ରାଚୀନ ଚୀନ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ବୃକ୍ଷୋପସନା ଏବଂ ତାର ଅଂଶ ବିଶେଷ ଦାରୁ ପୂଜା ନିରୁଦବେଗରେ ସେଠାରେ ସମାହିତ କରି ଆସୁଥିଲେ । ଏମାନଙ୍କୁ ଅହେତୁବାଦୀ କୁହାଯାଉ ଥିଲା ।କାରଣ ସେମାନେ ପୁରାତନକୁ ତ୍ୟାଗ କରିବାକୁ କଦାପି ପ୍ରସ୍ତୁତ ନ ଥିଲେ । ଏହି କାରଣରୁ ପୁରାତନ କାଳରୁ ଉପାସିତ ହୋଇ ଆସୁଥିବା ବୃକ୍ଷଟି ଶୁଷ୍କ ହେଲେ ସୁଦ୍ଧା, ଏପରିକି ଶାଖା ପ୍ରଶାଖାହୀନ ହୋଇ ଦାରୁ ପାଲଟିଲେ ସୁଦ୍ଧା ତାକୁ ହି ଦେବତା ବୋଲି ପୂଜା କରି ଆସିଛି।" କାଳକ୍ରମେ ମଣିଷ ମଣିଷର ଚିନ୍ତାଧାରାର ଅଗ୍ରଗତି ସଙ୍ଗେ ସଙ୍ଗେ ଦେବତାଙ୍କ ସ୍ଥାନରେ ଦାରୁ, ଲାଠି,ଯୂପ,କାଷ୍ଠପ୍ରତିମା ପ୍ରଭୃତି ଦେ ଦେବ ପ୍ରତିନିଧି ଭାବେ ପୂଜା ପାଇବାରେ ଲାଗିଲା । ପରବର୍ତ୍ତୀ ସମୟରେ ଦେବତା ବୃକ୍ଷର ଗଣ୍ଡିସବୁ ଆକୃତି ବିଶିଷ୍ଟ ହୋଇ ଅତି ମାନୁଷ ଶକ୍ତି ସମ୍ପନ୍ନ ଦେବତା ବୋଲି ଉପାସିତ ହେଲେ । ଏହାକୁ ପରବର୍ତ୍ତୀ ପ୍ରତିମା ପୂଜାର ଆଦି ବୀଜ ବୋଲି କୁହାଯାଇପାରେ । ଦାରୁ ଜୀବନ ଧାରଣାର ଆଧାର ହୋଇଥିବାରୁ ସମଗ୍ର ବିଶ୍ୱରେ ଏହାକୁ ଦେବତାର ମାନ୍ୟତା ଦିଆ ଯାଇଛି । ବିଭିନ୍ନ ରୂପ ଓ ନାମରେ ଦାରୁ ଉପାସନା ପରମ୍ପରାକ୍ରମେ ପ୍ରାକ ଐତିହାସିକ ଯୁଗରୁ ପ୍ରଚଳିତ । ଏହା କେଉଁଠାରେ କ୍ଷୁଦ୍ର ପରମ୍ପରା (Little tradition) ତ ଅନ୍ୟ କେଉଁ ଠାରେ ମହାନ୍ ପରମ୍ପରାର (Great tradition) ରୂପ ନେଇଛି । ଉତ୍କଳର ଆଦିବାସୀଙ୍କ ଏହି ଦାରୁ ପୂଜା କ୍ଷୁଦ୍ର ପରମ୍ପରାରୁ ମହାନ୍ ପରମ୍ପରା ଦାରୁ ବ୍ରହ୍ମ ଶ୍ରୀ ଜଗନ୍ନାଥଙ୍କ ରୂପ ନେଇଛି ।

ଆଦିବାସୀମାନେ ନୂପ ଦେବତାଙ୍କ ପ୍ର ପ୍ରତୀକ ଭାବେ ନୂତନ ବସତି ସ୍ଥାପନ ବେଳେ ସର୍ବ ପ୍ରଥମେ ଗ୍ରାମ କାଠର ଏକ ସ୍ତମ୍ଭ ଓ ପଥର ଖଣ୍ଡେ ପୋତି ଥାନ୍ତି । କାଷ୍ଠ ସ୍ତମ୍ଭ କ୍ଷୟ ଓ ବିନାଶଶୀଳ ହେତୁ ଏକ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଏହାକୁ ପରିବର୍ତ୍ତନ କରି ନୂଆ ସ୍ତମ୍ଭ ସ୍ଥାପନ କରାଯାଏ ।ଏହାକୁ ଆଦିବାସୀ ମାନେ 'ଉଣ୍ଡୀ ଚପା' ବା ଦେବ ଦେବୀଇ ଦେବୀଙ୍କ ପୁନଃ ପ୍ରତିଷ୍ଠା କହିଥାନ୍ତି । ଅନୁ ଅନୁରୂପ ଭାବେ ଯୋଡା ଆଷାଢ ହ ପଡୁଥିବା ବର୍ଷରେ (ପ୍ରାୟ ବାରବର୍ଷରେ) ଶ୍ରୀ ଜୀଉମାନଙ୍କ ନବକଳେବର ବଳେବରରେ ବିଗ୍ରହ ପରିବର୍ତ୍ତନ କରାଯାଇଥାଏ । ଆଦି ଦିବାସୀମାନେ ନୂତନ ଗୃହ ଓ ବିବାହ ବେଦି ନିର୍ମାଣ ବେଳେ ଏପରିକି ବାଲିଯାତ୍ର ପାତ୍ରା,ଦଶହରା,ଚଇତ୍ରା ଆଦି ପୂଜା ପାର୍ବଣ ବେଳେ ସର୍ବ ପ୍ରଥମେ ଦେବତାଙ୍କ ପ୍ରତୀକ ଭାବେ ଏକ କାଠ ଖମ୍ବ ପୋତି ଦେବତା ଭାବେ ପୂଜା କରିଥାନ୍ତି । ଏହାକୁ 'ଦର୍ମ ଡେଲି' ବୋଲି କହିଥାନ୍ତି । ଅବିଭକ୍ତ କୋରାପୁଟ ଜିଲାରେ ପାଳିତ କୃଷିଭିତ୍ତିକ ପର୍ବ ବାଲିଯାତ୍ରାରେ ଉତ୍ତମ ବର୍ଷା ଓ ପ୍ରଚୁର ଫସଲ ସଲ ନିମନ୍ତେ ଦୁଇ ଖଣ୍ଡ କାଠ ଗଣ୍ଡିରେ ଆଖି, ନାକ କାନ, ପାଟି ଆଦି ଅଙ୍କନ କରି 'ଭୀମା ଭୀମାନୀ' (ଭୀମ ଓ ଭୀମଙ୍କ ସ୍ତ୍ରୀ) ନାମରେ ପୂଜା କରିବା ସହ ଉଭୟଙ୍କ ବିବାହ ମଧ୍ୟ କରିବା ପରମ୍ପରା ପ୍ରଚଳିତ । କନ୍ଧ ସମ୍ପ୍ରଦାୟରେ ଅନୁରୂପ ଭାବେ ଜାକିରି ପେନୁ, ତାନା ପେନୁ ଓ ମୁରବି ପେନୁଙ୍କ ପ୍ରତୀକ ଭାବେ ତିନୋଟି ଖୁଣ୍ଟ ପୋତି ପୂଜା କରିଥାନ୍ତି ।ଦୁଇ ପୁରୁଷ ଦେବତା ମଧ୍ୟରେ ଜାକିରି ହେଉଛନ୍ତି ଗ୍ରାମଦେବୀ, ଏହି ତିନି ଦେବଦେବୀଙ୍କୁ ଜଗନ୍ନାଥ,ସୁଭଦ୍ରା ଓ ବଳଭଦ୍ରଙ୍କ ପ୍ରତୀକ ବୋଲି କୁହାଯାଏ । କନ୍ଧମାନେ ମେରିଆ ଦେବତାଙ୍କ ପ୍ରତୀକ ଭାବେ ଦୁଇ ଖଣ୍ଡ କାଠକୁ

ଗ୍ରାମ ଦାଣ୍ଡରେ ମେରିଆ ଖୁଣ୍ଟ ଭାବେ ପୋତି ପୂଜା କରିଥାନ୍ତି । ଆଦିମ ମଣିଷର ଏହି କାଷ୍ଠ ସ୍ତମ୍ଭ (ଶୁଷ୍କ ଦାରୁ) ପୂଜା ପରବର୍ତ୍ତୀ ସମୟରେ ଭାରତର ଅନ୍ୟ ସମ୍ପ୍ରଦାୟଙ୍କ ଧର୍ମ ଧାରାକୁ ପ୍ରଭାବିତ କରିଛି । କୋରପୁଟର ବୈପାରିଗୁଡା ଠାରେ ପୂଜା ପାଉଥିବା ଭୂମିଆ ଆଦିବାସୀଙ୍କ ବୀର ଖମ୍ବ ଦେବୀ ଓ ଓଡିଶାର କେତେକ ଅଞ୍ଚଳରେ ଖମ୍ବେଶ୍ୱରୀଙ୍କ ପୂଜା ସ୍ତମ୍ଭ ଉପାସନାର ପ୍ରତୀକ । ଆଦିବାସୀଙ୍କ ଏହି ସ୍ତମ୍ଭ ଉପାସନାରୁ ଜଗନ୍ନାଥଙ୍କ ଦାରୁ ବିଗ୍ରହ ଉପାସନାର ଉଦ୍ଭବ ଘଟିଛି ବୋଲି କୁହାଯାଇ ପାରେ ।

ଦେବୀ ସ୍ତମ୍ଭେଶ୍ୱରୀ ବା ଦନ୍ତେଶ୍ୱରଙ୍କୁ ଇଷ୍ଟଦେବୀ ଭାବେ ପରଜା ଜନଜାତିଙ୍କ ସମେତ ଅନ୍ୟାନ୍ୟ ଆଦିବାସୀ ଗୋଷ୍ଠୀ ଉପାସନା କରିଥାନ୍ତି । ଏହି ଦେବୀ ପରବର୍ତ୍ତୀ କାଳରେ ଛତିଶଗଡର ବସ୍ତର ରାଜାଙ୍କ ଇଷ୍ଟ ଦେବୀ ଭାବେ ପୂଜିତ ହୋଇଥିଲେ । ଗବେଷକ ଗଣେଶ ପ୍ରସାଦ ପରିଜାଙ୍କ ମତରେ ସମ୍ଭବତଃ ଏହି ଦେବୀ ଦାରୁବ୍ରହ୍ମ ଉପସନାର ପ୍ରତୀକ ବୋଲି ଅନୁମେୟ । ତାଙ୍କ ମତରେ "ଏହି ଦନ୍ତେଶ୍ୱରୀ ବା ସ୍ତମ୍ଭେଶ୍ୱରୀ ପରବର୍ତ୍ତୀ କାଳରେ ବିଭିନ୍ନ ନାମ ନେଇ ଆରାଧିତା ହେଲେ,ଏପରିକି ଓଡିଶାର ପ୍ରସିଦ୍ଧ ଦେବତା ଶ୍ରୀଜଗନ୍ନାଥ ଏହି ସ୍ତମ୍ଭେଶ୍ୱରୀ ବା ଦନ୍ତେଶ୍ୱରୀ ପୂଜାରୁ ଉଦ୍ଭବ ବୋଲି ଧାରଣା କରାଯାଏ । ଖୁବ ସମ୍ଭବତଃ ଶ୍ରୀ ଜଗନ୍ନାଥ ପ୍ରଥମେ ମହୁଲ କାଠରେ ନିର୍ମିତ ହେଉଥିଲେ, ପରେ ନିମ୍ବ ଦାରୁର ଆବଶ୍ୟକତା ହେଲା । ଅନେକଙ୍କ ମତ ଯେ ଦେବୀ ସୁଭଦ୍ରା ଆଦିବାସୀଙ୍କ ସ୍ତମ୍ଭେଶ୍ୱରୀଙ୍କ ପ୍ରତୀକ ଭାବେ ବଡ ଦେଉଳରେ ପୂଜା ପାଇ ଆସୁଛନ୍ତି ।ପୁନଶ୍ଚ ଖଡିଆ ଓ ସୌରାମାନେ 'ବଦାମ୍ 'ବା 'ବଳାମ୍' ନାମରେ ଯେଉଁ ଦେବତାଙ୍କୁ ପୂଜା କରିଥାନ୍ତି ତାହା ପରବର୍ତ୍ତୀ କାଳରେ ବଳଭଦ୍ର ଭାବେ ଶ୍ରୀକ୍ଷେତ୍ରରେ ପୂଜିତ ହୋଇଛନ୍ତି ।

କେତେକ ଗବେଷକଙ୍କ ମତରେ ଶ୍ରୀ ଜଗନ୍ନାଥ ପ୍ରଥମେ ନାରାୟଣ ରୂପେ ପୂଜିତ ହେଉଥିଲେ ସ୍କନ୍ଦ ପୁରାଣ ମୁଖ ଲିଙ୍ଗ ମାହାତ୍ମ୍ୟରେ ଶବର ରାଜା ଓ କଥା ସରିତ ସାଗରରେ ମାୟା ବଟୁ ଶବର ରାଜାଙ୍କ ଆଖ୍ୟାନ ରହିଛି ସାରଳା ଦାସଙ୍କ ମହାଭାରତର ଆଦି ପର୍ବରେ ସତ୍ୟ ଯୁଗରେ ନାରାୟଣ ଶବର ଙ୍କ ଦ୍ବରା ପୂଜିତ ହୋଇଥିଲେ ସେ ବିଧୂପତି ଶବରର କନ୍ୟା କୁ ବିବାହ କରି ଶବରୀ ନାରାୟଣ ରୂପେ ପରିଚିତ ଏ ସମ୍ପର୍କରେ କବି ଲେଖୁଛନ୍ତି: "ବିଧୂ ପତି ନାମେ ଥୁଲା ଏକଇ ଶବର ଶ୍ରୀୟା ନାମ୍ନୀ ବୋଲି କରି ଦୁହିତା ତାହାର । ସେହି ଶାବରୀକୁ ମୁହିଁ ହୋଇ ଅଛି ବିଭା ଶ୍ରୀ ଶବରୀ ନାରାୟଣ ରୂପେ ହେଲି ଶୋଭା।" ଗବେଷକ ଆର୍ . ଭି. ରସେଲ୍, ରାୟ ବାହାଦୁର ହିରାଲାଲ,ଭି,ଭି.ମିର୍ଦ୍ଧି, ଗୋପୀନାଥ ମହାପାତ୍ର,ଜିତାମିତ୍ର ପ୍ରସାଦ ସିଂହ ଦେବ, ଆଚ,ଡି, ଶଙ୍କାରିଆ ପ୍ରମୁଖ ଜଗନ୍ନାଥ ପ୍ରଥମେ ବର୍ତ୍ତମାନର ଛତିଶ ଗଡ ରାଜ୍ୟର ଶବରୀ ନାରାୟଣ ଠାରେ ଜନୈକ ଶବର ଆଦିବାସୀଙ୍କ ଦ୍ୱାରା ପୂଜା ପାଉଥିଲେ ।ଗବେଷକ ଜିତାମିତ୍ର ପ୍ରସାଦ ସିଂହ ଦେବ ଙ୍କ ମତରେ, "The site of Sabarinarayana is situated within a distance of about three miles from the confluence of the river Junk and the Mahanadi As the site is situated at the upstream of the Mahanadi the civilization might have progressed through the course this rever to the costal regions of Orissa from the far away hinterland of Madhyabharat." ଶବରୀ ନାରାୟଣଙ୍କ ଆସ୍ଥାନ ମହାନଦୀର ଉପକୂଳ ବର୍ଷୀ ଦୂରଭେଦୀ ଆଞ୍ଚଳ ଯାହାକି ଯୋଙ୍କ୍ ଓ ମହାନଦୀର ତିନି ମାଇଲ ଦୂରରେ ରହିଛି । ମହାନଦୀ ଓଡିଶାର ଧର୍ମ,ସଂସ୍କୃତି ଓ ଅର୍ଥନୀତିର ବାହକ ରୂପେ ପଶ୍ଚିମ ଓଡିଶା ମଧ୍ୟ ଦେଇ ବହି ଆସି ପୂର୍ବ ଉପକୂଳ ଅଞ୍ଚଳଗୁଡିକୁ ଯୁଗେ ଯୁଗେ ପ୍ରଭାବିତ କରି ଆସିଛି । ପଶ୍ଚିମ ଓଡିଶାର ମହାନଦୀ ଅବବାହିକାରେ ପୂଜିତ ଶବରୀ ନାରାୟଣଙ୍କ

ପରବର୍ତ୍ତିତ ରୂପ ନୀଳମାଧବ ବୋଲି କେତେକ ଗବେଷକ ମତ ପ୍ରଦାନ କରିଥାନ୍ତି । କିନ୍ତୁ ଗବେଷକ ଡ.ସତ୍ୟ ନାରାୟଣ ରାଜ ଗୁରୁ ଓ ବେଣୀ ମାଧବ ପାଧୀଙ୍କ ମତରେ ମହେନ୍ଦ୍ର ଗିରି ଅଞ୍ଚଳରେ କେଉଁ ଆଦିମ କାଳରୁ ବସବାସ କରୁଥିବା ଶବର ମାନଙ୍କ ପୂଜିତ ଦାରୁ ବିଗ୍ରହ ପରବର୍ତ୍ତୀ କାଳରେ ହିନ୍ଦୁ ମାନଙ୍କ ଆରାଧ୍ୟ ଦେବ ଦାରୁ ବ୍ରହ୍ମ ଜଗାନ୍ନାଥ ରୂପେ ପରବର୍ତ୍ତୀ କାଳରେ ପୂଜିତ ହୋଇ ଥିଲେ । ଡ. ବେଣୀ ମାଧବ ପାଢୀନାକ ନିର୍ଦ୍ଧାରଣ ରଣ ଅନୁଯାୟୀ "ଗଞ୍ଜାମ ଓ କୋରାପୁଟ ଜିଲାର ଆଦି ।।ଦିମ ଜନଜାତି ଶବରମାନେ ଏକ ବୃକ୍ଷ ଦେବତାଙ୍କୁ ପୂଜା କରିଥାନ୍ତି ।ଏହି ମୂଳରେ କାଷ୍ଠ ନିର୍ମିତ 'କିତୁଙ୍ଗ୍' ନାମକ ଦେ କିତୁଙ୍ଗ୍ ଙ୍କ ଅନ୍ୟ ନାମ ହେଉଛି 'ଜଗନ୍ତ' ।ଏମାନେ ମଧ୍ୟ ଜଗନ୍ନାଥଙ୍କୁ 'ଜଗାନ ଗାନାଏଲୋ' ବୋଲି ସମ୍ବୋଧନ କରୁଥିଲେ ।"ଜଗନ୍ନାଥ" ଶବ୍ଦଟି ସଉରା ଶବ୍ଦ 'ଜଗନ୍'ର ସଂସ୍କୃତ ରୂପ ।ସଉରାମ ଉରାମାନଙ୍କ କାଷ୍ଠ ନିର୍ମିତ ଜଗନ୍ତ ଉପାସନା ହିଁ ପର ପରବର୍ତ୍ତୀ କାଳରେ ଶ୍ରୀ ଜଗନ୍ନାଥ ଗନ୍ନାଥ ଦାରୁ ବ୍ରହ୍ମ ଉ ଉପାସନା ।ରେ ରୂପାନ୍ତରିତ ହୋଇଛି ଇଛି" । ଡ.ରାଜଗୁରୁ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ "ମହେନ୍ଦ୍ର ଗିରି ନିକଟସ୍ଥ କଟସ୍ଥ ବାରଘର ଘର ଗ୍ରାମର ଶବରମାନେ ସମଗ୍ର ଓଡିଶା ଶା ତଥା ଓଡିଶା ବାହାରକୁ ଯାଇ ବସବାସ କରନ୍ତି । ସେମାନେ ହିଁ ଶ୍ରୀବିଗ୍ରହର ପୂଜକ ଜାରା ଶବର ଆଦିମ ଅଧିବାସୀ। ସେମାନେ ହିଁ ପୃଥିବୀର ଆଦି ମାନବ ଅଟନ୍ତି । ଦିମାନବ ରୂପୀ ହସ୍ତ ପଦ ଅଦ୍ୟପି ସେମାନେ ହିଁ ପ୍ରକୃତ ପୂଜକ ଅଟନ୍ତି । ଆଦିମା ସଂସ୍କୃ ସ୍କାର ବିହୀନ ଆଦି ପୁରୁଷ ଜଗନ୍ନାଥ ନ୍ନାଥ ସନାତନ ସାରଥି ଅଟନ୍ତି "।

ଶବରଙ୍କ ସମେତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଗଣ୍ଡ, ପରଜା, କନ୍ଧ, ଲୋଧା,ଭୂମିଆ, ଭତରା, ଜୁଆଙ୍ଗ, ଭୂୟାଁ, ପ୍ରମୁଖ ଆଦିବାସୀ ସମ୍ପ୍ରଦାୟରେ ବହୁମିଥ୍, ଗୀତ, ଲୋକକଥା, କିମ୍ବଦନ୍ତୀ, ପ୍ରବାଦ, ପ୍ରବଚନ ଆଦି ଲୋକମୁଖରେ ପ୍ରଚଳିତ । ନିର୍ବିଘ୍ନରେ ଗୀତ ଗାନ କରିବା ନିମନ୍ତେ ଚଇତ ଗୀତର ମଙ୍ଗଳାଚରଣରେ କୋରାପୁଟର ଗୀତ କୁଡିଆମାନେ ଦେଶିଆ ଭାଷାରେ ଦେବଦେବୀଙ୍କୁ ବନ୍ଦନା କରି ଗାଇଥାନ୍ତି "ଏତେ ବୁଦିମତ ଟୁଟା ଜଗନାତ ଓଡିଶାରେ ଏଲା ଜାତ, ତାକର ନାମ ଦାରି ଗୀତ୍ ମୁଇ ଗାଇବି କେନେ ପିଟାଇବି ନାହିଁ।" ଅର୍ଥାତ, ଜଗନ୍ନାଥ ଭାରି ବୁଦ୍ଧିମାନ, ସେ ଖଣ୍ଡିଆ ହୋଇ ଓଡିଶାରେ ଜନ୍ମ ହେଲେ । ତାଙ୍କର ନାମ ଧରି ମୁଁ ଗୀତ ଗାଇବି । ମୋର କୋଣସି ତୃଟି ହେବ ନାହିଁ । ସଉରା ଭାଷାରେ ଜଗନ୍ନାଥଙ୍କ ମୂର୍ତ୍ତିକୁ ନେଇ ପ୍ରଚଳିତ ପହେଳି ବା ଧନ୍ଦାଟି ହେଉଛି : "ଆମା ଡ଼ାନ୍ ତେଡେର୍ ଆସିନ୍ ଡୁଇବା "। ଅର୍ଥାତ, ଆଖୁ ଗୋଲ ହାତ ଛୋଟ । (ଉତ୍ତର : ଜଗନ୍ନାଥ) ଆଦିବାସୀଙ୍କ ମୌଖିକ ପରମ୍ପରାରେ ଏହିପରି ବହୁ ଗୀତ, କାହାଣୀ, ଲୋକୋକ୍ତି, ମିଥ୍, ଜନଶ୍ରୁତି ଆଦି ପ୍ରଚଳିତ। ସଉରା ଜନଗୋଷ୍ଠୀଙ୍କ ସମାଜରେ ଜଗନ୍ନାଥଙ୍କୁ କେନ୍ଦ୍ରକରି କେତେକ, ଜନଶ୍ରୁତି ଓ କାହାଣୀ ପ୍ରଚଳିତ । ତନ୍ମଧ୍ୟରୁ ଦୁଇଟି ଜନଶ୍ରୁତିରେ ବିଶ୍ୱାବସୁ ଶବରଙ୍କ ପୂଜିତ ଦେବତାଙ୍କୁ କୌଶଳ କ୍ରମେ ବ୍ରାହ୍ମଣ ଯୁବକ ବିଦ୍ୟାପତି ସନ୍ଧାନ କରି ଶ୍ରୀକ୍ଷେତ୍ର ନେଇଯିବା ପ୍ରସଙ୍ଗ ଉଲ୍ଲେଖ ରହିଛି । ପ୍ରଥମ ପ୍ରସଙ୍ଗଟି ଏହିପରି, ଶବର ରାଜା ବିଶ୍ୱାବସୁ ଘଞ୍ଚ ଜଙ୍ଗଲ ମଧ୍ୟରେ ନିମ୍ବ,ବାଉଁଶ,ଓ ଶିଆଳି ଲଟା ପରିବେଷ୍ଟିତ ଏକ ଝରଣା କୂଳରେ ତାଙ୍କ ଆରାଧ୍ୟ ଦେବତାଙ୍କୁ ପୂଜା କରୁଥିଲେ । ଏହି ଦେବତାଙ୍କ ସର୍ତ୍ତ ଥିଲା ଯେ ବିଶ୍ୱାବସୁଙ୍କ ବ୍ୟତୀତ ଅନ୍ୟ କେହି ତାଙ୍କୁ ଦର୍ଶନ କଲେ ସେ ଅନ୍ତର୍ଧ୍ୟାନ ହୋଇଯିବେ ।

ପୁରୀର ରାଜା ଏକ ସୁନ୍ଦର ମନ୍ଦିର ଗଢାଇଲେ । ଏହି ମନ୍ଦିରରେ ପୂଜା ନିମନ୍ତେ ଉପଯୁକ୍ତ ଏକ ବିଗ୍ରହକୁ ଖୋଜି ଆଣିବା ପାଇଁ ପୁରସ୍କାର ଘୋଷଣା କଲେ ।ପୁରସ୍କାର ଆଶାରେ ବିଦ୍ୟାପତି ନାମକ ଜଣେ ବ୍ରାହ୍ମଣ ଯୁବକ ବିଗ୍ରହ ସନ୍ଧାନରେ ବାହାରିଲେ ।ସେ ଅନେକ ସ୍ଥାନ ବୁଲି ବୁଲି ବିଶ୍ୱାବସୁ ଶବରଙ୍କ ଶବର ପଲ୍ଲୀରେ ପହଞ୍ଚିଲେ । ସେ କିଛି ଦିନ ଶବର ରାଜାଙ୍କ ଘରେ ରହି ଘଞ୍ଚ ଜଙ୍ଗଲ ମଧ୍ୟରେ ବିଶ୍ୱାବସୁ କୌଣସି ଏକ ଦେବତାଙ୍କୁ ପୂଜା କରୁଥିବା ଜାଣିବାକୁ ପାଇଲେ ।ସେ ବିଶ୍ୱାବସୁଙ୍କ ଏକ

ମାତ୍ର ଅଲିଅଳି କନ୍ୟା ଲଳିତାକୁ ପ୍ରେମ ଜାଲରେ ଫସାଇ ଦେବତାଙ୍କ ଠିକଣା ପାଇବା ପାଇଁ ଲାଗି ପଡିଲେ । ବିଶ୍ୱାବସୁ ଦୈନିକ କେଉଁ ଦେବତାଙ୍କୁ ପୂଜା କରିବାକୁ ଯାଉଛନ୍ତି, ସେଇ ଦେବତାଙ୍କୁ ଦର୍ଶନ କରିବାକୁ ତାଙ୍କ ଏକାନ୍ତ ଅଭିଳାଷ ବୋଲି ଲଳିତାଙ୍କୁ ନିଜ ମନ କଥା ଜଣାଇଲେ । ଲଳିତା ନିଜ ହୃଦୟରେ ବିଦ୍ୟାପତିଙ୍କୁ ସ୍ଥାନ ଦେଇ ଖୁବ ଭଲ ପାଉଥିବା ଥିବାରୁ ସେ ବିଦ୍ୟାପତିକୁ ଦେବତାଙ୍କ ଦର୍ଶନ କରାଇବାକୁ ପାଇଁ ବା ବାପାଙ୍କୁ ଅଳି କଲେ । ନିଜ ଅଲିଆଳି କନ୍ୟାର ଅନୁରୋଧକୁ ରକ୍ଷାକାରୀ ବିଶ୍ୱାବସୁ ନିଜ ଝିଅ ଝିଅ ଓ ଜୋଇଁଙ୍କ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ଦେବତାଙ୍କ ପାଖକୁ ନେଇ ଦର୍ଶନ କରାଇ ଇଲେ । ଚତୁର ବିଦ୍ୟାପତି ନିଜ ଗମଛା କାନିରେ କିଛି ସୋରିଷ ବାନ୍ଧି କୌଶଳରେ ଶଳରେ ବାଟ ସାରା ବିଞ୍ଚି ଦେଇଥିଲେ । ସେ ଦେବତାଙ୍କ ସନ୍ଧାନ ପାଇଥିବା ବିଷୟ ରାଜାଙ୍କୁ ଜଣାଇବାରୁ ରାଜା ବିଗ୍ରହ ନେବାକୁ ଶବର ପଲ୍ଲୀରେ ପହଞ୍ଚିଲେ । ସେ ବାଟରେ ବିଞ୍ଚି ଥିବା ସୋହି ସୋରିଷ କିଛି ଦିନ ପରେ ବର୍ଷା ହେବାରୁ ଅଙ୍କୁରିତ ହେଲା । ଅଙ୍କୁରିତ ସୋରିଷ ଗଛକୁ ଅନୁସରଣ କରି ବିଦ୍ୟାପତି ରାଜାଙ୍କୁ ନେଇ ଘଞ୍ଚ ଜଙ୍ଗଲରେ ଶବର ରାଜାଙ୍କ ପୂଜିତ ଦେବତାଙ୍କ ପାଖରେ ପହଞ୍ଚିଲେ । କିନ୍ତୁ,ସତକୁ ସତ ବିଶ୍ୱାବସୁ ସର୍ଭଭଙ୍ଗ କରିଥିବାରୁ ଯେଉଁ ସ୍ଥାନରେ ଦେବତା ପୂଜା ପାଉଥିଲେ ସେଠାରେ ର ସେ ନ ଥିଲେ । ରାଜା ଓ କର୍ମଚାରୀମାନେ ବହୁତ ଖୋଜା ଖୋଜି ପରେ ଘଞ୍ଚ ଜଙ୍ଗଲ ମଧ୍ୟରେ ଏକ ନିମ୍ବ ଗଛର ଗଣ୍ଡି ମଧ୍ୟରେ ଦେବତା ରହିଥିବା ଦେଖିବାକୁ ପାଇଲେ । ବିରାଟ ନିମ୍ବ ବୃକ୍ଷଟିକୁ ତିନି ଖଣ୍ଡ କରି କାଟି ଦେଇ ପୁରୀ ନେବାପାଇଁ ଉଦ୍ୟମ କଲେ । କିନ୍ତୁ ସେ ସମୟରେ ସ୍ୱର୍ଗ ବାଣୀ ହେଲା ଯେ ଏହି ତିନି ଖଣ୍ଡ ଦାରୁକୁ ତୁମେ ନେଇ ପାରିବ ନାହି । ଏହା ପୁରୀ ସମୁଦ୍ର ମୁହାଣରେ ଯାଇ ଲାଗିବ । ଏହା ଶୁଣି ରାଜା ନିଜ ଉଆସକୁ ଫେରିଗଲେ ।

କିଛି ଦିନପରେ ସେହି ତିନି ଖଣ୍ଡ ନିମ୍ବ କାଷ୍ଠ ଗଣ୍ଡି ଥିବା ସ୍ଥାନରେ ତିନୋଟି ଜଳଧାରା ସୃଷ୍ଟି ହୋଇ ଗଣ୍ଡି ତିନୋଟିକୁ ସମୁଦ୍ରକୁ ଭସାଇ ନେଇ ଗଲା ।ତିନି କାଠ ଗଣ୍ଡି ଯାଇ ସମୁଦ୍ରରେ ଭାସି ଭାସି ଯାଇ ମୁହାଣରେ ଲାଗିଲା । ରାଜା ସେହି ତିନି ନିମ୍ବ କାଠ ଗଣ୍ଡିକୁ ନେଇ ବିଶ୍ୱକର୍ମାଙ୍କ ଦ୍ୱାରା ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କ ତିନୋଟି ମୂର୍ତ୍ତି ନିର୍ମାଣ କରାଇ ପୂଜା କଲେ । ଉପରୋକ୍ତ ସଉରା ଜନଶ୍ରୁତି ସହ ବିଭିନ୍ନ ପୁରାଣରେ ବର୍ଣ୍ଣିତ ସମୁଦ୍ର ମୁହାଣରେ ଦାରୁ ଭାସିବା ଓ ସେହି ଦାରୁରୁ ବିଶ୍ୱକର୍ମାଙ୍କ ଦ୍ୱାରା ତିନି ମୂର୍ତ୍ତି ନିର୍ମାଣ ହେବା ପ୍ରସଙ୍ଗର ବିଶେଷ ସାମଞ୍ଜସ୍ୟ ରହିଛି।

ସଉରାଙ୍କ ଅନ୍ୟ ଏକ ଜନଶ୍ରୁତିରେ ଶବର ରାଜା ବିଶ୍ୱାବସୁଙ୍କ କନ୍ୟା ଲଳିତା ନିଜ ପ୍ରାଣ ପ୍ରିୟ ବିଦ୍ୟାପତିଙ୍କ ଦେବତା ଦର୍ଶନ କରିବାର ଇଚ୍ଛାକୁ ନିଜ ପିତାଙ୍କୁ ଅଳି କରି ପୂରଣ କରିଥିଲେ । ପୂର୍ବ ବର୍ଣ୍ଣିତ ସୋରିଷ ବିଞ୍ଚି ରାସ୍ତା ଜାଣି ବିଦ୍ୟାପତି ରାଜାଙ୍କୁ ନେଇ ଶବର ଦେବତାଙ୍କ ଆସ୍ଥାନ ପାଖରେ ପହଞ୍ଚାଇବା,ଶବର ରାଜା ପୂଜିତ ନୀଳ ମାଧବ ଅନ୍ତର୍ଦ୍ଧାନ ହୋଇ ଯାଇଥିବା ଦେଖି ରାଜା ମନ ଦୁଃଖରେ ନିଜ ଉଆସକୁ ଫେରି ଯିବା ବିଷୟ ବର୍ଣ୍ଣିତ । । ଏହାପରେ ସଉରାମାନେ ସେମାନଙ୍କ ଆରାଧ୍ୟ ଦେବତାଙ୍କୁ ନ ପାଇ ବିଭିନ୍ନ ଦଳ ହୋଇ ଚାରି ଦିଗକୁ ଯାଇ ଖୋଜିବାକୁ ଲାଗିଲେ ।ବହୁ ଖୋଜାଖୋଜି ପରେ କ୍ଳାନ୍ତ ଓ ବିରକ୍ତ ହୋଇ ଶ୍ରମ ଲାଘବ ଓ ପରସ୍ପରକୁ ସଂକେତ ମାଧ୍ୟମରେ ଜଣାଇବା ପାଇଁ କିଛି ବାଦ୍ୟଯନ୍ତ୍ର ତିଆରି କରି ବାଦନ କଲେ । ଏମାନେ ସର୍ବ ପ୍ରଥମେ ଯେଉଁ ବାଦ୍ୟଟି ତିଆରି କଲେ ତାହା ଜଗନ୍ନାଥଙ୍କ ଆଖି ପରି ଗୋଲାକୃତି କାଦିମ ଢାମ୍ପ ବା ଚାଙ୍ଗୁ ବୋଲି ଏହି ଜନଶ୍ରୁତିରେ ରହିଛି । ସଉରାମାନେ କହନ୍ତି ଯେ ଜଗନ୍ନାଥଙ୍କ ଆଖି ଗୋଲାକାର ହୋଇ ଥିବାରୁ ସେମାନଙ୍କ ବ୍ୟବହୃତ ଅଧିକାଂଶ ବାଧ୍ୟଯନ୍ତ୍ର ଯଥା: ଟମକ,ଢୋଲ,ମହୁରିର ମୁଖ, କଂସା, ଥାଳି ଗୁଡିକର ଆକାର ଅନୁରୂପ ଗୋଲାକୃତି ।ଏପରିକି ଏମାନଙ୍କ ବିଭିନ୍ନ ଅଳଙ୍କାର, 'ଇଡିତାଲ୍' (କାନ୍ଥ ଚିତ୍ର) ଓ ବିବାହ ବେଦି ବର୍ଗାକାର ନ ହୋଇ ଗୋଲାକାର ହୋଇ ଥାଏ ।

ସୌରାମାନେ ରୋଗ ଶୋକ, ଆପଦ ବିପଦରୁ ରକ୍ଷା, ମଙ୍ଗଳ କାମନା ନିମନ୍ତେ 'କୁ ଡା ନ୍' (ପୂଜକ)କୁ ଡାକି ଘର ଭିତର କାନ୍ଥ ରେ ଚିତ୍ର ଅଙ୍କନ କରି ଦେବତାଙ୍କୁ ପୂଜା ମାଧ୍ୟମରେ ସନ୍ତୋଷ ବିଧାନ କରିଥାନ୍ତି । ଜଗନ୍ନାଥଙ୍କ ଦାରୁ ବିଗ୍ରହ ପ୍ରତୀକାତ୍ମକ ହୋଇ ଥିବାରୁ ଏମାନଙ୍କ ମନୁଷ୍ୟ ଚିତ୍ରରେ ଆଖି, କାନ, ପାଟି, ନାକ,ଆଙ୍ଗୁଠି ଆଦି କେବଳ ଛାୟା ଚିତ୍ରରେ ପ୍ରତୀକାତ୍ମକ ଭାବେ ଦର୍ଶା ଯାଇଥାଏ । ସୌରାଙ୍କ ଚିତ୍ରରେ ମଣିଷ ମୁଣ୍ଡକୁ ବଡ ବିନ୍ଦୁ ଦ୍ୱାରା, ହାତ ଗୋଡ ଗୁଡିକୁ ରେଖା ଦ୍ୱାରା ଅଙ୍କନ କରାଯାଇଥାଏ । ଏତଦବ୍ୟତୀତ ସଉରା ମାନଙ୍କ ତେନାଙ୍ଗର (କାଠ ତିଆରି ଗୋଲାକାର କାନ ଅଳଙ୍କାର)ସାରଦା ବୋଇଟାଙ୍ଗ (ମୋଟା ଗୋଲା କାର ହାର)ଆନାଙ୍ଗୁଲ,(ମୋଟା ତାରରେ ତିଆରିଗୋଲାକାର ମାଳୀ) ଦୋଇଡୋର ଲୁଡ,କାସୁମ ଡାକଡ଼ା ଗୋଲାକାର ଖଡୁ ଓ ଅନ୍ୟା ସମ୍ପ୍ରଦାୟଙ୍କ କାଗଲା (ମୋଟା ଗୋଲାକାର ରସ ବଳା) ପ୍ରଭୃତି ଅଳଙ୍କାର ଅଧିକାଂଶ ଜଗନ୍ନାଥଙ୍କ ଆଖି ପରି ଗୋଲାକାର ହୋଇଛି ବୋଲି ଏମାନେ କହିଥାନ୍ତି ।

ଆଦିମ ଆଦିବାସୀଙ୍କ ଦାରୁ ପୂଜାରୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମ ଉପାସନାର ଉଦ୍ଭବ ସମ୍ପର୍କରେ କେତେକ ମିଥ୍, ଜନଶ୍ରୁତି ଓ ଲୋକ କଥା ପ୍ରଚଳିତ । ଏଠାରେ ଗଣ୍ଡ ସମ୍ପ୍ରଦାୟରେ ପ୍ରଚଳିତ ଜ ଜଗନ୍ନାଥଙ୍କ ଅଧାଗଢା କଳେବର ସମ୍ପର୍କରେ ଏକ ମିଥ୍ ର ଅବତାରଣା କରାଯାଉଛି । ଉକ୍ତ ମିଥ୍ ରେ ଶ୍ରୀ ଜଗନ୍ନାଥ ମୂଳତଃ ଗଣ୍ଡ ଜନ ଜାତିର ଦେବତା ଭାବେ ବର୍ଣ୍ଣିତ । । ଆଦିବାସୀ ଗଣ୍ଡ ସମ୍ପ୍ରଦାୟଙ୍କ ମିଥ୍ ଟି ଏହିପରି : ବିଦ୍ୟାନାଥ ନାମକ ଜଣେ ବ୍ରାହ୍ମଣ ଯୁବକ କୌଶଳ କରି ଗଣ୍ଡ ମାନଙ୍କ ପୂଜିତ ଦାରୁ ଦେବତାଙ୍କୁ ଶ୍ରୀକ୍ଷେତ୍ରକୁ ନେଇଯିବା ପରେ ଏମାନଙ୍କ ରାଜାଙ୍କ ସମେତ ବହୁ ଗଣ୍ଡ ଲୋକ ଶ୍ରୀକ୍ଷେତ୍ର ଯାଇ ଅନ୍ନ ଜଳ ସ୍ପର୍ଶ ନ କରି ମହାପ୍ରଭୁଙ୍କ ଠାରେ ଅଧିଆ ପଡିଥିଲେ ।ତାଙ୍କ ପୂଜିତ ମହାପ୍ରଭୁଙ୍କୁ ଫେରି ଆସିବାକୁ ଆକୁଳ ପ୍ରାର୍ଥନା କରିଥିଲେ । ମହାପ୍ରଭୁ ସେମାନଙ୍କ ଆକୁଳ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ କହିଲେ "ବିଦ୍ୟାପତି ମୋତେ ସଂପୂର୍ଣ ଆଣି ପାରି ନାହିଁ । ମୋର ଜଙ୍ଘ ଠାରୁ ଉପରିଭାଗ ଏଠାରେ ପୂଜା ପାଇବ ଓ ଜଙ୍ଘରୁ ପାଦ ଯାଏଁ ତୁମେ ପୂଜା କର।" ମହାପ୍ରଭୁଙ୍କ ଏହି ଅଭୟ ବାଣୀ ଶୁଣି ଗଣ୍ଡମାନେ ନିଜ ଅଞ୍ଚଳକୁ ଫେରି ଆସି ସେହି ଦିନ ଠାରୁ କୃଷ୍ଣ କାଠରେ ନିର୍ମିତ ଦୁଇ ଖଣ୍ଡ ଜଙ୍ଘାକୃତି ସ୍ତମ୍ଭକୁ 'ଜଙ୍ଘ ବା ଜଙ୍ଗା ଦେବ' ନାମରେ ନିଜ ଇଷ୍ଟ ଦେବତାଙ୍କୁ ପୂଜା କରି ଆସୁଛନ୍ତି ଏବଂ ବଡଦେଉଳରେ ଶ୍ରୀଜଗନ୍ନାଥଙ୍କ ପଦବିହୀନ ଖଣ୍ଡିଆ ଦାରୁ ବିଗ୍ରହ ପୂଜିତ ହେଉଛନ୍ତି ।

ଓଡିଶାର ବିଭିନ୍ନ ଆଦିବାସୀ ଜନଗୋଷ୍ଠିଙ୍କ ଗ୍ରାମରେ ଜଙ୍ଗଦେବ/ଜଙ୍ଗା ଦେବଙ୍କ ମନ୍ଦିର ରହିଛି ।ଅନୁଗୋଳ ଜିଲ୍ଲାର ଠାକୁରଗଡ ଥାନା ଅନ୍ତର୍ଗତ ଆମ୍ବରସଗୁଡା ଗ୍ରାମରେ ଗତ ତା:୧୪-୦୧-୨୦୨୪ରିଖରେ ଓଡିଶାର ମାନ୍ୟବର ରାଜ୍ୟପାଳ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଉପସ୍ଥିତିରେ ଜଙ୍ଗା ଦେବ'ଙ୍କ ଏକ ନବ ନିର୍ମିତ ମନ୍ଦିରଟିର ପ୍ରତିଷ୍ଠା ହୋଇ ଥିବା ଜଣା ଯାଏ । (ଦୈନିକ ସମାଜ, ୧୫ -୦୧ -୨୦୨୪) ନବରଂଗପୁରର ରାଇଘର ଓ ସୀମାନ୍ତ ଛତିଶଗଡ ଅଞ୍ଚଳରେ ବାସ କରୁଥିବା ଗଣ୍ଡ ମାନଙ୍କ ଜଙ୍ଗା ପେନ୍, ଲିଙ୍ଗା ପେ ନ୍ ଓ ବୁଢା ଦେଉ ହେଉଛନ୍ତି ମୁଖ୍ୟ ଦେବତା, ଏହି ତିନି ଦେବତାଙ୍କୁ ଜଗନ୍ନାଥ, ସୁଭଦ୍ରା,ବଳଭଦ୍ରଙ୍କ ପ୍ରତୀକ ବୋଲି କେତେକ କହିଥାନ୍ତି । ମିଥ୍ ରେ ଅତୀତରେ ସଂଘଟିତ ବହୁ ସାମାଜିକ ଓ ଧର୍ମୀୟ ତଥ୍ୟ ମୌଖିକ ଭାବେ ସଙ୍ଗୋପିତ ରହିଥିବାରୁ ଗଣ୍ଡ ମାନଙ୍କ ଧର୍ମୀୟ ବିଶ୍ୱାସକୁ ଦୃଢିଭୂତ କରି ଆସିଥିବା ଏହି 'ଜଙ୍ଗା ଦେବ ଓ 'ଅଧା ଗଢା ଜଗନ୍ନାଥ' ମିଥ୍ ର ପ୍ରାସଙ୍ଗିକତା ରହିଛି ।ବସ୍ତୁତଃ ଶ୍ରୀ ଜଗନ୍ନାଥ ମୂଳତଃ ଶାବର ମଣିଷଙ୍କ ପୂଜିତ ଦାରୁ ଦେବତା । ସେ କରୁଣାସିନ୍ଧୁ,ପତିତପାବନ ଜଗତରନାଥ ଆଦିବାସୀଙ୍କ ପ୍ରାଣର ଦେବତା । ଅର୍ଦ୍ଧ ଶତାବ୍ଦୀ ପୂର୍ବେ ଭୂମିର ଶାବର ମଣିଷଙ୍କ ଆକୁଳ ପ୍ରାର୍ଥନାରେ ପ୍ରୀତ ହୋଇ ମହାପ୍ରଭୁ ନିଜ ଜନ୍ମ ମାଟି ଶାବର ଶ୍ରୀ କ୍ଷେତ୍ର,କୋରାପୁଟ ଠାରେ ବିରାଜମାନ ହୋଇଛନ୍ତି ।ଏହି ଶାବର କ୍ଷେତ୍ରରେ ମହା

ପ୍ରଭୁ ଆଦିବାସୀଙ୍କ ରୀତିନୀତି ଓ ପରମ୍ପରାରେ ପୂଜା ପାଇ ଆସୁଛନ୍ତି । ଶାବର ଶ୍ରୀକ୍ଷେତ୍ରରେ ମହା ପ୍ରଭୁଙ୍କ ଦୈନନ୍ଦିନ ନୀତି କାନ୍ତି, ରଥ ଯାତ୍ରାରେ ଆଦିବାସୀ ଗ୍ରାମର ମୁଖିଆ ଦେଶୀ ନାୟକଙ୍କ ଦ୍ୱାରା ଛେରା ପହଁରା ଓ ଆଦିବାସୀମାନେ ନିଜ ଗ୍ରାମରୁ ଆଣିଥିବା ବିଭିନ୍ନ ଫୁଲ, ଫଳ, ମୂଳ, କୋଳି ପ୍ରଭୃତି ଅର୍ପଣ କରିବାପରେ ହିଁ ରଥଟଣା ହୋଇ ଥାଏ । ନିଜ ଜନ୍ମ ବେଦିରେ ଆଦିବାସୀ ମଣିଷଙ୍କ ପ୍ରାଣର ଦାରୁ ଦେବତା ସାମ୍ୟ,ମୈତ୍ରୀ ଓ ଉଦାରତାର ବାନା ଉଡାଇ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ମନ୍ଦିର ପ୍ରବେଶର ଅଧିକାର ଦେଇ ନିଜକୁ ଶାବର ଦେବତାର ସାର୍ଥକତାକୁ ପ୍ରତିପାଦନ କରିଛନ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥ ।

ଶ୍ରୀ ଜଗନ୍ନାଥଙ୍କ ଚେତନା, ତତ୍ତ୍ୱ, ଦର୍ଶନ ଓ ତାଙ୍କ ଅପାର ମହିମା ସମ୍ପର୍କିତ ଯେତେ ସବୁ ଗବେଷଣା କରାଯାଇଛି ଓ ଏହି ରହସ୍ୟ ଠାକୁରଙ୍କ ଗୂଢ ରହସ୍ୟ ଓ ମହିମା ସମ୍ପର୍କରେ ଯେତେ ବର୍ଣ୍ଣନା କଲେ ମଧ୍ୟ ସେତେ ଅସମ୍ପୂର୍ଣ୍ଣ ରହିଯାଏ । ଏହି ଲୀଳାମୟ, ବିସ୍ମୟ ଓ ଗୂଢ ରହସ୍ୟମୟ ଦେବତାଙ୍କ ରହସ୍ୟ ଭେଦ କରିବା ଅତ୍ୟନ୍ତ କଷ୍ଟସାଧ୍ୟ । କିନ୍ତୁ ଏ କଥା ସ୍ୱୀକାର୍ଯ୍ୟ ଯେ ଲୋକଙ୍କ ଦେବତାଙ୍କୁ ନିଜ ଦେବତା ରୂପେ ଗ୍ରହଣ କରି ଶ୍ରୀଜଗନ୍ନାଥ ଚେତନାକୁ ବିକେନ୍ଦ୍ରୀକରଣ କରିବା ସହ ଲୋକ ଧର୍ମକୁ ରାଜ ଧର୍ମ ଭାବେ ଭାବେ ଶାସକମାନେ ଗ୍ରହଣ କରିଥିଲେ । ରାଜାମାନେ ଶାସନ କ୍ଷେତ୍ରରେ ପ୍ରଜାଙ୍କ ଅଧିକ ବିଶ୍ୱାସ ଭାଜନ ହେବା ପାଇଁ ଲୋକଙ୍କ କଙ୍କ ପୂଜିତ ମୁଖ୍ୟ ଦେବତାଙ୍କୁ ଆଣି ମନ୍ଦିରଟେ ରେ ସ୍ଥାପନ କରି ନିଜ ଇଷ୍ଟ ଦେବତା ଭାବେ ପୂଜା କରି ଆସି ଥିବା ବହୁ ଦୃଷ୍ଟାନ୍ତ ରହିଛି । ଶ୍ରୀ ଜଗନ୍ନାଥଙ୍କ ଉପାସନା କ୍ଷେତ୍ରରେ ତାହା ଘଟିଥିବା ବିଭିନ୍ନ ଗଡଜାତ ଅଞ୍ଚଳରେ ସ୍ଥାପିତ ଶତାଧିକ ଶ୍ରୀ ଜଗନ୍ନାଥ ମନ୍ଦିର ଗୁଡିକରୁ ସୂଚିତ ହୋଇ ଥାଏ । ଏହିପରି ପ୍ରାଚୀନ କାଳରୁ ଉପାସିତ ହୋଇ ଆସୁଥିବା ଅଷ୍ଟ୍ରିକ୍-ଶବରର ଦାରୁକୁ ବ୍ରହ୍ମ ଭାବରେ ନିଜର କରି ବୈଦିକ ଆର୍ଯ୍ୟ ଋଗବେଦ କାଳରୁ ମନରେ ପୋଷଣ କରି ଆସି ଥିବା ଅଭିଳାଷକୁ ଚରିତାର୍ଥ କଲା । ଫଳରେ ସେହି ଦିନ ଠାରୁ ଦାରୁ ଦେବତା ଦାରୁବ୍ରହ୍ମ ତଥା ପୁରୁଷୋତ୍ତମ ନାମରେ ବ୍ରହ୍ମଣ୍ୟଧର୍ମର ପ୍ରତୀକ ରୂପେ ଉପାସିତ ହୋଇ ଆସୁଛନ୍ତି । ପରବର୍ତ୍ତୀ କାଳରେ ଶବର ଦେବତା ଜଗନ୍ନାଥ ଜୈନ ଓ ବ୍ରାହ୍ମଣ ମାନଙ୍କ ଦ୍ୱାରା ଉପାସିତ ହେବା ଫଳରେ କଇବଲ୍ୟ ଓ ପୁରୁଷୋତ୍ତମ ତତ୍ତ୍ୱ ସହ ଦାରୁ ବ୍ରହ୍ମ ଓ ବୈକୁଣ୍ଠ ଚେତନାର ସମିଶ୍ରଣ ଘଟିଥିଲେ ହେଁ ଦାରୁ ଦେବତାଙ୍କ ମୂର୍ତ୍ତି ଅବିକଳ ରହିଅଛି।

ଶ୍ରୀଜଗନ୍ନାଥଙ୍କ ଅପାର ମହିମାରୁ ଅଣୁମାତ୍ର ଅନୁଭବିବା ସାଧାରଣ ମଣିଷ ପକ୍ଷେ ଅସମ୍ଭବ । ସେ ଭାବରେ ବନ୍ଧା ଭାବ ଗ୍ରାହୀ । ସେ ସକଳ ଧର୍ମ, ଦର୍ଶନର ମୂଳପିଣ୍ଡ ଓ ପ୍ରତୀକ । ମହା ପ୍ରଭୁ ତାଙ୍କ ଅପାର କରୁଣାର ସାଗରରୁ ବିନ୍ଦୁଟିଏ ବିତରଣ କରି ସାମ୍ୟ,ମୈତ୍ରୀ ଓ ଭାତୃତ୍ୱର ବନ୍ଧନରେ ଆମ ସମସ୍ତଙ୍କୁ ବାନ୍ଧି ରଖନ୍ତୁ,ତାଙ୍କ ଚରଣରେ ଏତିକି ପ୍ରାର୍ଥନା । ଜୟ ଜଗନ୍ନାଥ ସ୍ୱାମୀ ।

ସହାୟକ ଗ୍ରନ୍ଥ ସୂଚୀ :

- ଦାଶରଥି ଦାସ, ସୁଦର୍ଶନ ଆଚାର୍ଯ୍ୟ, ଗୌରାଙ୍ଗ ଦାସ ଓ ଦେବେନ୍ଦ୍ର କୁମାର ଦାସ (ସଙ୍କଳକ)ସମ୍ବାଦ ସାହିତ୍ୟ କୋଷ, ୨୦୧୪,ଆମ ଓଡିଶା, ଭୁବନେଶ୍ୱର ।
- ଡ. ବେଣୀମାଧବ ପାଢୀ, ଦାରୁଦେବତା, ୧୯୮୫, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ- ୨ ।
- ପଣ୍ଡିତ ନୀଳକଣ୍ଠ ଦାସ, ଓଡିଆ ସାହିତ୍ୟର କ୍ରମ ପରିଣାମ, ୧୯୭୭, ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ ।
- ଗଣେଶ ପ୍ରସାଦ ପରିଜା-ସମାଜ,ଶାରଦୀୟ ବିଶେଷାଙ୍କ, ୧୯୮୯, ଗୋପବନ୍ଧୁ ଭବନ, କଟକ । ।
- ଡ.ପଂଚାନନ ମହାନ୍ତି, ଓଡିଆ ଭାଷାର ରୂପ, ଗୁଣ ଓ ଏଥିରେ ଦ୍ରାବିଡ ତଥା ମୁଣ୍ଡା ଗୋଷ୍ଠୀର ଅବଦାନ, ବିବର୍ତ୍ତନରେ ଓଡିଆ ଭାଷା,୨୦୧୬, ହରିହର କାନୁନଗୋ(ସମ୍ପାଦକ) ଶ୍ରୀ ଅଚ୍ୟୁତ ସାହିତ୍ୟ ଗବେଷଣା ପରିଷଦ, ନେମଳ, କଟକ ।
- ରାଜେନ୍ଦ୍ର ପାଢୀ –ଶ୍ରୀ ଜଗନ୍ନାଥ ଓ ଆଦିବାସୀ ସଂସ୍କୃତି,(ପ୍ରବନ୍ଧ) ଅଙ୍କୁର-ଦ୍ୱାଦଶ ସଂଖ୍ୟା, ମାଘ –

ଚୈତ୍ର,୧୯୯୩, ଲକ୍ଷ୍ମୀ ନୃସିଂହ ରଥ (ସମ୍ପାଦକ)ବଡ ରାଧା କାନୁ ମଠ, ପରଳାଖେମୁଣ୍ଡି।

- Bridget and Raymond Allchin- The birth of Civilization, 1987, Penguin Books.
- ସାରଳା ଦାସ, ମହାଭାରତ,ଆଦିପର୍ବ, ସାରଳା ସାହିତ୍ୟ ସାଂସଦ,କଟକ।
- Jitamitra Prasad Singhdeo-Cultural Profile of South Kosala, 1987,Gyan Publishing House, New Dehi-7.
- Satya Narayan Rajaguru, House land of Sabaras, Souenir, 1983, ITDA, Paralakhe-mundi.
- ଦ୍ୱିତୀ ଚନ୍ଦ୍ର ସାହୁ–ସଉରା,୨୦୨୩,ଶ୍ରୀମତୀ ସାରଦା ମହାରଣା,ଜେ,କେ, ପୁର, ରାୟଗଡା ।
- ସମାଜ (ଦୈନିକ),୧୫-୦୧-୨୦୨୪,ଗୋପବନ୍ଧୁ ଭବନ,କଟକ -୧ ।
- ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା -୨୦୨୩, ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ସଂସ୍ଥା, ଶାବର ଶ୍ରୀକ୍ଷେତ୍ର, କୋରାପୁଟ ।
- ତାଉ ଭୋଇ,ବିଶ୍ୱର ସର୍ବ ପ୍ରାଚୀନ ଦାରୁ ଦେବତା :ଶ୍ରୀ ଜଗନ୍ନାଥ (ପ୍ରବନ୍ଧ),ସ୍ମରଣିକା ୨୦୦୩, ଉତ୍କଳ ସାଂସ୍କୃତିକ ପରିଷଦ, ସୁନାବେଡା ।
- ଡ. ସୁରେନ୍ଦ୍ର କୁମାର ସାହୁ -ଗଜପତିର ସଉରା ଜନଜାତି, ୨୦୨୩, ଏଥେନା ବୁକ୍ସ, ଭୁବନେଶ୍ୱର ।

(ଏହି ପ୍ରବନ୍ଧ ପ୍ରସ୍ତୁତିରେ ଶ୍ରୀମତୀ ଚନ୍ଦ୍ରମା ବାଲିଆ,ଶେଫାଳି ମହାନ୍ତି, ସାହୁ ଗମାଙ୍ଗ, ଜୟ ସିଂ ସାବ୍ଧା,ସଂସାରୀ ଗଣ୍ଡ ପ୍ରମୁଖ ତଥ୍ୟ ଯୋଗାଇ ଥିବାରୁ ସେମାନନକ ନିକଟରେ ପ୍ରାବନ୍ଧିକ ବିଶେଷ କୃତଜ୍ଞ ।)

□□□

Folk Art in Chhattisgarh: Related to vow and festival

Dr. Shubhra Chand

Plot no: 670A, B1 - First floor, Shaktikhand: 4, Indirapuram, Ghaziabad (Delhi NCR) Pin: 201014

Chhattisgarh is a thick forested hilly state in the eastern-middle area on the map of India. Chhattisgarh has very rich history and cultural heritage. In ancient times, this region was known as Kausal, Dakshin-Kausal, Mohakausal and Dandakarnya. Chhattisgarh means a region consisting of thirty-six forts.

The people of Chhattisgarh are simple, kind-hearted and adaptable. The lifestyle of the people of this region is very colourful as is reflected in their colourful dress materials. People love to make many decorative items and idols of clay, wood, bamboo and metal. These items are part of their daily life and through them, their culture is reflected.

Every village in Chhattisgarh has a village deity and people consider them as their only protector. In every festival, vow and ceremony people not only worship the village deity but also their family deity. Chhattisgarh has a tradition of rich folk art, music, ballets, drama, dance and crafts.

Chhattisgarh has a special style in traditional crafts, folk art, folk paintings, body decoration and ornaments. These are linked to the socio-cultural ambience of the area and are expressed spontaneously by the people. Folk paintings and body decorations depict the living ambience of the women. These are also drawn, decorated and preserved by women. The maximum number of floor and wall paintings are associated with rituals and ceremonies of this region.

Haryali

The *Haryali* festival is observed on the day of the new moonlight in the month of *Sawan*. This first festival of the season is related to agriculture. *Haryali* is related to occultism and necromancy. The villagers and tribes believe that the *Baigas*, conjurers practice their black magic and which-crafts in this day and implement these bad powers on human and nature and renewal their devil power. anHhhhh
hhhhhss
kk8890 `.
hBecause of the course the peoplees are drawn, the Sohanai painting around their house wall with cow-dung as safety armour for saved their houses from this devil power.

The woman has drawn a horizontal line by the help of fingers. The human figures draw mostly on the line both side of entrance of the house; between the continuations of line the cat motifs are draw. These *Sohanai* paintings are very nearer look like of the primitive rock shelter paintings. The human and cat motifs are very simply draws compose with lines and circles by the housewife.

Pola

Pola is celebrated all over Chhattisgarh on the full moon day of the month of *Bhada.* It is an agricultural festival. After completing the preliminary works of cultivation farmers worship the bullocks, which help him during the cultivation work. Farmer worships the terracotta sculpture of Nandi or *Nadiya beila* in this festival.

For the Pola festival, the potter prepares a large number of terracotta Nadiya beila, which is also known as Pola beila. The skilled hand of the potter prepares these terracotta bullock forms. First body is prepared in mud, and then two back and two front legs are prepared to connected with the body. The bottom of the legs are flattened and a hole between each leg. Afterwards, the head is connected with the body and a hunch is made on the back of the bullock. A tail is fixed with the back leg of the bullock. Ears and horns are fixed on the head. The eye is made with fixed two small mud balls on the face. The wheels for the Nadya beila are made on a potter's wheel.

The colour of the terracotta bullock is just like the red colour of a pot. In some areas, white colour of chuimitti is applied on it for base colour then other natural colours like yellow, red, black are used for ornamentation. In this Pola festival especially for playing purpose of the children the potter makes small size of earthen pot, cauldron, pitcher, oven, grinding stone, skimmer and bucket. Potter bakes all of these playable utensils with Nadiya beila in the furnace.

The housewife worships the *Nadiya beila* in *Pola* festival. The housewife traditionally drew bullock cart and ploughing bullock on the house wall. Woman used chuimitti to draw these motifs.

Krishna Janmastami

Krishna *Janmastami* festival is celebrated on the eighth day of black fortnight on the month of *Bhada*. The painting named *Aathekanheya* is painted on the wall of *devta kothi* (Room of the house deity) for worshipping in this festival. House wall is cleaned with smeared the cow-dung and colourful soil. On this smeared wall the housewife and the children of the *Rout* or *Yadav* family paint *Aathekanehya* painting.

The subject meter of the *Aathekanheya* painting is narrative. Eight human figures are composed between a boundary as four on the upper part and other four on the lower part. These human forms are mentioned as Lord Krishna and his seven brothers. On top of the painting clouds are painted in blue colour with zigzag and waving lines. A boat is drawn in a river horizontally covers the length of the painting. The *Basuki,* king of serpents' is mostly drawn as a spring like line in yellow and red colour.

Nag Panchami

Nag-panchami is performed all over Chhattisgarh on the fifth day of the bright fortnight in the month of *Sawan.* In this vow, the housewife worships the symbolic painting of a *Nag devta* (god of serpent) to satisfy the god and his benediction. On the wall of the kitchen or granary, seven or nine curl lines are drawn like snake with cow dung as a symbolic motif of *Nag devta.* Some where the snake motif or couple of snake is drawn on the wall composed with a milk cup. Women very simply draw these motifs with cow dung with their fingers.

Diwali

Diwali is a grand festival, performed all over India on the new moon night of the month of *Kartika.* Varieties of folk art forms are created in this *Diwali* in Chhattisgarh. Mural paintings are drawn on the wall of the house in all the rural areas look very colourful such as a gallery is exhibited in all the colourful paintings.

Mostly outer wall of the house is painted with various motifs by the women. Broom made from bough of the date palm, cloth bundle, pam and fingers are used for drawing these paintings. All women of the family, neighbours and relatives draw these paintings in group co-operate with each other. Paintings are drawn step by step towards top to bottom. *Gerumitti, chuimitti, pilimitti, kalimitti* are collected on earth from long before of *Diwali*. Only blue colour is brought from market. Black colour is prepared from inner black particle of the used battery.

Variety types of geometrical forms like triangle, rectangle, circle, half circle are composed and flat colours are used for fill up it. These paintings look like a row of human figure, fort or palaces, hill, mountain and a row of trees. Colours are applied flatly and part by part from light to dark towards top to bottom.

In this *Diwali* festival, the housewife draws *chuk,* diagram on the cowdung smeared floor. Mostly colour powders are brought from market to make these diagrams. But in the interior villages, women collect the colour powders from nature. They prepare red colour from grind the brick or tile. Yellow from turmeric powder, green is prepared from the powder of dried leafs, white from *chuimitti*, black from wood carbon. Generally variety type of flowers and creepers are drawn and some where *Sita-chuk* is also drawn.

For the purpose of *Diwali,* the potter make many type of ritual sculptures. Generally the mud lamp is prepared by them and faired it in the furnace for lighting in the night of *Diwali*. Besides this terracotta lamp *Lakshmi -diya, rukha-diya, sua-diya, gwalin* are made by the potter. *Lakshmi-diya* looks like an image of goddess, having six inch to fifteen inch in height. An image made on clay with the help of dice and the top of the image five, seven or nine small lamps are fixed for lighting. *Sua-diya* is prepared on clay as a form of parrot is fixed on a stand and a lamp is made on the head of it. *Rukha-diya* is made as a female form having a stem of tree in lower part with a lamp on the head of the female. The potter prepares these forms on clay and these are not fired in furnace but it is dried. After that a primer of *chuimitti* is applied on it and earthen colours are used to paint. The women and girls of the potter's family colour these forms with the brush and brush is prepare to fix cotton with a stick.

Gobardhan Puja

Gobardhan puja is celebrated on the next day of *Diwali* by the people of *Raut* or *Yadav* caste all over Chhattisgarh. *Gobardhan* image is made in the centre place of the village or in front of the shrine of village deity on cow dung. This image is the symbolic representation of lord Krishna, in some places two images are made as Krishna and Balarama. This image is made on relief style on the surface of the field with cow dung. After worship, bullocks wound this image. People collect cow dung from this image and put the tip on the forehead and give affectionate hug to each other.

The people of *Raut* or *Yadav* caste dance with the beat of *nangada* and *dholok* reciting the Krishna doggerel. This dance is called *Rout-nacha.* They tie a turban on the head decorated with peacock's train and hold a stick or flute on the hand. Cowherds of *Raut* caste make the artistic neck-belt named *suhai* for cows and bullocks. They prepare *suhai* in peacock's train or made in rope. The cowries are fixed on the *suhai* for beautification. Cowherd worships the cow and cattle then tie the *suhai* on their neck.

In the day of *Gobardnan puja* cowgirls, draw *hatha* painting all over the houses of village on the walls of greenery, cowshed and the shrine of house deity. *Hatha* is the symbolic representation of prosperity. This form is made to compose with line, triangle and square. The cowgirl worships *hatha* painting with the use of vermilion tip.

In this day villagers worship the image of *Goura - Gouri,* lord Shiva and Parvati for welfare of the village. They make the symbolic form of *Goura-Gouri* with clay. The potter also makes the image of *Goura- Gouri*, painted with colour and sells it to the villagers. After worship, the image is abandoned in the water.

Kamarchhat

Kamarchhat vrata is observed by the women for the protection, welfare, and long life of her children. This is observed in the sixth day of New moon fortnight of the month of *Bhada*. In this day housewife smear the wall with buffalo-dung and a relief painting is done with buffalo-dung on which rice paste and turmeric past is used. The painting is decorated with the use of vermilion and collyrium tip. Face of a goddess is drawn on top of a rectangle and it is divided in to four parts. Between these four rectangles painting of a child, *swastik, charki* a type of playing element, top, *bati* (marble balls) are painted, creepers and flowers are painted on the side of the main rectangle. The bottom of the main rectangle two-foot form is painted. Women make *Nadiya beila* and symbolic form of the playing element for the children like top, *bati, charki* in mud for worship.

Devuthani Akadashi

Devuthani akadashi is observed on 11th day of fullmoon of the month of *Kartika.* This is also called *Jethoni* or *Tulsi-bibaha*. *Tulsi-bibaha* means the marriage ceremony of basil plant with lord Vishnu. The married women performe this vow for good fortune and long life of their husband. This vow is observed at the platform of basil plant.

In the evening, women draw a *chuk*, diagram on the cow dung smeared floor near the platform of basil plant. Between a rectangular diagram house hold materials like cauldron, pitcher, chopper, tongs, spoon, skimmer, basket, kitchen knife, leader are drawn with rice flour or rice paste. Some places women observe this vow to gather in one place and worship the basil plant.

Pitarpakshya (Pitrumokhya Amavasya)

Pitrpakshya is observed all over Chhattisgarh in the month of *Aashina* all the fifteen day of starting after full moon night up to new moon for the memory of their ancestors. Early in the morning housewife cleans and smears the house with cow-dung. In front of the door of house or kitchen, she has drawn a diagram on the smeared floor with rice flour. This floor painting is drawn in a square like form composed with four lines and some divisions are made between them. These diagrams are the symbolic representation of the house for the ancestor. Early in the morning all the fifteen-days the housewife puts a pot full of water and a tooth stick on the diagram for the ancestor. In addition, the day of new moon night the family performs oblation on this diagram

Aghan Gurubar

Aghan gurubar is observed every Thursday in the month of *Aghan. Aghan* month is also known as *Margashira*. Housewives observe fasting and worship the goddess Lakshmi and draw the diagram with rice past on the floor. On the day before *Aghan Gurubar* i.e. Wednesday, the walls and floors of all the houses in Chhattisgarh are smeared with colourful soil and cow dung. On that night, the women and girls paint different motifs, and diagrams with rice paste or the paste of *chuimitti* on the floor and wall of the house. Lotus the favourite flower of goddess Lakshmi is painted in many styles. The most important motif, the footprints of goddess Lakshmi is drawn composed of all diagrams, flowers, creepers and a chain-like motif drawn on the floor of the house door and continued towards the shrine of house deity. The lotus motif is drawn near the base of the basil plant, in front of the shrine of house deity and near the granary. Housewives worship the goddess by offering sweets, fruit and bow-down with lightened a lamp.

Akti

Akti is related to the marriage ceremony. This is observed on the third day of the bright fortnight of the month of *Baisakha*. This day is also called *Akhyatij*. They bring the image of *gudda-gudia* from the potter and perform a marriage ceremony near the base of the basil plant. The potter makes *gudda-gudia* images in the mud with the help of a potter wheel, approximately five to ten inches in height. The face nose, mouth, ear, and eyes are separately fixed. Hands are projected on both sides of the image. In the *gudia* image breasts are made with small beads of clay. These images are made towards the upper part of the wrist and the lower part looks like a stand and no legs are made.

□□□

WOMEN AT THE CENTRE OF FOLK TRADITIONS

Dr. Anup Kumar Chand

Plot no: 670A, B1 - First floor, Shaktikhand: 4, Indirapuram, Ghaziabad (Delhi NCR) Pin: 201014

The concept of the female in Hinduism presents an important duality, on one hand, the woman is fertile, benevolent, and bestowed, on the other, she is aggressive, malevolent, and the destroyer. Two facets of femaleness relating to this duality, perhaps provide a cultural logic to it. The female is first of all '*Sakti'* (energy/power), the emerging power of the universe. The female is also '*Prakriti'* (nature) the undifferentiated matter of the universe.1

Women can be compared with nature. Nature changes with the change of seasons. Similarly, the nature of a woman also changes. The woman's body changes according to the seasonal changes. Woman's body is related in many ways to the seasons. *Sakti* has a negative aspect, which means destruction. Hence we can say woman is the base and centre of all power. Creation is impossible without power or *Sakti*. And so society always depends on women. In folk tradition, the dual character of the Hindu female emerges definitely and is seen most clearly in the roles of wife (good, benevolent, dutiful, and controlled) and mother (fertile but uncontrolled).

A common metaphor is that the woman is the field or earth into which a man puts his seed. "By the sacred tradition, the woman is declared to be the soil, the man is declared to be the seed, the production of all corporeal beings takes place through the union of the soil with the seed".2

Field or earth also symbolises the facet of feminineness. Nature creates, nourishes and destroys. Similarly a woman also creates, nourishes and if needed destroys. She always prefers to be a mother to prove her fertility and feminity. She nourishes her child with milk from her breasts, takes good care of her child and teaches her child how to walk, speak and eat. In the process the quality of tolerance is developed in her. Therefore we draw parallels between a woman and the earth. Mother is a mother and the earth is our mother too.

Participation in ritual activities, ceremonies and festivals to propitiate nature brings happiness and a sense of fulfilment to most of the women folk. Women are by nature believers in the supernatural. Therefore they get associated with the mythological beliefs, spiritual incidents and supernatural stories. They seek the blessings of the god with beliefs in the goodness of life of their husband and children and also for acquiring wealth. Women are at the centre of folk tradition. The creators of folk art are mostly the village women. The involvement of women in folk tales, folk songs, folk art etc. is accepted by all. The woman is also the centre of the family. When the man is busy in his profession outside his home, woman stays inside and looks after the children, decorates the house, cooks food. In her daily activities, she expresses herself artistically. Each of her activities; by it drawing water from the well, or fetching water from the pond is an expression of grace when she cleans the house, white washes the walls, paints pictures, she is at her best.

The representation of new, unique, simple and lively folk arts in festivals, ceremonies, fairs, vows, marriages, thread ceremonies and rituals are done by the women only. The housewife prepares betel, anoints her own body, combs her hair, and applies cosmetic as a part of her daily make up. She cleans front of her house, draws a diagram, cleans the hearth and applies painted motifs, prepares the dining area and lays the plate- all these are considered art.

At different stages of life, a variety of *samskaras* (ritual ceremonies) are performed and in them the role and the status of a woman both in home and at the society is of importance. From birth till death in all cases, she is an important factor in the performances.3

Woman in her happiness and sorrow, understands and experiences life and carries the folk tradition with her. Starting from young to the old, women are involved in the vow ceremonies. Although men take part, they normally remain outside and help in organising and financing.

Women observe vows for the welfare of their husbands and to win over the hearts of their husbands. At the time of marriage some esoteric rituals are done in order to capture the minds of the husbands. But the vows done by the girls for the welfare of their parents, brothers and sisters are not filled with esoteric deeds but only are filled with the love and simplicity of the girls towards their family.4

There is a wide space for imagination in the folk tradition. Folk stories progress by imaginative description. These stories are orally described. The chief narrator of a folk tales is always a woman who tells the story to a group of women keeping vow. In the vrata, an elderly woman narrates the story. The language of the story is simple and effective. It is told in an impressive way.

The village women rigidly follow rules and regulations of the society. They express their creative feelings inside their houses but an urban woman is more independent compared to the rural woman. She has her own problems in life to deal with. Due to several restrictions, the urban woman is not free like her counterpart in the village. A rural woman strengthens the family relations and succeeds to unite a big family where as an urban woman has accepted a small family. Basic functions remain the same, only the relationships are shortened. The role of the woman is quite acceptable in the awakening and development of folk tradition.

A little girl listens to different stories from her grandmother and remembers and then transmits to the next generation. She performs vows in her young age for a handsome husband and a bright future. She learns how to draw digrams with rice paste and how to cook different food items; she also learn songs related with the vows. She learns parting songs or weeping song from her family members and sings it at the time of going to her in-law's house.

Women are the creators of folk songs and folk stories. They create, perform and teach this art. An old lady tells stories to her grandchildren and entertains them. She encourages the other women of the family to follow the tradition. She awakens to the tradition through experiences of her life. So, in this type of flow, the women specially preserve the folk tales. A mother entertains her baby by singing children's songs. Then after some time, the child hears stories from her grandmother. In this way, the child learns the stories and songs and develops a creative mind.

Since ancient days women mainly decorate their body with different cosmetics and other materials prepared by them. They colour their lips, eyelids, cheeks, palms, feet etc. and enjoy themselves at such artistic decorations. These simply exhibit the artistic tempera-

ment of the women and their greater fascination for looking beautiful and charming.

It is true that women decorate different parts of their bodies mainly to look attractive and influence their male-counterparts. This art is handed down from generation to generation with a little change.

The use of turmeric paste mixed with butter by the women folk does not merely aim at fair complexion, but prevent their skin from the attack of different diseases. It is believed that vermilion on the forehead is the most valuable property of a married woman. The women use collyrium on their eyes for beauty. It enhances their facial beauty and brings more brightness to the eye. The tradition of dyeing the palms and painting the feet with red lacquer is quite popular among women.

Women chiefly do tattooing. It is considered a sacred task and such a task can only be completed by a woman. Women are the symbol of motherhood. The women consider their status of motherhood as the symbol of fortune. A lady with more of these designs on her body receives more admiration and appreciation from others. This tradition of tattoo is related with different beliefs and expectations. It is considered to be the signs of purity, development in a family. It is even believed that a lady with these sacred designs on her body gives birth to very noble, honest and good babies. However this design is made on the body of a woman only after the completion of the period of menstruation. 5

The originator of the tattoo tradition is chiefly the woman of *Kela* community who wanders like gypsies. These women move village to village and make tattoos while singing folk songs to enchant their customers. The songs are purely based upon the merits and advantages of tattoo on the body of women. The songs they sang are also composed by themselves. Now this tradition is gradually vanishing by the influence of the modern way of body decorations. But the tattoo could be seen on the body of old women folk even now a days.

Spontaneity is the natural flow and has similarities with nature. The seasonal changes happen spontaneously in the nature. The body of a woman undergoes changes according to the change of season. Similarly, spontaneity in a human being occurs.

Rules are not specified in the representation of folk art although particular methodologies and mannerism are followed. A person learns it traditionally from elderly women in a family. They learn them casually while watching others draw and paint. This is a simple exploration of a vast world full of folk motifs and pictograms. However a woman is free to alter a motif, add certain things she liked and take out drawings she did not like. A girl or a married woman makes her life graceful and employable by taking recourse to folk art practices.

Understanding spontaneity will entail the study of the life patterns of the village women, the ways of colour, form and the texture, which assumes shapes and meaning for native and the transformation of the plastic materials into more than what they were before being metamorphosed by their hand and heart.6

Then the girl gets married and observes many vows and fasting for her husband. To strengthen the family relations, to please her husband and his family, a woman has a big responsibility. She respects her elders, treats the guests and relatives respectfully and also has the responsibilities to perform the vows, rituals and festivals.

In Indian folk society, all forms of folk arts is traditionally transferred to their next generation. These are practised freely, without any objection in the society. Within the broad parameters changes are done and are

accepted by the people. The environment in and around the village is changing with time. The changes are social, economic as well as political. The impression of these changes falls on folk art so it is also changing and it is obviously possible.

- Wadley , S. Susan **Women and the Hindu Tradition,** *Women in India*, *Two Perspectives*. Manohar Publications, New Delhi. 1977. p- 56
- Buhler, G.. *The Laws of Manu. Sacred Books of the East, Vol-XXV.* Motilal Banarasidass Publications. New Delhi 1964. p-333
- Gulati, Saroj.*Women and Society.* Chanakya Publications, New Delhi. 1985. p-48
- Patnaik , Arobinda.*Brata Sahitya* (Oriya).Preface by Raicharan Das Orissa Sahitya Akademi , Bhubaneswar 1982. p-291
- Sukla. P.R.**Moghiya Janjatika Godna** (Hindi).*Chumasa Vol-25,* Madhya Pradesha Abibasi Lokkala Parisad. Bhopal, Feb-June-1991.p-33.
- Anand, Mulkraj. **Folk Art Verses Fine Art** (Editorial).*Kalakshetra* Vol.XXVIII.Nov.Dec.1994

ପୁସ୍ତକ ସମୀକ୍ଷା
Book Review

ନବରଙ୍ଗପୁର ଆଦିବାସୀ ଲୋକସାହିତ୍ୟ ଓ ସାଂସ୍କୃତିକ ପରମ୍ପରା : ଏକ ବିଶ୍ଲେଷଣ

ସମୀକ୍ଷା : ସୁଜାତା ମହାପାତ୍ର

ଶିବାନୀ ଏନକ୍ଲେଭ, ବମିଖାଲ କେନାଲ ରୋଡ, ଭୁବନେଶ୍ୱର, 751010



ପୁସ୍ତକର ନାମ : "ନବରଙ୍ଗପୁର ଆଦିବାସୀ ଲୋକସାହିତ୍ୟ ଓ ସାଂସ୍କୃତିକ ପରମ୍ପରା"

ଲେଖକ : ସାଇମନ ବିଡ଼ିକା

ଯୋଗାଯୋଗର ଠିକଣା : ଧୋଡ୍ରା, ଉମରକୋଟ, ଜିଲ୍ଲା : ନବରଙ୍ଗପୁର, 764073

ପ୍ରକାଶକ : ପକ୍ଷୀଘର ପ୍ରକାଶନୀ, 32, ମଧୁସୂଦନ ନଗର, ଭୁବନେଶ୍ୱର- 01

ପ୍ରଥମ ପ୍ରକାଶନ : 2022

ମୂଲ୍ୟ : ଟ 450.00 ମାତ୍ର

କୁହାଯାଏ ଆଦିବାସୀ ଲୋକସଂସ୍କୃତି ଗ୍ରନ୍ଥ କାଳନିର୍ଦ୍ଧାରଣ।
ଲେଖିବା ଅପେକ୍ଷା ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିବା ସହଜ। ଏକଥା ଏଇଥିପାଇଁ କୁହାଯାଏ ଯେ, ଆଦିବାସୀମାନଙ୍କ ସାମାଜିକ ଚଳଣି, ଧର୍ମଧାରଣା, ନୃତ୍ୟଗୀତ, ସଂସ୍କୃତି ପରମ୍ପରା, ସାହିତ୍ୟକୁ ଅତି ନିକଟରୁ ନ ଦେଖିଲେ କିମ୍ବା ଅନୁଭବ ନ କଲେ ସେମାନଙ୍କ ସମ୍ପର୍କରେ କିଛି ଲେଖିବା ଧର୍ମକୁ ଆଖିଠାର ସଦୃଶ୍ୟ। କାରଣ ଆଦିବାସୀ ସଂସ୍କୃତି ଏକ ବିସ୍ତିର୍ଣ୍ଣ ବେଳାଭୂମି, ଯେଉଁଠାରୁ କି ଯେତେ ସଂଗ୍ରହ କଲେ ମଧ୍ୟ ତାହାର ଶେଷ ହୁଏ ନାହିଁ । ହେଲେ ଆଦିବାସୀ ସଂସ୍କୃତି ଓ ସାହିତ୍ୟର ଗବେଷଣା କ୍ଷେତ୍ରରେ ଦୁଇଟି ସମସ୍ୟା ଦେଖା ଦେଇଥାଏ। ପ୍ରଥମଟି ସ୍ରଷ୍ଟାନିର୍ଣ୍ଣୟ ଓ ଦ୍ୱିତୀୟଟି

ଜଣେ ନିଷ୍ଠାପର ଲେଖକ ଓ ଆଦିବାସୀ ଗବେଷକ ସାଇମନ ବିଡ଼ିକାଙ୍କ "ନବରଙ୍ଗପୁର ଆଦିବାସୀ ଲୋକ ସାହିତ୍ୟ ଓ ସାଂସ୍କୃତିକ ପରମ୍ପରା " ପୁସ୍ତକଟି ପ୍ରକାଶିତ ହୋଇଛି ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର ଦ୍ୱାରା। ନବରଙ୍ଗପୁର ଅଭିଭକ୍ତ କୋରାପୁଟ ଜିଲ୍ଲାର ଏକ ବିଭାଜିତ ଅଂଶ। ୧୯୯୨ମସିହାରେ ଏହା କୋରାପୁଟ ଜିଲ୍ଲାରୁ ବିଭାଜିତ ହୋଇ ନବରଙ୍ଗପୁର ଜିଲ୍ଲାର ମାନ୍ୟତା ପାଇଛି। ପୁସ୍ତକଟିର ବିଷୟ ବସ୍ତୁ ନବରଙ୍ଗପୁର ଜିଲ୍ଲା ଉପରେ ଆଧାରିତ।

ଆଦିବାସୀ ଭାଷା, ସାହିତ୍ୟ, ଲୋକକଥା, ଲୋକଗୀତ, ନୃତ୍ୟ ବାଦ୍ୟ, ସଂସ୍କୃତି, ପରମ୍ପରା, ଯାତରା

ପରବ, ଦେବୀଦେବତା ବିଶ୍ୱାସ ଓ ଆସ୍ଥା ତଥା ଆଦିବାସୀ ବ୍ୟଞ୍ଜନକୁ ଆଧାର କରି ସମଗ୍ର ଏକ ଜିଲ୍ଲାର ଆଦିବାସୀ ଜନଜୀବନର ଏକ ନକ୍ସା ପ୍ରସ୍ତୁତ କରୁଥିବା ଏହି ପୁସ୍ତକଟି ସମୁଦାୟ ଛଅଟି ପରିଚ୍ଛେଦରେ ବିଭକ୍ତ ହୋଇଛି ।

ପ୍ରଥମ ପରିଚ୍ଛେଦର ପ୍ରାରମ୍ଭରେ ଲେଖକ ନବରଙ୍ଗପୁର ଜିଲ୍ଲାର ଭୌଗଳିକ, ପୌରାଣିକ ଅବସ୍ଥିତି ଓ ଏହାର ଐତିହାସିକ ପୃଷ୍ଠଭୂମି ସହ ଭାରତୀୟ ସମ୍ବିଧାନର ଯେଉଁ ସବୁ ଧାରା ବଳରେ ଭାରତର ମହାମହିମ ରାଷ୍ଟ୍ରପତି ନବରଙ୍ଗପୁର ଅଂଚଳକୁ ଅନୁସୂଚିତ କ୍ଷେତ୍ର ଓ ସେହି କ୍ଷେତ୍ରରେ ରହିଥିବା ଆଦିମ ଅଧିବାସୀ ଗୋଷ୍ଠୀ ସମୂହକୁ ଅନୁସୂଚିତ ଜନଜାତି ବା ଆଦିବାସୀ ବର୍ଗର ମାନ୍ୟତା ଦେଇଛନ୍ତି ଏବଂ ଇଂରେଜ ଶାସନ କାଳରେ ଅଭିଭକ୍ତ କୋରାପୁଟ ଜିଲ୍ଲାରେ ରହିଥିବା ଜନସମୂହକୁ ଇଂରେଜ ସରକାର କେବେ ହିଲଟ୍ରାଇବ୍ ବା ଡଙ୍ଗର ଅଧିବାସୀର ମାନ୍ୟତା ଦେଇଥିଲେ ତାର ପ୍ରାମାଣିକ ତଥ୍ୟ ଉପସ୍ଥାପନା କରିଛନ୍ତି।

ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓଡିଶାର ୬୨ (ବର୍ତ୍ତମାନ ୬୪)ପ୍ରକାର ଆଦିବାସୀ ବା ଜନଜାତି ଗୋଷ୍ଠୀ ମଧ୍ୟରୁ ନବରଙ୍ଗପୁର ଜିଲ୍ଲାରେ ସଂଖ୍ୟାଧିକ ଓ ସଂଖ୍ୟାନ୍ୟୁନ ପ୍ରାୟ ୫୪ ପ୍ରକାର ଆଦିବାସୀ ଗୋଷ୍ଠୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ସଂଖ୍ୟାଧିକ ୬ ଗୋଟି ଆଦିବାସୀ ଗୋଷ୍ଠୀ ଭତରା, ଗଣ୍ଡ, କନ୍ଧ, ପରଜା, ହଲବା ଓ ବଞ୍ଜରାର ଇତିହାସ, ବଂଶ ଗୋତ୍ର ପରିଚୟ, ସାମାଜିକ ସ୍ଥିତି ଓ ସଂସ୍କାର ବିଧି ବ୍ୟବସ୍ଥାର ତଥ୍ୟକୁ ଲେଖକ ପୁସ୍ତକରେ ବିସ୍ତିର୍ଣ୍ଣ ଭାବେ ଲିପିବଦ୍ଧ କରିଛନ୍ତି। ଜନଜାତି ଗୋଷ୍ଠୀର କେତେକ ଅନାଲୋଚିତ ଦିଗକୁ ଲୋକଲୋଚନକୁ ଆଣିବାପାଇଁ ନିମନ୍ତେ ପୁସ୍ତକରେ ଆର୍ଯ୍ୟ ସମାଜ ଦ୍ୱାରା ପ୍ରଚଳିତ ସଂସ୍କାର ବ୍ୟବସ୍ଥା ସହ ଆଦିବାସୀ ସମାଜର ପ୍ରଚଳିତ ସଂସ୍କାର ବ୍ୟବସ୍ଥାର ତୁଳନାତ୍ମକ ଚିତ୍ର ମଧ୍ୟ ପ୍ରଦାନ କରା ଯାଇଛି । ଏଥି ପାଇଁ ଲେଖକ ମନୁସ୍ମୃତିର ସାହାଯ୍ୟ ନେଇଥିବା ଦେଖା ଯାଇଛି । ସାମାଜିକ ସଂରଚନା ଓ ସଂସ୍କାର ବିଧିବ୍ୟବସ୍ଥାରେ "ଗୁରୁମାଇ"(ମହିଳା ପୂଜାରୀ)ଏକ ଉଲ୍ଲେଖନୀୟ ଚରିତ୍ର ଯାହା ସଭ୍ୟ ସମାଜ ପାଇଁ ନାରୀ ସଶକ୍ତିକରଣ ଓ ନାରୀ ପ୍ରତି ସମ୍ମାନର ଏକ ଉଦାହରଣ ମଧ୍ୟ । ସରଳ, ଶୃଙ୍ଖଳିତ ଚିତ୍ରଣ ଲେଖକଙ୍କ ଗବେଷଣାଧର୍ମୀ ଚିନ୍ତାଧାରାକୁ ପରିପ୍ରକାଶ କରେ ।

ଦେବୀଦେବତା ଉପରେ ରହିଥିବା ପ୍ରଗାଢ଼ ଆସ୍ଥା ଓ ବିଶ୍ୱାସ ଆଧାରରେ ଆଦିବାସୀ ସେମାନଙ୍କ ଦେବୀ ଦେବତାଙ୍କୁ ଚାରି ଭାଗରେ ଯଥା- ୧. ସୁରକ୍ଷା ପ୍ରଦାନକାରୀ ଦେବୀଦେବତା ୨. ଉପକାରୀ ଦେବୀଦେବତା ୩. ଅନିଷ୍ଟକାରୀ ଦେବୀଦେବତା ଓ ୪. ପୂର୍ବ ପୁରୁଷଙ୍କ ଆତ୍ମା (ଡୁମା)ରେ ବିଭକ୍ତକରି ସମୂହ ଉପାସନା କରୁଥିବା ବିଷୟବସ୍ତୁକୁ ବହିର ଦ୍ୱିତୀୟ ପରିଚ୍ଛେଦରେ ପ୍ରାଞ୍ଜଳଭାବେ ବର୍ଣ୍ଣନା କରାଯାଇଛି।

ଆଦିବାସୀର ଧର୍ମୀୟ ବିଶ୍ୱାସରେ କୃଷିଭିତ୍ତିକ ପର୍ବ "ବାଲିଯାତ୍ରା"ର ପୃଷ୍ଠାମାନଙ୍କୁ ପାଠ କଲେ ଜାଣିହୁଏ, ଆଦିବାସୀ କୃଷିପ୍ରତି କେତେ ସମର୍ପିତ ଓ କୃତଜ୍ଞ। ସେହିଭଳି "ଦିଆଲୀ" ପରବ ପାଳନର ରହସ୍ୟ ପଛରେ ରହିଛି ଫସଲ ଉତ୍ପାଦନରେ ସହଯୋଗ କରିଥିବା ଗାଈଗୋରୁଙ୍କୁ କୃତଜ୍ଞତା ଜଣାଇବା। ବର୍ତ୍ତମାନ ସମୟରେ ପାଳନ ହେଉଥିବା ସ୍ୱଚ୍ଛତା ଅଭିଯାନକୁ ଆଦିବାସୀ ତାର ଧର୍ମ ବିଶ୍ୱାସ ସହ ଯୋଡ଼ି କେଉଁ ଆବହମାନ କାଳରୁ ବଅଁଲାନି ଯାତ୍ରା ପାଳନ କରି ଆସୁଛି। ଗଭୀର ମାତ୍ରାରେ ଈଶ୍ୱର ବିଶ୍ୱାସୀ ଆଦିବାସୀ ସମାଜ, ଉଭୟ ଶୈବସାତ୍ତ୍ୱିକତା ଓ ଶାକ୍ତ ବଳି ଭୋଗର ମୁଖର ଉଦ୍ୟକ୍ତା ଭାବରେ ଯାତରା ପରବ ରୂପରେ ପାଳନ କରେ ଯାହା "ନବରଙ୍ଗପୁର ଆଦିବାସୀ ଲୋକ ସାହିତ୍ୟ ଓ ସାଂସ୍କୃତିକ ପରମ୍ପରା" ବହିଟିରୁ ବିସ୍ତୃତଭାବରେ ବୁଝି ହୁଏ ।

ତୃତୀୟ ପରିଚ୍ଛେଦ ଜିଲ୍ଲାର ଆଦିବାସୀ ଗୋଷ୍ଠୀ ସମୂହର ନୃତ୍ୟବାଦ୍ୟ ଉପରେ ଆଧାରିତ। ଲେଖକ ଅଭିଭକ୍ତ କୋରାପୁଟ ଜିଲ୍ଲାର ଲୋକପ୍ରିୟ ଓ ଚର୍ଚ୍ଚିତ

ଲୋକନୃତ୍ୟ "ଢେମସା"କୁ ଶାସ୍ତ୍ରୀୟ ଆଧାରିତ ନୃତ୍ୟ ଭାବେ ପ୍ରତିପାଦନ କରିବା ପାଇଁ ସଂଗୀତ ଶାସ୍ତ୍ରର ତତ୍ତ୍ୱମାନଙ୍କ ସହ ତୁଳନାତ୍ମକ ତଥ୍ୟ ପ୍ରଦାନ କରିଛନ୍ତି। ଢେମସା ନୃତ୍ୟର ପ୍ରକାରଭେଦ,ପାଦପତନ, ବାଦନ, ବାଦ୍ୟଯନ୍ତ୍ର ଗୁଡିକର ନିର୍ମାଣ ଶୈଳୀ, ତା'ର ତାଳ ଓ ଲୟକୁ ବିଶ୍ଳେଷଣ କରି ଲେଖକ ଢେମସା ନୃତ୍ୟକୁ ହିନ୍ଦୁସ୍ତାନୀ ସଂଗୀତ ପଦ୍ଧତି ପର୍ଯ୍ୟାୟଭୁକ୍ତ ବୋଲି ଦୃଢ ଯୁକ୍ତି ଉପସ୍ଥାପନ କରିଛନ୍ତି। ଯାହାକି ଭବିଷ୍ୟତରେ ଢେମସା ନୃତ୍ୟ ଓ ଏହାର ବାଦ୍ୟଯନ୍ତ୍ର ସମୂହ "ସାଜ"କୁ ସଂଗୀତ ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବାରେ ସହାୟକ ସାବ୍ୟସ୍ତ ହେବ, ଏଥିରେ ସନ୍ଦେହର ଅବକାଶ ନାହିଁ।

ଚତୁର୍ଥ ପରିଚ୍ଛେଦ ଆଦିବାସୀ ଲୋକସାହିତ୍ୟ ଉପରେ ଆଧାରିତ। ଏହି ପରିଚ୍ଛେଦରେ ସଂଯୋଜକ ଭାଷା "ଦେଶିଆ"ର ଉନ୍ମେଷ ଓ ବ୍ୟାପ୍ତି, ମିଥ୍, କିମ୍ବଦନ୍ତୀ, ନାଁ' ଦିଆ, ଢଗଢମାଳି ଓ କଥାନୀକୁ ନେଇ ସମୃଦ୍ଧ। ଏଥି ସହ ଆଦିବାସୀ ଲୋକସାହିତ୍ୟର ବଳିଷ୍ଠ ବିଭବ ଲୋକଗୀତର ଦେଞ୍ଚୀ ଜୁଆରନୀ, ବନ୍ଦନା, ଜୀବନ ଧର୍ମୀ ଗୀତ, ଶୃଙ୍ଗାର ଧର୍ମୀ ଗୀତ, କ୍ରୀଡ଼ା ଗୀତିକା, କୃଷି ଗୀତିକା ଭଳି ଲୋକଗୀତର ଚର୍ଚ୍ଚା ମଧ୍ୟ ପୁସ୍ତକଟିକୁ ଗବେଷକମାନଙ୍କ ପାଇଁ ଉପାଦେୟ କରି ପାରିଛି । ରସ ପିପାସୁ ପାଠକଙ୍କ ପାଇଁ ଲେଖକଙ୍କ ପୁସ୍ତକରେ ସ୍ଥାନିତ ଗୋଟିଏ ମାନବଧର୍ମୀ ଲୋକଗୀତକୁ ଏଠାରେ ଉଦ୍ଧୃତ କରିବା ଉଚିତ ମନେ କରୁଛି। ଗୀତଟି ଏହିପରି -

"ଆଦନ ଦାରୁ କି ଧଅଁଡା ଦାରୁ, ଗୋଟେକ ଆନ୍ତରା ବାରୁ
"

ଏହାର ଅର୍ଥ ଆଦନ ଗଛର ଗଣ୍ଡି ହେଉ କି ଧଅଁଡା ଗଛର ଗଣ୍ଡି, ଆମେ ସେଗୁଡିକ ଅଲଗା ଅଲଗା ରଖି ନିଆଁ ନ ଜାଳି ସେଗୁଡିକ ଏକାଠି ରଖି ନିଆଁ ଜାଳିବା ଓ ସମସ୍ତେ ତା' ଚାରିପାଖରେ ବସି ନିଆଁ ପୋଇଁବା। ଏହା "ବସୁଧୈବ କୁଟୁମ୍ବକମ୍"ର ବାର୍ତ୍ତା ପ୍ରଦାନ କରୁନାହିଁ କି !

ସେହିଭଳି ଆଉ ଏକ ପଦ ଶୃଙ୍ଗାରଧର୍ମୀ ଲୋକଗୀତରୁ -

ବାଟର ଘାଟର ଭେଲୁଆ ମୁଣ୍ଡି
ଶୁଆ ଖାଇଗଲେ ରୁଣ୍ଡି
ତୁଇ କେତେଦିନ ଥିବୁ ବାଲୁତଡିଣ୍ଡି
ଏବେ ଆସାନି ପଇସା ମୁଣ୍ଡି

ଅର୍ଥାତ ବାଟଘାଟରେ ଫଳିଥିବା ଜଙ୍ଗଲୀ ଭାଲିଆକୁ ଶୁଆମାନେ ଖାଇଗଲା ପରି ତୁ' କାଳେ ଯୁବକମାନଙ୍କ ଲୋଲୁପ ଦୃଷ୍ଟିରେ ପଡି ନଷ୍ଟ ହେଇଯିବୁ,ଏଣୁ ତୁ' ଆଉ ବେଶୀ କାଳ ଅଭିଆଡ଼ି ନ ରହି ଘର ସଂସାର କରିବା ପାଇଁ ମୋ ପାଖକୁ ଚାଲିଆ।

ଏହି ଭଳି ଅନେକ ଲୋକଗୀତ ଓ ଗୀତର ଅର୍ଥକୁ ପୁସ୍ତକରେ ସୁନ୍ଦର ଭାବରେ ଉଲ୍ଲେଖ କରିଛନ୍ତି ଲେଖକ ସାଇମନ ବିଡିକା। ଏତଦ୍ ବ୍ୟତୀତ ପରିଚ୍ଛେଦରେ ଅନେକ ରୋମାଞ୍ଚକର କିମ୍ବଦନ୍ତୀ,ମିଥ୍ ଓ ଲୋକକଥା ମଧ୍ୟ ସନ୍ନିବେସିତ, ଯାହାକି ରୋମାଞ୍ଚକର ଓ ସୁଖ ପାଠ୍ୟ।

ଆଦିବାସୀ ଅଂଚଳର ସ୍ୱତନ୍ତ୍ର ବ୍ୟଞ୍ଜନ ଆମ୍ ଟ, ବଡା ଛତୁ, ଶୁକ୍ସି, ଚାପଡ଼ା ଆଦିର ସଂଗ୍ରହ, ପ୍ରକ୍ରିୟାକରଣ, ପ୍ରସ୍ତୁତିପ୍ରଣାଳୀ ଓ ଉପାଦେୟତାକୁ ଲେଖକ ବହିର ପଞ୍ଚମ ପରିଚ୍ଛେଦରେ ବିସ୍ତୃତ ଭାବେ ବର୍ଣ୍ଣନା କରିଛନ୍ତି । ବର୍ତ୍ତମାନ ସମୟରେ ସରକାର ପ୍ରାଧାନ୍ୟ ଦେଉଥିବା ମିଲେଟ୍ ମିଶନ୍ ଓ ଆଧୁନିକ ସହରୀ ମଣିଷ ଖୋଜୁଥିବା ଜୈବିକ ଖାଦ୍ୟ ଆଦିବାସୀଙ୍କ ଖାଦ୍ୟ ଶୈଳୀରେ କାହିଁ କେତେ ଯୁଗରୁ ସାମିଲ ହୋଇ ସାରିଛି । ଏହାର ବିସ୍ତୃତ ପ୍ରମାଣ ପାଇ ପାରିବା ଏହି ବହିଟିରେ ।

ଷଷ୍ଠ ଓ ଅନ୍ତିମ ପରିଚ୍ଛେଦରେ ଲେଖକ ନବରଙ୍ଗପୁର ଜିଲ୍ଲା ସ୍ଥିତ ଉମରକୋଟ ନିକଟବର୍ତ୍ତୀ ପୋଡାଗଡ଼ ଯାହାର ପୂର୍ବ ନାମ " ପୁଷ୍କରି "ର ଇତିହାସ ଓ ଐତିହ୍ୟକୁ ସ୍ଥାନିତ କରିଛନ୍ତି। ଐତିହାସିକ ତଥ୍ୟ ଅନୁସାରେ ନଳ ସାମ୍ରାଜ୍ୟର ରାଜଧାନୀ ଥିଲା ପୁଷ୍କରି । "ଶୈଳ ଶିଖର ପୋଡାଗଡ ଇତିହାସ ଓ ଐତିହ୍ୟ" ଶୀର୍ଷକରେ ଏହାର ବର୍ଣ୍ଣନା ମଧ୍ୟ ରହିଛି । ଏହି ଐତିହାସିକ କିମ୍ବଦନ୍ତୀ କୁ ଆହୁରି ପରିପୁଷ୍ଟ ତଥା ପ୍ରାଞ୍ଜଳ କରୁଛି ପୁସ୍ତକର ଶେଷ ଅନୁଚ୍ଛେଦଟି।

ସାଇମନ ବିଡ଼ିକାଙ୍କ ଦ୍ୱାରା ଲିଖିତ ୩୮୮ ପୃଷ୍ଠା ବିଶିଷ୍ଟ ସଚିତ୍ର ପୁସ୍ତକ "ଆଦିବାସୀ ଲୋକସାହିତ୍ୟ ଓ ସାଂସ୍କୃତିକ ପରମ୍ପରା "ପାଠ କଲେ ଆଦିବାସୀ ଜନଜୀବନ, ସେମାନଙ୍କ ସାମାଜିକ ଚଳଣି, ନୃତ୍ୟ, ଗୀତ, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଧର୍ମଧାରଣାକୁ ସହଜରେ ଜାଣି ହୁଏ । ପୁସ୍ତକରେ ଉଲ୍ଲେଖ ଥିବା ଐତିହାସିକ, ପୌରାଣିକ, ସାମ୍ବିଧାନିକ ତଥ୍ୟ ପାଠକ, ଗବେଷକ ଓ ଶିକ୍ଷା ନଞ୍ଜୀଶମାନଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ। ଲେଖକ ସାଇମନ ବିଡ଼ିକାଙ୍କ ଦୀର୍ଘ ବର୍ଷର ଗବେଷଣା ଲବ୍ଧ ଏହି ପୁସ୍ତକ ପାଠକୀୟ ଆଦୃତ୍ତି ଲାଭ କରି ଚର୍ଚ୍ଚାର ପରିସର ମଧ୍ୟରେ ରହିଥିବା ମଧ୍ୟ ଜଣାଯାଏ।

ତେବେ ଯେହେତୁ କେବଳ ନବରଙ୍ଗପୁର ଜିଲ୍ଲା ମାତ୍ରରେ ଲେଖକ ଆଲୋଚନା କରିଥିବା ଜନଜାତି ସୀମିତ ନୁହଁନ୍ତି ତେଣୁ ରାଜସ୍ୱ ଜିଲ୍ଲା ନବରଙ୍ଗପୁରକୁ ଗବେଷଣାର ପରିଧି ମଧ୍ୟରେ ରଖିବା ହୁଏତ ପୁସ୍ତକଟିର ସୀମିତତା ବୋଲି ଆମେ କହି ପାରିବା। ଅବଶ୍ୟ ଏଭଳି ଏକ ବିସ୍ତୃତ ଓ ବ୍ୟାପକ କ୍ଷେତ୍ରରେ ଗବେଷଣାରେ ଯଥେଷ୍ଟ ସମୟ, ଅର୍ଥ ଓ ଶ୍ରମର ଆବଶ୍ୟକତା ରହିଥାଏ । ଯାହା ଅନେକାଂଶରେ ଲେଖକ ସଫଳତାର ସହ କରି ପାରିଛନ୍ତି ।

ଏତଦ୍ ବ୍ୟତୀତ ଆଦିବାସୀ ସଂସ୍କୃତି ମୁଖ୍ୟତଃ ଲୋକମୁଖି ଓ ବାଚନିକ ହୋଇଥିବାରୁ ଏହାର ଲିଖିତ ତଥ୍ୟ, ପୁସ୍ତକ ବା ପ୍ରମାଣ ପାଇବା ଓ ଖୋଜିବା କେବଳ କଷ୍ଟ ସାଧ୍ୟ ନୁହେଁ ବରଂ ଅନେକାଂଶରେ ଅସମ୍ଭବ ମଧ୍ୟ । ସୁଉଚ୍ଚ ପାହାଡ ଓ ସୁଘଞ୍ଚ ଜଙ୍ଗଲ ମଧ୍ୟରେ ବସବାସ କରୁଥିବା ଅନ୍ଧାରୀ ମୂଳକ ମାନଙ୍କରୁ ଆଲୁଅ ଖୋଜି ଆଣି ଲିପିବଦ୍ଧ କରିବା ଯେତିକି କଷ୍ଟ ସାଧ୍ୟ ସେତିକି ବିପଦ ପୂର୍ଣ୍ଣ। ଏ କାର୍ଯ୍ୟଟିକୁ ସ୍ଥାନୀୟ ନିବାସୀ ତଥା ସେଇ ସମାଜର ଜଣେ ଭାବରେ ଲେଖକ ଶ୍ରୀ ସାଇମନ୍ ବିଡିକା ଅନେକାଂଶରେ ସିଦ୍ଧ କରି ଦେଖାଇଛନ୍ତି ଏ ପୁସ୍ତକଟିରେ ତଥାପି ଅନେକ ତଥ୍ୟ ଓ ତତ୍ତ୍ୱ ଏବେ ସୁଦ୍ଧା ଗବେଷକମାନଙ୍କ ପଡା ଟେବୁଲ୍ ର ଆଲୁଅ ଦେଖିବାକୁ ଅପେକ୍ଷାରେ ରହିଛନ୍ତି ।" ନବରଙ୍ଗପୁର ଆଦିବାସୀ ଲୋକ ସାହିତ୍ୟ ଓ ସାଂସ୍କୃତିକ ପରମ୍ପରା " ଏଭଳି ଆଉ ଏକ ପୁସ୍ତକ ଓ ନୂଆଁ ଗବେଷକଙ୍କ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବାରେ ସହାୟକ ହେବ, ନିଃସନ୍ଦେହ ।

ବହିଟି ବହୁଳ ପାଠକୀୟ ଆଦୃତି ଲାଭ କରି ସାରିଛି ଓ ଭବିଷ୍ୟତରେ ଏହା ବାରମ୍ବାର ଖୋଜା ଯାଉଥିବ ।

□□□

ସାକ୍ଷାତକାର

INTERVIEW

ଲୋକସଂସ୍କୃତି ଗବେଷକ ନିରଞ୍ଜନ ଖୁଣ୍ଟିଆଙ୍କ ସହିତ ଆଳାପ

୧. ଲୋକସଂସ୍କୃତି ଗବେଷଣା ସହ ନିଜକୁ କିପରି ଯୋଡ଼ିଲେ ?

ଉ- ମୋ ଗାଁ ଅଯୋଧ୍ୟା ଏହି ଅଯୋଧ୍ୟା ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ନୀଳଗିରି ବ୍ଲକରେ ଅବସ୍ଥିତ ଏକ ପ୍ରସିଦ୍ଧ ବୌଦ୍ଧପୀଠ, ଜୈନପୀଠ, ଶୈବପୀଠ ଓ ତନ୍ତ୍ରପୀଠ। ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିରୁ ଆଜି ଏହା ଗୋଟିଏ ପର୍ଯ୍ୟଟନ କ୍ଷେତ୍ର। ଏହି ଗାଁକୁ ଲାଗି କେତେକ ଆଦିବାସୀ ଗାଁ ରହିଛି। ମୋ ଗାଁର ପର୍ବପର୍ବାଣି, ଯଥା ପଟଘର ଓ ପାଟଘରର ଢୁଣ୍ଡୁକୋଇଲା ଗୀତ ଝାମୁ ଯାତ୍ରାର ଭଗତାଙ୍କର ଗୀତ, ପୁଣି କେତେବେଳେ ଚଢ଼େଇଆ ଚଢେୟାଣୀ ନାଟ, ଗାଁର ସାହି ଝିଅମାନଙ୍କର ତପୋଇ ଓଷା କୁମାର ପୂର୍ଣ୍ଣିମା, ଦଶହରାରେ ଲାଖ ବିନ୍ଧା, ଗୁରୁବାର ଓଷା, ଅଗିର ପୂର୍ଣ୍ଣିମାରେ ଅଗ୍ନି ଉତ୍ସବ ଓ ହୋଲି ପର୍ବ। ଗାଁ ପାଖ ଆଦିବାସୀମାନଙ୍କର ଝୁମର, ଦୀଶାଏଁ ନୃତ୍ୟ ସହିତ ବିଭିନ୍ନ ପର୍ବ ଓ ଉତ୍ସବରେ ସେମାନଙ୍କର ଢେମସା ଓ ମାଦଳ ନୃତ୍ୟ। ଏହା ବ୍ୟତୀତ ଆଦିବାସୀ ତରୁଣୀ ଓ ମହିଳାମାନଙ୍କର ବେଶଭୂଷାର ଶୈଳୀ ସହିତ ତାଙ୍କର ଗୃହର ସାଜସଜ୍ଜା ଯାହା ବିଭିନ୍ନ ରଙ୍ଗର ମାଟିରେ ଲିପା ହୋଇଥାଏ। ଆଦିବାସୀର ବଂଶୀ ଓ କେନ୍ଦରା ବଦନର ମାଧୁର୍ଯ୍ୟ ଅତ୍ୟନ୍ତ ଚମତ୍କାର ବିଭିନ୍ନ ପର୍ବପର୍ବାଣୀରେ ଆଦିବାସୀ ମହିଳାଙ୍କର ଲଳିତ୍ୟପୂର୍ଣ୍ଣ ସଙ୍ଗୀତର ଲହର ଅତୀବ ମନ ଛୁଆଁ ଏତଦ ବ୍ୟତୀତ ମୋ ବାପା ରାଧାମୋହନ ଖୁଣ୍ଟିଆ ଜଣେ ଝୁମର ଓସ୍ତାଦ ଥିଲେ ସେ ଜଣେ ଦକ୍ଷ ମାଦଳ ଓ ପଙ୍ଖବାଜ ବାଦକ ଥିଲେ। ଜନଜୀବନରେ ଏସବୁର ଅଭିବ୍ୟକ୍ତି ସ୍ୱତଃସ୍ଫୁର୍ତ ଭାବରେ ହୋଇଥାଏ। ଆଦିବାସୀର ଜୀବନର ଆନନ୍ଦ ଓ ସୌନ୍ଦର୍ଯ୍ୟର ଆଧାର ମନୋଜ୍ଞ ପ୍ରକୃତିର ପରିବେଶ। ପିଲାଟି ଦିନରୁ ଏହି ଆଦିବାସୀମାନଙ୍କ ସହିତ ଅତି ନିବିଡ଼ ଭାବରେ ମିଶିଛି। ସେମାନଙ୍କର ସରଳ ଓ ଅକୃତ୍ରିମ ଜୀବନ ମୋତେ ବେଶୀ ଆକୃଷ୍ଟ କରିଛି। ସେମାନଙ୍କ ଜୀବନର ଦୁଃଖ ଅଶିକ୍ଷା ଓ ଅବହେଳିତ ଅବସ୍ଥା ମୋତେ ଖୁବ ବ୍ୟଥିତ କରିଥାଏ। ତେଣୁ ପ୍ରଥମେ ସେମାନଙ୍କୁ ଶିକ୍ଷା ଦିଗକୁ ଆକୃଷ୍ଟ କରିବାକୁ ନିଜେ କେତେକ ଆଦିବାସୀ ପିଲାଙ୍କୁ ନିଜେ ପାଠ ପଢାଇଲି। ତତ୍ପରେ ୧୯୭୯ ମସିହାରେ ଗାଁରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କଲି। ଏହି ସ୍କୁଲରେ ଆଦିବାସୀ ପିଲାମାନେ ନିଃଶୁଳ୍କ ଭାବରେ ପାଠ ପଢିଲେ।

ଇତି ମଧ୍ୟରେ ଅଧ୍ୟାପକ ଚିତ୍ତରଞ୍ଜନ ଦାସଙ୍କ ସହ ସମ୍ପର୍କ ହେଲା ସେ ଏହି ପୂର୍ଣ୍ଣାଙ୍ଗ ବିଦ୍ୟାଳୟକୁ ବାରମ୍ବାର

ଆସିବାକୁ ଲାଗିଲେ। ଆଦିବାସୀ ପିଲାଙ୍କ ଗହଣରେ ରହିଲେ। ଏହି ସମୟରେ ଚିତ୍ତ ଭାଇ ଆଦିବାସୀ ମଣିଷଙ୍କ ଉପରେ ଗବେଷଣା କରିବାକୁ କହିଲେ ତାଙ୍କଠାରୁ ପ୍ରେରଣା ପାଇଲି ଏବଂ ବଳ ଓ ସାହସ ମଧ୍ୟ ପାଇଲି ଏ ଦିଗରେ ମୋର ପୂର୍ବ ଅନୁଭୂତି ଗୁଡ଼ିକ ମୋତେ ଅଧିକ ସଚଳ ଓ ଗତିଶୀଳ କଲା ଯାହା ଆଜି ପର୍ଯ୍ୟନ୍ତ ମୋ ଭିତରେ ଜୀବନ୍ତ ହୋଇ ରହିଛି।

୨. ଜନଜାତି ଗବେଷଣା ସହିତ ଆପଣ ପ୍ରସ୍ତୁତ କରିଥିବା କଳାକୃତିଗୁଡ଼ିକ କିପରି ସମ୍ପର୍କିତ ?

ଉ- ମୋର ଜନଜାତି ଗବେଷଣା ଭିତରେ ସେମାନଙ୍କର ସଂସ୍କୃତି, ଭାଷା, ପରମ୍ପରା ଓ ଧର୍ମ ମୁଖ୍ୟ ହୋଇରହିଛି। ଏବଂ ଏସବୁ ଯେ ସେମାନଙ୍କର ଜୀବନ ସହିତ ଜଡ଼ିତ ସେଥିରେ ସନ୍ଦେହ ନାହିଁ। କାଠରେ ନିର୍ମିତ ମୋର କଳାକୃତି ଯାହାକୁ wild wooden art କିଏ ବି କୁହନ୍ତି। ଏହି କଳାକୃତି ଗୁଡ଼ିକ ଜନଜାତିଙ୍କର ଜୀବନ ସଂସ୍କୃତି ଓ ପରମ୍ପରା ସହିତ ସମ୍ପର୍କିତ। ପୁଣି ଜନଜାତି ମଣିଷର ସ୍ୱଭାବ, ସ୍ୱଧର୍ମ, ସ୍ୱାଧୀନତା ଓ ପ୍ରେମର ପରିଭାଷା ଗୁଡ଼ିକ ଏହି କଳା କୃତିରେ ସୂକ୍ଷ୍ମ ପରିପ୍ରକାଶ ଘଟିଛି। ଟା ଜୀବନର ଦୁଃଖ ପୁଣି ଅନବରତ ଆନନ୍ଦ ଭାବ ମଧ୍ୟ ଏହି କଳାକୃତିରେ ଫୁଟି ଉଠିଛି। ପୁଣି ତା'ର ପରିବାର ବା ସମାଜ ଯେ ଏକ ମାତୃକୈନ୍ଦ୍ରିକ ପରିବାର ବା ସମାଜ ତାହାର ଚିତ୍ର ମଧ୍ୟ ଅଭିବ୍ୟକ୍ତ ହୋଇଛି ତା'ର ବ୍ୟକ୍ତିତ୍ୱ ଓ ଚରିତ୍ରରେ ଆବେଗମୟ, ରସବୋଧ ସହିତ ସୌନ୍ଦର୍ଯ୍ୟବୋଧ ମଧ୍ୟ ପ୍ରକାଶିତ ହୋଇଛି। ପ୍ରତିଟି କଳାକୃତିର ଭାବଭଙ୍ଗୀ, ଠାଣି ଓ କର୍ତ୍ତବ୍ୟବୋଧର ଦୃଷ୍ଟିଭଙ୍ଗୀ ମଧ୍ୟ ପ୍ରକାଶିତ। ତାହା ଜଣେ ଢେମସା ପିଟାଳି ହେଉ କି ମାଦଳ ବାଦକ ହେଉ କିମ୍ବା ଜଣେ ତା'ର ଢଙ୍ଗିଡ଼ି ସହ ବଂଶୀ ବଜାଇ ହେଉ ଅବା ଶିକାରୀଟିଏ ହେଉ- ଏମିତି ପ୍ରତ୍ୟେକଟି କାଠର କଳାକୃତିରେ ଫୁଟି ଉଠିଛି । ମୋର ଗବେଷଣା ସହିତ ଏଗୁଡ଼ିକ ଏଇ ଦୃଷ୍ଟିକୋଣରୁ ସମ୍ପର୍କିତ।

୩. ଗବେଷଣା କାଳରେ ଆପଣଙ୍କୁ ଅତ୍ୟନ୍ତ ପ୍ରଭାବିତ କରିଥିବା ଘଟଣାଟିଏ ଉଲ୍ଲେଖ କରନ୍ତୁ।

ଉ- ଆଦିବାସୀମାନଙ୍କର ସେଦିନ ଥାଏ ପୁଷପରବ । ଏହି ପର୍ବଟି ନୀଳଗିରିର ସ୍ୱର୍ଣ୍ଣଚୂଡ଼ ଶୈଳ ଶ୍ରେଣୀର ପଶ୍ଚିମପଟ ପଦଦେଶରେ ଅବସ୍ଥିତ ଶାଳବଣି ଆଉ ଡମ୍ବୁରଘାଟି ଗାଁ ଉତ୍ସବମୁଖର ହୋଇଉଠିଥିଲା। ନିମନ୍ତ୍ରିତ ଅତିଥି ଭାବରେ ମୁଁ ମୋସାହିତ "ମୌନଧ୍ୱନୀ"ର ସଞ୍ଚାଳକ ଶ୍ରୀଯୁକ୍ତ ଗୋବିନ୍ଦ ଦଳେଇ ଓ ବାଲେଶ୍ୱରର ବିଶିଷ୍ଟ ଆଇନଜୀବୀ ଶ୍ରୀଯୁକ୍ତ ଶମ୍ଭୁ ମହାନ୍ତି ଯୋଗ ଦେଇଥିଲୁ। ସର୍ବପ୍ରଥମେ ଆମକୁ ସ୍ୱାଗତ କରିଥିଲେ ପଦ ପ୍ରକ୍ଷାଳନ କରି ସାତଜଣ ଆଦିବାସୀ ବିବାହିତ ମହିଳା ଏକ ବିଚିତ୍ର ରୀତିରେ। ସତ ଜଣ ଧାଡ଼ି ହୋଇ ବସିଥାନ୍ତି ଏବଂ ସେମାନଙ୍କ ସାମ୍ନାରେ ଗୋଟିଏ ଗୋଟିଏ ପିଢା ପ୍ରତ୍ୟେକଙ୍କ ପଦାକୁ ଆଗ ଧୋଇ ତାପରେ ତେଲ ମିଶା ହଳଦୀରେ ମାଖିଲେ। ତତ୍ପରେ ପୁଣି ନିଟାରେ ଜଳଧରି ପଦାକୁ ଧୋଇ ସଫା ଲୁଗାରେ ପୋଛିଲେ ଏବଂ ପ୍ରଣାମ କଲେ। ଆମେ ସେଠାରୁ ଆସିଲୁ ସେମାନଙ୍କର ନୃତ୍ୟର ଆସାରକୁ । ସାନ୍ତାଳୀ ଓ ମୁଣ୍ଡାରୀ ଜନଜାତିଙ୍କର ପାରମ୍ପରିକ ନୃତ୍ୟ ସମାରୋହରେ ମୁଁ ଓ ଶମ୍ଭୁ ମହାନ୍ତି ଯୋଗଦେଲୁ ଏଥିରେ ସ୍ତ୍ରୀ ପୁରୁଷ ସମସ୍ତେ ନାଚୁଥିଲେ। ତତ୍-ପରେ ଆମେ ଡେମ୍ବୁରୁଘାଟିରେ ପହଁଚିଲୁ। ସେଠାରେ ଏହି ସମାନ ଅଭ୍ୟର୍ଥନ ପରେ ଆମେ ଆସନ ଗ୍ରହଣ କଲୁ। ଜଣେ ଆଦିବାସୀ ସ୍ତ୍ରୀଲୋକ ଆମକୁ ଶାଳପତ୍ର ଠୁଲି ଗୋଟିଏ ଦେଲେ ଏହାପରେ ଗୋଟିଏ ନଟାରୁ ରସି ଗଡେ ଆମର ଠୁଲି ପୂର୍ଣ୍ଣ କରିଦେଲେ। ରସି ଈଷତ ସଫା ପାଣି ପରି ଦେଖା ଯାଉଥିଲା। ଆମେ ତାହାକୁ ଅକୁଣ୍ଠ ପାନ କଲୁ। ମାଦଳ ବାଦ୍ୟ ସହିତ ନୃତ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଆମକୁ ଅଭ୍ୟର୍ଥନ କରାଗଲା। ପୁଷ ପରବ ଗୋଟିଏ ପାରମ୍ପରିକ ପରବ। ଏଥିରେ ମୁଁ ଅତ୍ୟନ୍ତ ପ୍ରଭାବିତ ହୋଇଥିଲି। ଆଜିପର୍ଯ୍ୟନ୍ତ ମଧ୍ୟ ସେମାନଙ୍କ ସହିତ ଆନ୍ତରିକ ସମ୍ପର୍କ ରହିଛି। ମୁଁ ଏହାର ସାମାଜିକ ବୈଶିଷ୍ଟ୍ୟକୁ ଗଭୀର ଭାବରେ ଉପଲବ୍ଧି କରିଥିଲି। ସମ୍ପର୍କର ସେତୁ କିପରି ତିଆରି ହୁଏ ଏହା ଏକ ଜ୍ୱଳନ୍ତ ନିଚ୍ଛକ ଦୃଷ୍ଟାନ୍ତ।

୪. ଜନଜୀବନ ଅଧ୍ୟୟନ ସମୟରେ ଆପଣ କେଉଁସବୁ ଦିଗଗୁଡ଼ିକୁ ଗୁରୁତ୍ୱ ଦେଇଥାନ୍ତି ?

ଉ- ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବାସ୍ତବରେ ଜନଜୀବନ ଅଧ୍ୟୟନ ପାଇଁ କ୍ଷେତ୍ରଟିକୁ ବାଛିବାକୁ ପଡ଼େ। ସେହି ସ୍ଥାନର ଭୌଗୋଳିକ ଐତିହାସିକ, ସାମାଜିକ ଓ ସାଂସ୍କୃତିକ ବତାବରଣ ସମ୍ପର୍କରେ ଅବଗତ ହେବା ଅଞ୍ଚଳର ଆଞ୍ଚଳିକ ଲୋକଧାର ଓ ଲୋକଜୀବନ ସମ୍ପର୍କରେ ଅବଗତ ହେବାକୁ ପଡିଥାଏ। ଆପାତତଃ ମୋର ଗବେଷଣା ଅବ କ୍ଷେତ୍ର ଅଧ୍ୟୟନ ସହ୍ୟ ବିଷୟର ସ୍ୱରୂପ, ଆଧାର, ରୂପରୂପାନ୍ତର ଅବା ପ୍ରକଭେଦକୁ ଭିତ୍ତିକରି ଏକ ନିର୍ଣ୍ଣାୟକ ରୂପ ନେଇଥାଏ। ଏଥିପାଇଁ ସ୍ଥାନୀୟ ଭାଷା ବିଷୟରେ ଧାରଣ ଅର୍ଜନ କରିବା ଦରକାର। କାରଣ ଲୋକବିଦ୍ୟା ବା ସଂସ୍କୃତିର ବିବିଧ ରୂପ ଲୋକମାନସର ପରମ୍ପରାରୁ ସୃଷ୍ଟି ହୋଇଥାଏ। ମୋର ଅଧ୍ୟୟନର କ୍ଷେତ୍ର ଆମ ଅଞ୍ଚଳର କୋହ୍ଲ, ସାନ୍ତାଳ, ମୁଣ୍ଡାରୀ ଜନଜାତି ବ୍ୟତୀତ ଓଡ଼ିଶାର ଅନ୍ୟ ଜାତିଙ୍କର ଜୀବନଧାରାକୁ ଆଧାର କରି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଲୋକଜୀବନ ଧାରା ସହିତ ପରିଚିତ ହେବା ଏବଂ ଅକପଟ ଭାବରେ ସେମାନଙ୍କ ସହିତ ଆନ୍ତରିକ ସମ୍ପର୍କ ସ୍ଥାପନ କରିବା। ଏଣୁ ସେମାନଙ୍କର ମାନସିକ ଭାବାବେଗକୁ ସମ୍ମାନ ଦେବାକୁ ହୋଇଥାଏ। ମୋ କ୍ଷେତ୍ରରେ ସେମାନେ କେବେବି ଭାବନ୍ତି ନହିଁ ଯେ ମୁଁ ସେମାନଙ୍କୁ ଘୃଣା କରୁଛି। ଏଣୁ ସେହି କ୍ଷେତ୍ରର ଲୋକବିଶ୍ୱାସ, ଧର୍ମାଚାର ଓ ପୂଜା ପଦ୍ଧତି ପ୍ରତି ସମ୍ମାନ ଦେବା ଜରୁରୀ। ପୁଣି ସେମାନଙ୍କ ସହ ମିଶିବ ଭିତରେ ପାତ୍ର ଭିତ୍ତିକ ଜ୍ଞାନ ହାସଲ କରିବାକୁ ପଡ଼େ ଏହାଦ୍ୱାରା ସାକ୍ଷାତକାର ମାଧ୍ୟମରେ ମୋର ଆବଶ୍ୟକୀୟ ତଥ୍ୟ ଜାଣିବାକୁ ସହଜ ହୋଇଥାଏ। ଆଦିବାସୀ ଚିରାନ୍ତନୀ ସନାତନ ଧର୍ମର। ପୁଣି ମାନବୀୟ ଚେତନାର ମୂଳ ପୃଷ୍ଟପୋଷକ। ସେ ନିଜେ ସୃଷ୍ଟି କରିଛି ତାର ଧର୍ମ, ସଂସ୍କୃତି, ରୀତି, ଆଦର୍ଶ ଆଉ ପର୍ବପର୍ବାଣୀ ଏବଂ ସେ ପ୍ରକୃତି ପରି ସରଳ ଶାନ୍ତ ଓ ସ୍ନିଗ୍ଧ ଅଧ୍ୟୟନ କ୍ଷେତ୍ରରେ ଏଥିପ୍ରତି ଅଧିକ ଗୁରୁତ୍ୱ ଦେବାକୁ ପଡ଼ିଥାଏ।

୫. ଆପଣଙ୍କ ଗବେଷଣାର ପ୍ରାୟୋଗିକ ଦିଗଗୁଡ଼ିକ କଣ ହୋଇପାରେ ?

ଉ- ମୋ ଗବେଷଣାର ପ୍ରାୟୋଗିକ ଦିଗ ମୋର ନିଜସ୍ୱ ବିଚାର ଭିତରେ ସୀମାବଦ୍ଧ। କାରଣ ଲୋକସଂସ୍କୃତି ସହ ଯୋଡି ହେବା ସହିତ ତାକୁ ଅଧ୍ୟୟନ କରିବା ମୋର ଏକ ରୁଚି। ଏଣୁ ଗବେଷଣାର ପ୍ରାୟୋଗିକ ଦିଗ ଦୃଷ୍ଟିରୁ ଜନଜାତି ଜୀବନ ଓ ଲୋକସଂସ୍କୃତି ସହ ଯୋଡି ହେବା ଏବଂ ଲୋକ ଭାଷାକୁ ଗବେଷଣାର ପରିସର ଭିତରକୁ ଆଣିବା ମୋର ପଦ୍ଧତି ପୁଣି ଜନଜୀବନର ବିବିଧ ସୋପାନ ଭେଦରେ ଲୋକସଂସ୍କୃତି କି ଭାଷା ଅବା କଳାକୁ ତୁଳନାତ୍ମକ ଭାବରେ ବିଚାର କରିବାକୁ ପଡ଼ିଛି। ଏହାର ଆବଶ୍ୟକତା ମଧ୍ୟ ରହିଛି। ଆଉ ଗୋଟିଏ ମନସାତ୍ତ୍ୱିକ ଦିଗକୁ ମଧ୍ୟ ଏକ ପ୍ରାୟୋଗିକ ଦିଗ ଭାବରେ ଗ୍ରହଣ କରିଛି। ନୃତ୍ୟ, ସଙ୍ଗୀତ, କଳା, ଲୋକକଥା, ଧର୍ମ, ରୀତିନୀତି ଓ ସାମାଜିକ ପରମ୍ପରା ଗୁଡ଼ିକ ସହିତ ଜୀବନର ସମ୍ପର୍କ ତଥା ତାର ମୂଲ୍ୟବୋଧ ଭିତ୍ତିକ ବିଶ୍ଲେଷଣ ବି କରିବାକୁ ପଡ଼େ। ପ୍ରାଚୀନ ପ୍ରଥା, ବିଶ୍ୱାସବୋଧ ଓ ଲୋକଚଳଣି ଆଦିର ମନୋବିଶ୍ଲେଷଣରେ ଅନେକ କିଛି ଜାଣି ହୁଏ । ଲୋକବିଦ୍ୟାର ବ୍ୟବହାରୀକ ମୂଲ୍ୟ ଓ ମର୍ଯ୍ୟାଦା ରହିଛି। ଏହା ଏକ ସାମାଜିକ ପ୍ରୟୋଜନ ବା ଉପାଦାନ। ଏହା ସହିତ ଲୋକସଂସ୍କୃତି ମଧ୍ୟ ଜଡ଼ିତ ନିବିଡ଼ ଭାବରେ। ଜନଜୀବନରେ ଏହାର ଉପଯୋଗୀତାକୁ ଅଧ୍ୟୟନ କରିବାରେ ବହୁମୂଖୀ ପ୍ରସଙ୍ଗର ପରିଚୟ ମିଳେ। ସରଳ ଜନଜାତି ମଣିଷର ଅଭିବ୍ୟକ୍ତି ଅକୃତ୍ରିମ ତଥା ସ୍ୱତଃସ୍ଫୂର୍ତ ଏବଂ ଏହା ଲୋକ ବିଦ୍ୟାର ରୂପ ଗ୍ରହଣ କରେ। ସେଇ ମଣିଷମାନଙ୍କର ସୌନ୍ଦର୍ଯ୍ୟ ଦର୍ଶନ ଓ ରସତତ୍ତ୍ୱ ଲୋକବିଦ୍ୟାର ଶିଳ୍ପ ମୂଲ୍ୟକୁ ସ୍ୱୀକାର କରିଥାଏ। ଏହି ମଣିଷଙ୍କର ବୋଧ, ଆବେଗ ଓ ଅନୁଭୂତିର ଅଭିବ୍ୟଞ୍ଜନ ଲୋକବିଦ୍ୟାରେ ପରିଣତ ହୁଏ। ସଙ୍ଗୀତ, ନୃତ୍ୟ ଓ ଲୋକକଥାର ପ୍ରକାଶ ଭାଙ୍ଗିରେ ସୁଷମ ଓ ସୌଷ୍ଠବ ପ୍ରକାଶିତ ହୁଏ। ଏହା ମୂଳରେ ନିହିତ ଥାଏ ଲୌକିକ ସୌନ୍ଦର୍ଯ୍ୟବୋଧ ଓ ଶିଳ୍ପ ରସବିନ୍ୟାସର ବ୍ୟଞ୍ଜନା। ଏକ

ଏକ କଳା କୌଶଳର ଅଭିବ୍ୟକ୍ତି। ଏହାକୁ ପର୍ଯ୍ୟବେକ୍ଷଣ କରିବା ସମୟରେ ନିଜସ୍ୱ ଦୃଷ୍ଟିଭଙ୍ଗୀ ଓ ବିଚାରରେ ମୂଲ୍ୟାଙ୍କନ କରିଥାଏ। ତେବେ ସମାଜ ଓ ସଂସ୍କୃତି ସଙ୍ଗଠନରେ ଶ୍ରେଣୀ ଚେତନାର ପ୍ରତିରୂପକୁ ମଧ୍ୟ ଦେଖି ହୁଏ।

୬. ଅଣଆଦିବାସୀ ଭାବରେ ଏହି ଗବେଷଣା ସମୟରେ କେଉଁ ସବୁ ସମସ୍ୟାର ଆପଣ ସାମ୍ନା କରିଛନ୍ତି ?

ଉ- ମୁଁ ଜଣେ ଅଣଆଦିବାସୀ ମଣିଷ। ଯେତେବେଳେ ମୁଁ କୌଣସି ଆଦିବାସୀ ସମାଜର ପହଞ୍ଚିଛି। ସେମାନେ ପ୍ରଥମେ ସନ୍ଦେହ କରିଛନ୍ତି। ସେମାନଙ୍କର ଆଶଙ୍କା ଭିତରେ ମୁଁ କେଉଁ ଉଦ୍ଦେଶ୍ୟରେ ସେମାନଙ୍କର ସଂସ୍କୃତି, ଧର୍ମ, ସମାଜ ଓ ପରମ୍ପରାକୁ ଜାଣିବାକୁ ଚାହୁଁଛି। କିଏବି ଉପେକ୍ଷା କରିଛନ୍ତି, ଏବଂ କିଏବି ଏହି କାମପାଇଁ ମୂଲଚାଲ କରିଛନ୍ତି। କିନ୍ତୁ ଶେଷରେ କେତେକ ମୋତେ ସମ୍ପୂର୍ଣ୍ଣ ସହଯୋଗର ହାତ ବଢାଇ ଦେଇଛନ୍ତି। ବିଶେଷ କରି ମୋର କବିତାକୁ ନେଇ ଏକ ରେକଡ଼ିଂ କରିବାକୁ ଆମେ ପଦକ୍ଷେପ ନେଲୁ ଏହାକୁ ବି କିଏ ବିରୋଧ କଲେ। କାରଣ ମୋର କବିତା ମାନ ଆଦିବାସୀ ଭାଷା ସହିତ ଓଡ଼ିଆ ଓ ସମ୍ବଲପୁରୀ ଭାଷାର ସମିଶ୍ରଣରେ ରଚିତ। ଏହା ବତାବତଃ ଏକ 'ବାଇଲିଙ୍ଗୁଆଲ' ସଙ୍ଗୀତମାଳ। ଏଣୁ ଆଦିବାସୀ ଭାଷା ସହିତ କାହିଁକି ଅନ୍ୟ ଭାଷାକୁ ମିଶାଇ ଲେଖାଯାଇଛି ଯାହା ଆଦିବାସୀ ଭାଷା ପ୍ରତି ଏକ ଅବମାନନା ବୋଲୋ ବିଚାର କଲେ କିନ୍ତୁ ମୋର ଯୁକ୍ତି ଥିଲା ଆମ ଓଡ଼ିଆ ଭାଷା ସହିତ ଆଦିବାସୀ ଭାଷାକୁ ସ୍ୱୀକାର କରିବା ଏବଂ ତାକୁ ମର୍ଯ୍ୟାଦା ଦେବା। ଏହା ବ୍ୟତୀତ ଯେହେତୁ କେତେକ ଭାଷା କଥିତ ଭାଷାରୂପେ ଏ ପର୍ଯ୍ୟନ୍ତ ରହିଛି, ତେଣୁ ସେସବୁ ଭାଷାକୁ ସାହିତ୍ୟ ଭିତରକୁ ଆଣି ତାହାକୁ ବଞ୍ଚାଇ ରଖିବାର ପ୍ରୟାସ କରାଯାଇଛି। ଅନେକେ ବୁଝିଲେ, ଏବଂ ଗୀତା ମଧ୍ୟ ରେକଡ଼ିଂ ହେଲା। କିନ୍ତୁ ଆଉ କେତେକ କ୍ଷେତ୍ରରେ କେତେଜଣ ଅର୍ଥବ୍ୟବସ୍ଥାକୁ ଗୁରୁତ୍ୱ ଦେଇଥାନ୍ତି। ଅର୍ଥାତ ସେମାନେ ଅର୍ଥର ବିନିମୟରେ ତାଙ୍କ ସମାଜର କଥା କାହାଣୀ କି ଗୀତ ଇତ୍ୟାଦିକୁ ଦେବେ। ମୁଁ ଏଥିରେ ସମ୍ମତ ନଥିଲି ତଥାପି ରେକଡ଼ିଂ ସମୟରେ ମଦଳୀୟମାନେ ଅର୍ଥବିନିମୟରେ ମାଦଳ ବଜାଇଥିଲେ। ମୁଁ ତାଙ୍କର ସଂସ୍କୃତି ଓ ଭାଷାର ସୁରକ୍ଷାପାଇଁ ଯେ ଏହି କାର୍ଯ୍ୟ କରୁଛି ସେମାନେ ଏହାକୁ ବୁଝିନଥିଲେ ଏହା ଦୁର୍ଭାଗ୍ୟଜନନ ଓ ବିଡମ୍ବନାର ବିଷୟ।

୭. ଜନଜାତି ଗବେଷଣାରେ ନୂତନ ପୀଢିଙ୍କୁ କିପରି ଯୋଡ଼ାଯାଇ ପାରିବ ?

ଉ- ଜନଜାତି ଗବେଷଣା ପ୍ରତି ନୂତନ ପିଢିର ଉପେକ୍ଷା ଭାବ ବା ଉଦାସୀନ ମାନସିକତା କାହିଁକି ବୋଲି ପ୍ରଶ୍ନ ଆସେ। ଆଜି ଜଣେ ଆଦିବାସୀ ତରୁଣ ବା ତରୁଣୀ ନିଜକୁ ଆଦିବାସୀ ବୋଲି ପରିଚୟ ଦେବାକୁ କୁଣ୍ଠାବୋଧ କରୁଛି। ନିଜ ସମାଜ ଓ ଭାଷା ଅବା ସଂସ୍କୃତି ପ୍ରତି ସେମାନଙ୍କର ଏକ ତାତ୍ସଲ୍ୟ ଭାବ ମଧ୍ୟ ଅନୁଭୂତ ହୁଏ। ଆଧୁନିକତାର ସମ୍ପର୍କରେ ଆସି ସେମାନେ ଆପଣାର ଅସଲ ପରିଚୟ ପ୍ରତି ଅଶ୍ରଦ୍ଧା ପ୍ରକାଶ କରୁଛନ୍ତି। ମଣିଷର ଜୀବନରେ ଶ୍ରଦ୍ଧାର ଅଭାବ ଘଟିଲେ ତା ଭିତରେ ପରିଚୟର ଏକ ସଙ୍କଟ ସୃଷ୍ଟି ହୁଏ। ଆଦିବାସୀର ପରିଚୟ ସଙ୍କଟ ତାର ସଂସ୍କୃତି ଓ ତାର ସମାଜକୁ ଦିଗଭ୍ରଷ୍ଟ କରୁଛି। ଏହି ଦୃଷ୍ଟିରୁ ପ୍ରଥମତଃ ଆଦିବାସୀ ହିଁ ଆଦିମ କିନ୍ତୁ ଅନାର୍ଯ୍ୟ ନୁହେଁ। ତାହାର ସାଂସ୍କୃତିକ କାର୍ଯ୍ୟଧାରରେ ତାର ମୌଳିକ ବିଚାରର ଉପାଦାନ ନିହିତ ଯାହା ଜୀବନକୁ ସୌନ୍ଦର୍ଯ୍ୟମୟ ରସମୟ ଓ ଛନ୍ଦମୟ କରି ରଖିଥାଏ। ନୂତନ ପୀଢି ବୁଝୁ ତାର ସଂସ୍କୃତି, ଧର୍ମଧାରା, ଓ ଜୀବନଚାର୍ଯ୍ୟରେ ଯେଉଁ ବିଚିତ୍ରତା ରହିଛି ତାହା ମହାନ। ପ୍ରକୃତି ସହିତ ଆଦିବାସୀ ଜୀବନର ନିଗୂଢ ସମ୍ପର୍କର ତାତ୍ପର୍ଯ୍ୟ ପରିବେଶ ସୁରକ୍ଷାର ତତ୍ତ୍ୱ ନିହିତ ଯାହା ଅଦ୍ଭୁତ ଏବଂ ସ୍ୱୀକାର୍ଯ୍ୟ। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ସ୍ୱତନ୍ତ୍ର ପାଠ୍ୟକ୍ରମକୁ ସ୍ଥାନ ଦେବା ସହିତ ବିଭିନ୍ନ ସମୟରେ

ଜନଜାତି ଜୀବନ ସମ୍ବନ୍ଧୀୟ କାର୍ମଶାଳା ଅନୁଷ୍ଠିତ ହେବ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ଓଡ଼ିଆ ସାହିତ୍ୟରେ ଜନଜାତିର ଭାଷା, ପରମ୍ପରା ଓ ସାଂସ୍କୃତିକ ବିଭବ ତଥାପି ଆଛୁଆଁ ରହିଛି। ଜନଜାତି ଗବେଷଣାରେ ନୂତନ ପୀଢ଼ିକୁ ଯୋଡ଼ିବାପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନର ଆବଶ୍ୟକତା ରହିଛି। ସମତା ଓ ସମନ୍ୱୟଧର୍ମୀ କାର୍ଯ୍ୟକ୍ରମ ଜରିଆରେ ଆମେ ନୂତନ ପୀଢ଼ିକୁ ଆକୃଷ୍ଟ କରିପାରିବା ଏବଂ ସେମାନଙ୍କର ଯୋଗ୍ୟତା ଓ ସଫଳତାକୁ ସମ୍ମାନିତ କରିପାରିବ ଏହି ଦୃଷ୍ଟିରୁ ଫକୀରମୋହନ ବିଶ୍ୱବିଦ୍ୟାଳୟର 'ଉନ୍ନରୁମ' କାର୍ଯ୍ୟକ୍ରମ ଏକ ସ୍ୱତନ୍ତ୍ର କ୍ରାନ୍ତିକାରୀ ଯାତ୍ରା ଆରମ୍ଭ କରିପାରିଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏବଂ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ରଙ୍କର ଭୂମିକା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ।

୮. ସାମ୍ପ୍ରତିକ ସମୟର ଜନଜାତି ଗବେଷକଙ୍କ ପାଇଁ ଆପଣଙ୍କ ବାର୍ତ୍ତା କ'ଣ ରହିବ ?

ଉ- ଜନଜାତି ଗବେଷଣା ହୁଏତ ସହଜ ହୋଇପାରିବ, ଜଣେ ଗବେଷକ ସହଜ ଓ ସରଳ ହୋଇପାରିଲେ । ଏମାନଙ୍କର ଲୋକସଂସ୍କୃତି ଓ ଲୋକବିଦ୍ୟା ଅଥବା ଲୋକସାହିତ୍ୟ, ପରମ୍ପରା ଓ ଜନସ୍ମୃତିରେ ବଂଚିରହିଥାଏ। ଏହାହିଁ ତାହାର ଆଧାର ଭୂମି। କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ଏହାର ବିଲୋପ ମଧ୍ୟ ଘଟିଚାଲିଛି। ଏଣୁ ଏହାର ସୁରକ୍ଷା ପାଇଁ ଜନଜାତିର ଗବେଷଣା ଏକ ସ୍ୱତନ୍ତ୍ର ଆବେଦନକୁ ଅବା ଆହ୍ୱାନକୁ ଅପେକ୍ଷା ରଖେ। ସାମ୍ପ୍ରତିକ ସମୟରେ ଜନଜାତି ଗବେଷକଙ୍କପାଇଁ ଏହା ଏକ ସୁଯୋଗ। ତେବେ କ୍ଷେତ୍ର ଅଧ୍ୟୟନପାଇଁ ନିଜକୁ ସବୁଦିଗରୁ ତାଲିମ କରିବା ଏକାନ୍ତ ଜରୁରୀ। କାରଣ ଜନଜାତିର ଅନେକ ଲୋକକଥା ବା ରୀତିନୀତି ଯାହା ଗୋପନୀୟ ହୋଇଥାଏ। କେବଳ ସମାଜତାତ୍ତ୍ୱିକ ଦୃଷ୍ଟିକୋଣରୁ ନୁହେଁ, ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ମଧ୍ୟ ଜନଜାତି ଗବେଷଣାର ତାତ୍ପର୍ଯ୍ୟ ରହିଛି ସତ, ମାତ୍ର ଆପଣାର ଦୃଷ୍ଟିଭାଙ୍ଗିର ସ୍ୱଚ୍ଛତା ଉପରେ ମଧ୍ୟ ଏହା ନିର୍ଭର କରେ। ଯେଉଁଠି ସତ୍ୟକୁ ଉଦ୍ଘାଟନ କରିବାକୁ ପଡ଼େ, ସେଠି ବାସ୍ତବରେ ବ୍ୟବଚ୍ଛେଦ କରିବାକୁ ପଡ଼ିଥାଏ। ଏଇ ଯେ ବ୍ୟବଚ୍ଛେଦ ପ୍ରକ୍ରିୟା ନିଜର ଧୈର୍ଯ୍ୟ, ଶୃଙ୍ଖଳା, ସଂଯମ ଓ କାର୍ଯ୍ୟର ଶୈଳୀ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ। ଏହା ଏକ ଗଚ୍ଛିତ ଐଶ୍ୱର୍ଯ୍ୟ। ଏହାର ସନ୍ଧାନ କରି ଲୋକଲୋଚନକୁ ଆଣିବା ଜନଜାତି ଗବେଷକମାନଙ୍କର ଧର୍ମ ।

ଜାନୁଆରୀ-ମାର୍ଚ୍ଚ 2025

□□□

"ମନର ତୃପ୍ତିରେ ବିଚାର ବସେ କେଉଁ ଯାଦୁକର 'ଡୁମା' ଏସବୁ ଗଢିଛି,- ଆକାଶ ଆଉ ଜଙ୍ଗଲ, ସଞ୍ଜ ଆଉ ରାତି। କେଉଁ ଡୁମା ଆଣିଦିଏ ସୌଭାଗ୍ୟ ଆଉ ଆନନ୍ଦ। କିଏ ଆଣିଦିଏ ଝଡ଼ ତୋଫାନ, ଦୁଃଖ ଦୁର୍ଦ୍ଦଶା,- କିଏ ?"

- ପରଜା , ଗୋପୀନାଥ ମହାନ୍ତି

ଆମ ସହିତ ଯୋଡ଼ି ହୁଅନ୍ତୁ ଓ ନିଜର ମତାମତ ପ୍ରଦାନ କରନ୍ତୁ ।

ଇ-ମେଲ୍- sambeekshana@gmail.com

ଦୂରଭାଷ- +91 79789 03345

www.sambedasambeekshana.in